CMYK

- Vol.- 46, Issue No. 208
- Friday, 30 October 2026
- ଶୁକ୍ରବାର,୩୦ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ଦକ୍ଷିଣ ଓଡ଼ିଶା ଉବୁଟୁବୁ

ଗଂଜାମ ଓ ଗଜପତିରେ ଦୁର୍ଦ୍ଦଶା ବଢୁଛି

ବନ୍ୟା ଜଳ ଦେଖିବାକୁ ଯାଇ ଜଣେ ଭାସିଗଲେ

ଉତ୍ତରାଖଣ୍ଡ ଓ କେରଳ ଜଳପ୍ରଳୟ ପରି ଭ୍ରମ

କଳିଙ୍ଗା ଘାଟିରେ ଭୂସ୍ଖଳନ

ସମୀକ୍ଷା ସହ ସ୍ଥିତି ଉପରେ ମୁଖ୍ୟ ଶାସନ ସଚିବଙ୍କ ନଜର

ଗଂଜାମର ୬ ହଜାରରୁ ଅଧିକ ଲୋକ ସ୍ଥାନାନ୍ତରିତ

ଭୁବନେଶ୍ୱର/ରାୟଗଡା, ୨୯।୧୦: ବାତ୍ୟା 'ଅର୍ଣ୍ଣବ'ଚାଲିଯାଇଛି। ମାତ୍ର ଓଡ଼ିଶାର ବିଶେଷ କରି ଗଂଜାମ ଓ ଗଜପତିକୁ ନାହିଁ ନଥିବା ଦୁଃଖ ଦେଇଯାଇଛି।ଯେପରି ଉତ୍ତରାଖଣ୍ଡ ଓ କେରଳରେ ଜଳପ୍ରଳୟ ସୃଷ୍ଟି ହୋଇଥିଲା ଗଂଜାମ ସେହିପରି ଦୃଶ୍ୟ ଦେଖିବାକୁ ମିଳୁଛି। ବନ୍ୟା ଜଳ ଦେଖିବାକୁ ଯାଇ ସୋରଡାରେ ପାଣ୍ଡା ନାୟକ ନାମକ ଜଣେ ଯୁବକଙ୍କ ଭାସି ଯାଇ ଜୀବନ ଯାଇଛି। ବାତ୍ୟ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା, ବନ୍ୟା ଓ ଜଳବନ୍ଦୀ ସ୍ଥିତି ଉପୁଜିଛି । କେଉଁଠି ରାସ୍ତା ଉପରେ ପାଣି ସୁଅ ଛୁଟିଚାଲିଛି ତ, କେଉଁଠି ନଦୀରେ ବଢୁଛି ଜଳସ୍ତର। ଆଉ କେଉଁଠି ଜନଜୀବନ ସହ ଯୋଗାଯୋଗ ବ୍ୟବସ୍ଥା ପ୍ରଭାବିତ । ଗଞ୍ଜାମ ଜିଲ୍ଲାର ପାତ୍ରପୁରରେ ୫୪୬ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ, ଆସିକା ଅଞ୍ଚଳରେ ବନ୍ୟା ସ୍ଥିତି ଚିନ୍ତା ବଢ଼ାଇଛି । ଋଷିକୂଲ୍ୟା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଥିବା ସୂଚନା ଦେଇଛି ଜଳ ସମ୍ପଦ ବିଭାଗ । ବନ୍ୟାରେ ଉବୁଟୁବୁ ହେଉଛି ଗଞ୍ଜାମର ଅଧିକାଂଶ ଅଞ୍ଚଳ। ଲୋକଙ୍କ ଘରେ ପଶିଛି ପାଣି। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସ୍ଥାନରୁ ଲୋକଙ୍କୁ ଉଦ୍ଧାର କରାଯିବା ସହ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍‌ର ଦଶମଇଲି ଗାଁ ରେ ବନ୍ୟା ଓ ବର୍ଷା ଜଳ ୫ରୁ୧୫ ଫୁଟ୍ ଉଚ୍ଚାରେ ପ୍ରବାହିତ ହେଉଛି। ପିତଳ ଗାଁ ର କାଳୀମନ୍ଦିର ଯାଏଁ ବନ୍ୟା ପାଣି ଆସିଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ବ୍ରହ୍ମପୁର ସହର କୁ ଧୋବାନାଳ ଦେଇ ବନ୍ୟାପାଣି ପ୍ରବେଶ କରିଥିବାରୁ ଜନସାଧାରଣ ଚିନ୍ତିତ ହୋଇପଡିଛନ୍ତି। ଜଳ ବନ୍ଦୀରେ ଥିବା ବିଭିନ୍ନ ସ୍ଥାନରୁ ଆଜି ୧୨୦ ଜଣଙ୍କୁ ଏୟାର ଲିଫ୍ଟରେ ଉଦ୍ଧାର କରି ନିରାପଦ ସ୍ଥାନକୁ ନେଇ ଆଶ୍ରୟ ଦିଆଯାଇଛି। ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅବିଶ୍ରାନ୍ତ ବର୍ଷା ଲାଗି ରହିବାରୁ ଗ୍ରାମାଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବା ସହ ଅନେକ ଗାଁର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।ବାତ୍ୟାକୁ ଦୃଷ୍ଟିରେ ରଖି କଳିଙ୍ଗା ଘାଟି ସିଲ କରିଛି ଜିଲା ପ୍ରଶାସନର । ଘାଟିର କଳିଙ୍ଗା ସମେତ ବିଭିନ୍ନ ସ୍ଥାନରେ ପଥର ଖସି ପଡ଼ିଥିବା ଦେଖିବାକୁ ମିଳିଛି। ରାୟଗଡ଼ା ଗୁଣପୁର ସଗଡା ତାଲବେଲ ଗ୍ରାମ ନିକଟରେ ଭୂସ୍ଖଳନ ହୋଇଛି।। ଗଞ୍ଜାମର ୪ଟି ସ୍ଥାନରେ ପ୍ରାୟ ୨ ହଜାର ଲୋକ ଜଳବନ୍ଦୀ ଥିବାବେଳେ, ବିପନ୍ନଙ୍କୁ ହେଲିକପ୍ଟରରେ ଏୟାରଲିଫ୍ଟ କରିବାକୁ ଯୋଜନା କରିଛନ୍ତି ରାଜ୍ୟ ସରକାର। ସେପଟେ ସମୀକ୍ଷା ସହ ସ୍ଥିତି ଉପରେ ନଜର ରଖିଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ଜଳବନ୍ଦୀଙ୍କ ଉଦ୍ଧାର ସହ ରିଲିଫ୍ ଓ ରାସ୍ତା ସଫେଇକୁ ଗୁରୁତ୍ୱ ଦିଆଯାଉଛି। ଗଞ୍ଜାମରେ ୬ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି।

ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

୩,୮୫୫.୩୮ କୋଟିର ନିବେଶକୁ ମଂଜୁରି

ସୃଷ୍ଟି ହେବ ୭,୨୯୬ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୨୯।୧୦: ଓଡ଼ିଶାରେ ଶିଳ୍ପାୟନକୁ ଆଗକୁ ବଢିବ । ଏଥିସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ଲକ୍ଷ୍ୟରେ ରାଜ୍ୟ ସରକାର ଗୁରୁବାର ୩,୮୫୫.୩୮ କୋଟି ଟଙ୍କାର ୨୨ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ୭,୨୯୬ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୫୧ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ପ୍ରସ୍ତାବଗୁଡ଼ିକୁ ମଞ୍ଜୁରି ମିଳିଛି । ଉତ୍ପାଦନ ଶିଳ୍ପ, କାଗଜ ଓ ପ୍ୟାକେଜିଂ, ବାୟୋଫ୍ୟୁଏଲ, ଏରୋସ୍ପେସ ଓ ପ୍ରତିରକ୍ଷା, ଔଷଧ ଉତ୍ପାଦନ, ରସାୟନ, ଇସ୍ପାତର ଡାଉନଷ୍ଟ୍ରିମ ଶିଳ୍ପ, ଲଜିଷ୍ଟିକ୍ସ, ପର୍ଯ୍ୟଟନ ଏବଂ ଗ୍ଲୋବାଲ କମ୍ପିଟେନ୍ସି ସେଣ୍ଟର ଭଳି ବିଭିନ୍ନ କ୍ଷେତ୍ରରେ ଏହି ନିବେଶ ପ୍ରସ୍ତାବ ରହିଛି । ରାଜ୍ୟର ୧୨ଟି ଜିଲ୍ଲାରେ ମଞ୍ଜୁରୀ ପ୍ରାପ୍ତ ପ୍ରକଳ୍ପଗୁଡ଼ିକ ସ୍ଥାପନ ହେବାକୁ ପ୍ରସ୍ତାବ ରହିଛି । ଅନୁଗୋଳ, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, ଖୋରଧା, ନୟାଗଡ଼, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହି ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା ହେବ । ଏହାଦ୍ୱାରା ବିଭିନ୍ନ ଅଞ୍ଚଳରେ ଶିଳ୍ପଭିତ୍ତିକ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ସହ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ବଢ଼ିବା ଆଶା କରାଯାଉଛି । ବାୟୋଫ୍ୟୁଏଲ କ୍ଷେତ୍ରରେ ୬୮୦ କୋଟି ,ପର୍ଯ୍ୟଟନ କ୍ଷେତ୍ରରେ ୧,୦୩୫ କୋଟିରୁ ଅଧିକ ନିବେଶ ହେବ ।କାଗଜ ଓ ପ୍ୟାକେଜିଂ ଶିଳ୍ପରେ ୧,୦୨୯ କୋଟି ନିବେଶ ହେବ ।ଡ୍ରୋନ ଓ ଏରୋସ୍ପେସ ଶିଳ୍ପକୁ ଗୁରୁତ୍ୱ ଦିଆଯାଇଛି ।ଔଷଧ ଉତ୍ପାଦନରେ ୧୫୨.୬୯ କୋଟି ନିବେଶ କରାଯିବ। ଇସ୍ପାତର ଡାଉନଷ୍ଟ୍ରିମ୍ ଓ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ତିନୋଟି ପ୍ରକଳ୍ପ ପାଇଁ ୩୨୩.୮୧ କୋଟି ଟଙ୍କାର ନିବେଶ ପ୍ରସ୍ତାବ ରହିଛି । ଗଞ୍ଜାମ ଜିଲ୍ଲାରେ ୨୦୯.୩୫ କୋଟି ଟଙ୍କା ବିନିଯୋଗରେ ଏକ ସମନ୍ୱିତ ଲଜିଷ୍ଟିକ୍ସ ପାର୍କ ସ୍ଥାପନ କରିବ ।

ସୁପ୍ରିମକୋର୍ଟ ଦେଲେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

ଡିଜିଟାଲ ଠକେଇ ପୀଡ଼ିତଙ୍କୁ ବ୍ୟାଙ୍କ ଦେଉ କ୍ଷତିପୂରଣ

ନୂଆଦିଲ୍ଲୀ, ୨୯।୧୦: ଡିଜିଟାଲ ଠକେଇ ଘଟଣାରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତ ସୁପ୍ରିମକୋର୍ଟ। ଡିଜିଟାଲ ଠକେଇ ପାଇଁ ବ୍ୟାଙ୍କଗୁଡ଼ିକୁ ଉତ୍ତରଦାୟୀ କରାଯିବା ଦରକାର। ଡିଜିଟାଲ ଠକେଇ ପୀଡ଼ିତଙ୍କୁ ସୁରକ୍ଷା ଦେବା ବ୍ୟାଙ୍କଗୁଡ଼ିକର ଦାୟିତ୍ୱ। ଡିଜିଟାଲ ଠକେଇ ପୀଡ଼ିତଙ୍କୁ ବ୍ୟାଙ୍କ ପକ୍ଷରୁ କ୍ଷତିପୂରଣ ମିଳିବା ସପକ୍ଷରେ ମତ ରଖିଛନ୍ତି ସର୍ବୋଚ୍ଚ ଅଦାଲତ ।ଯଦି ଡିଜିଟାଲ ଗିରଫଦାରି ଠକେଇ ଦ୍ୱାରା କେହି କ୍ଷତି ସହୁଛନ୍ତି ଓ ବ୍ୟାଙ୍କର ଅବହେଳା ଯୋଗୁ ସାଇବର ଲୁଟେରା ସେମାନଙ୍କ ଯୋଜନାରେ ସଫଳ ହେଉଛନ୍ତି, ତା'ହେଲେ ଆର୍ଥିକ ସଂସ୍ଥା ପ୍ରଭାବିତଙ୍କୁ କ୍ଷତିପୂରଣ ଦେବା ଆବଶ୍ୟକ ବୋଲି କହିଛନ୍ତି କୋର୍ଟ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ ବାଧ୍ୟତାମୂଳକ ପ୍ରତିଷେଧକ ମୂଳକ ପଦକ୍ଷେପର ଆବଶ୍ୟକତା ରହିଛି। ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅସ୍ୱାଭାବିକ ନେଣଦେଣକୁ ତୁରନ୍ତ ରଦ୍ଦ କରାଯାଉ। ସନ୍ଦେହଜନକ କାର୍ଯ୍ୟକଳାପର ସ୍ୱଂୟଚାଳିତ ରିପୋର୍ଟିଂ ଓ ଫିଜିକାଲ ଯାଞ୍ଚ ଭଳି ବ୍ୟବସ୍ଥାକୁ ବ୍ୟାଙ୍କ ଆପଣାଇବା ଉଚିତ। ଏହାଦ୍ୱାରା ବାସ୍ତବରେ ଆକାଉଣ୍ଟଧାରୀ ନେଣଦେଣ କରୁଛନ୍ତି କି ନାହିଁ, ତାହା ସ୍ପଷ୍ଟ ହୋଇପାରିବ। ଶୁଣାଣି ବେଳେ ସିଜେଆଇ ଆହୁରି କହିଛନ୍ତି ଯେ "ବ୍ୟାଙ୍କର୍ସ ଭାବେ ପୀଡ଼ିତଙ୍କୁ ସୁରକ୍ଷା ଦେବା ଆପଣମାନଙ୍କ କର୍ତ୍ତବ୍ୟ। ପ୍ରାଧିକୃତ ଅଧିକାରୀମାନେ ଏହି ପ୍ରସଙ୍ଗରେ କ'ଣ କରୁଛନ୍ତି ? ଆପଣମାନେ ବଡ଼ ବଡ଼ କମ୍ପାନୀର ନେଣଦେଣ ବେଳେ ସମ୍ଭବତଃ ଅସ୍ୱାଭାବିକ ଅନୁଭବ କରି ନ ପାରନ୍ତି। କିନ୍ତୁ ଯେଉଁ ବ୍ୟକ୍ତି ସାଧାରଣତଃ ୧୦ କିମ୍ବା ୨୦ ହଜାର ଉଠାନ୍ତି, କିନ୍ତୁ ହଠାତ୍ ଯଦି ସେ ୫୦ ହଜାର ଉଠାଉଛନ୍ତି, ତା'ହେଲେ ଆପଣମାନେ ଏହାକୁ ଅସ୍ୱାଭାବିକ ଭାବିବେ ନାହିଁ ?" ଖଣ୍ଡପୀଠରେ ସିଜେଆଇଙ୍କ ସମେତ ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନା ରହିଛନ୍ତି। ଖଣ୍ଡପୀଠ ପକ୍ଷରୁ ସାଇବର ଠକେଇ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଏକଥା କୁହାଯାଇଛି। ପରବର୍ତ୍ତୀ ଶୁଣାଣି ବେଳକୁ ସମସ୍ତ ପଞ୍ଜିକୃତ ଓ ଲାଇସେନ୍ସ ପ୍ରାପ୍ତ ସମସ୍ତ ଆର୍ଥିକ ସଂସ୍ଥାର ତାଲିକା ଦାଖଲ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଏହାଦ୍ୱାରା କୋର୍ଟ ସମସ୍ତଙ୍କ ପାଇଁ ଗୋଟିଏ ନିର୍ଦ୍ଦେଶ ଜାରି କରିପାରିବେ।

ଆଜି ଆକାଶମାର୍ଗରୁ ଅନୁଧ୍ୟାନ କରିବେ ମୁଖ୍ୟମନ୍ତ୍ରୀ

ଆସିକା, ସୋରଡ଼ା ହିଞ୍ଜିଳି ବେଲଗୁଣ୍ଠା ଓ ଭଞ୍ଜନଗର

ଭୁବନେଶ୍ୱର, ୨୯।୧୦: ଲଗାଣ ବର୍ଷାରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଜନଜୀବନ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ଶୁକ୍ରବାର ଗଞ୍ଜାମ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବେ । ଆସିକା, ସୋରଡ଼ା ଓ ହିଞ୍ଜିଳି ସମେତ ବେଲଗୁଣ୍ଠା ଓ ଭଞ୍ଜନଗର ଅଞ୍ଚଳ ଅନୁଧ୍ୟାନ କରିବେ। ଏହି ଗସ୍ତରେ ରାଜସ୍ୱ ମନ୍ତ୍ରୀ ଓ ପରିବହନ ମନ୍ତ୍ରୀ ମଧ୍ୟ ସାମିଲ ହୋଇପାରନ୍ତି। ଅନ୍ୟପକ୍ଷେ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଗଞ୍ଜାମ ଓ ଗଜପତିରେ ଅକ୍ଟୋବର ୩୧ ଯାଏଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ବାତ୍ୟା ଅର୍ଣ୍ଣବ ପ୍ରଭାବରେ ପ୍ରବଳ ବର୍ଷା ପରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ଦେଖାଦେଇଛି । ବର୍ଷା ଓ ବନ୍ୟା ଯୋଗୁଁଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଛୁଟି ଭଳି ପଦକ୍ଷେପ ନିଆଯାଇଛି ।

'ଅର୍ଣ୍ଣବ': ୪ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ଶାହା

ଯଥାସମ୍ଭବ ସହାୟତା ନେଇ ଦେଲେ ପ୍ରତିଶ୍ରୁତି

ନୂଆଦିଲ୍ଲୀ, ୨୯।୧୦: କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ବାତ୍ୟା ଅର୍ଣ୍ଣବକୁ ଦୃଷ୍ଟିରେ ରଖି ଆନ୍ଧ୍ର ପ୍ରଦେଶ, ପୁଡୁଚେରୀ, ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କ ସହ ଗୁରୁବାର କଥା ହୋଇଛନ୍ତି ଏବଂ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ଲୋକଙ୍କ ଯନ୍ତ୍ରଣା ହ୍ରାସ କରିବାକୁ କେନ୍ଦ୍ର ସରକାରଙ୍କ ତରଫରୁ ଯଥା ସମ୍ଭବ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି। ଅମିତ ଶାହା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରିଛନ୍ତି ଯେ, ଜାତୀୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଏନଡିଆରଏଫ) ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଏସଡିଆରଏଫ) ର ଦଳ ସକ୍ରିୟ ହୋଇଛନ୍ତି ଏବଂ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ କରୁଛନ୍ତି। ସେ ସୂଚନା ଦେଇଛନ୍ତି ଯେ, ବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ଏବଂ ଆବଶ୍ୟକ ସହାୟତା ନିର୍ଦ୍ଧାରଣ କରିବା ପାଇଁ ଆନ୍ତଃମନ୍ତ୍ରିସ୍ତରୀୟ କେନ୍ଦ୍ରୀୟ ଦଳ (ଆଇ.ଏମ୍.ସି.ଟି.) ଗୁଡ଼ିକୁ ଶୀଘ୍ର ପଠାଯିବ। ଶାହା କହିଛନ୍ତି ଯେ, ସରକାର ଏହି ବିପର୍ଯ୍ୟୟ ସମୟରେ ଲୋକଙ୍କ ସହିତ ଦୃଢ଼ ଭାବରେ ଠିଆ ହୋଇଛନ୍ତି ଏବଂ ସେମାନଙ୍କୁ ରିଲିଫ ଯୋଗାଇବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ।ଗୃହ ମନ୍ତ୍ରୀ ପ୍ରଭାବିତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଆଶ୍ୱାସନା ଦେଇଛନ୍ତି ଯେ, ବିପର୍ଯ୍ୟୟ କାରଣରୁ ଜନସାଧାରଣଙ୍କ ଯନ୍ତ୍ରଣା ହ୍ରାସ କରିବା ପାଇଁ ସରକାର ଯଥା ସମ୍ଭବ ସହାୟତା ପ୍ରଦାନ କରିବେ।

ଦକ୍ଷିଣ ଆଣ୍ଡାମାନ ସାଗରରେ ଲଘୁଚାପ କ୍ଷେତ୍ର

ବାତ୍ୟା ରୂପ ନେଇପାରେ

ଭୁବନେଶ୍ୱର, ୨୯।୧୦: ଦକ୍ଷିଣ ଆଣ୍ଡାମାନ ସାଗରରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ଅଧିକ ଘନୀଭୂତ ହେବା ପାଇଁ ପାଗ ଅନୁକୂଳ ରହିଛି । ୩୧ ତାରିଖ ସୁଦ୍ଧା ଏହା ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇପାରେ । ନଭେମ୍ବର ୧ରୁ ୨ ତାରିଖ ମଧ୍ୟରେ ଅବପାତର ରୂପ ନେବା ଏବଂ ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହେଲେ ୨ରୁ ୩ ତାରିଖ ମଧ୍ୟରେ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି । ତେବେ ବାତ୍ୟାର ତୀବ୍ରତା ଓ ଗତିପଥ ନେଇ ଏବେଠାରୁ ନିଶ୍ଚିତ ଆକଳନ କରିବା ସମ୍ଭବ ନୁହେଁ । ପ୍ରାଥମିକ ଆକଳନ ଅନୁସାରେ, ସିଷ୍ଟମଟି ପଶ୍ଚିମ ଓ ପରେ ପଶ୍ଚିମ-ଦକ୍ଷିଣପଶ୍ଚିମ ଦିଗରେ ଗତି କରିପାରେ । ଏହା ଦକ୍ଷିଣ ଆନ୍ଧ୍ରପ୍ରଦେଶ କିମ୍ବା ତାମିଲନାଡୁ ଉପକୂଳ ଆଡ଼କୁ ଯିବାର ସମ୍ଭାବନା ରହିଥିବା ଆକଳନ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ନେଇ କୌଣସି ସ୍ପଷ୍ଟ ସଙ୍କେତ ମିଳିନାହିଁ ବୋଲି ଜଣେ ପାଣିପାଗ ବିଶେଷଜ୍ଞ କହିଛନ୍ତି।

ଆଜି ମିଳିବ ୨୪ତମ ପିଏମ୍ କିଷାନ କିସ୍ତି

ରାଜ୍ୟରୁ ଉପକୃତ ହେବେ ୩୫ ଲକ୍ଷରୁ ଅଧିକ

ଭୁବନେଶ୍ୱର,୨୯।୧୦: ପିଏମ୍ କିଷାନ ଉତ୍ସବ ଦିବସ ଅବସରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍ କିଷାନ) ଯୋଜନାର ୨୪ତମ କିସ୍ତି ପ୍ରଦାନ କରାଯିବ। ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଗୁଜୁରାଟର ବନାସକାଣ୍ଠାଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶବ୍ୟାପୀ ଚାଷୀଙ୍କୁ ଏହି କିସ୍ତି ପ୍ରଦାନ କରିବେ। ଏଥିସହିତ ଓଡ଼ିଶା ପାଇଁ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପୂର୍ବାହ୍ନ ୯ଟାରେ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୫ ଲକ୍ଷ ୩୯ ହଜାର ୨୯୭ ଜଣ ଚାଷୀଙ୍କ ଖାତାକୁ ମୋଟ ୭୦୭,୮୫,୯୪,୦୦୦ ଟଙ୍କା ହସ୍ତାନ୍ତର କରାଯିବ। ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ତିନିଦିନିଆରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୯।୧୦: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶାକୁ ତିନି ଦିନିଆ ଗସ୍ତରେ ଆସିବେ। ରାଷ୍ଟ୍ରପତି ଭବନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଷ୍ଟ୍ରପତି ନଭେମ୍ବର ୪ ଓ ୫ ତାରିଖ ପରିବର୍ତ୍ତେ ନଭେମ୍ବର ୩, ୪ ଓ ୫ ତାରିଖରେ ଓଡ଼ିଶା ଗସ୍ତ କରିବେ। ନଭେମ୍ବର ୩ ତାରିଖରେ ରାଷ୍ଟ୍ରପତି ଭାରତୀୟ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲ୍ଲାରେ ଥିବା କଲାଇକୁଣ୍ଡା ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସେ ଝାଡ଼ଖଣ୍ଡର ପୂର୍ବ ସିଂହଭୂମି ଜିଲ୍ଲା ଦେଇ ଓଡ଼ିଶାର ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିବେ।

ରାଜ୍ୟସଭା କ୍ରସ୍ ଭୋଟିଂ ବିବାଦ

୫ ବିଜେଡି ବିଧାୟକଙ୍କୁ ହାଇକୋର୍ଟଙ୍କ ନୋଟିସ୍

ପରବର୍ତ୍ତୀ ଶୁଣାଣି ଜାନୁଆରୀ ୧୧

କଟକ,୨୯।୧୦(ନିପ୍ର) : ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ। ଏହି ମାମଲାରେ ୫ ଜଣ ବିଜେଡି ବିଧାୟକଙ୍କୁ ନୋଟିସ ଜାରି କରିଛନ୍ତି ହାଇକୋର୍ଟ। ନୋଟିସର ଜବାବ ଦାଖଲ କରିବାକୁ ଏହି ବିଧାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ରାଜ୍ୟ ରାଜନୀତିରେ ପୁଣି ଚର୍ଚ୍ଚା ଜୋର୍ ଧରିଛି। ହାଇକୋର୍ଟଙ୍କ ନୋଟିସ ପାଇଥିବା ବିଧାୟକମାନେ ହେଲେ ଅରବିନ୍ଦ ମହାପାତ୍ର, ସୁବାସିନୀ ଜେନା, ସନାତନ ମହାକୁଡ଼, ସୌଭିକ ବିଶ୍ୱାଳ ଓ ଚକ୍ରମଣୀ କହଁର। ରାଜ୍ୟସଭା ନିର୍ବାଚନ ସମୟରେ ଭୋଟିଂକୁ ନେଇ ଉଠିଥିବା ବିବାଦ ଏବେ ଆଇନଗତ ଲଢ଼େଇର ରୂପ ନେଇଛି। ଗୁରୁବାର ୫ଟି ରିଟ୍ ଉପରେ ଶୁଣାଣି ହୋଇଥିବାରୁ ୫ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। କ୍ରସଭୋଟିଂ କରିଥିବା ଅନ୍ୟ ବିଜେଡି ବିଧାୟକଙ୍କୁ ନୋଟିସ ଜାରି ହୋଇନାହିଁ । ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ଗତ ଜୁନ୍ ରେ ବିଧାନସଭାର ବାଚସ୍ପତି ବିଜେଡି ତରଫରୁ ଆଗତ ଏକ ଆବେଦନକୁ ଖାରଜ କରିଦେଇଥିଲେ । କ୍ରସଭୋଟିଂ କରିଥିବା ବିଧାୟକଙ୍କ ସଭ୍ୟପଦ ରଦ୍ଦ କରିବାକୁ ବିଜେଡି ଆବେଦନ କରିଥିଲା । ଏହା ଖାରଜ ହେବା ପରେ ବିଜେଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ଏହି ମାମଲାରେ ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରୀ ୧୧ ତାରିଖରେ ହେବ। ଏହା ପୂର୍ବରୁ ସମସ୍ତ ୫ ବିଧାୟକଙ୍କୁ ନିଜ ନିଜର ଜବାବ ଦାଖଲ କରିବାକୁ ପଡ଼ିବ। ଡିସେମ୍ବର ୪ ତାରିଖ ସୁଦ୍ଧା ଏହି ବିଧାୟକମାନେ ଜବାବ ଦାଖଲ କରିବେ।

ବଂଶଧାରାରେ ବନ୍ୟାଜଳ ବିପଦ ସଂକେତ ଉପରେ

- ବିପନ୍ନଙ୍କ ସହ ଆଲୋଚନା କଲେ ମନ୍ତ୍ରୀ
- ବାଘୁଆ ଜଳଭଣ୍ଡାରରୁ ଜଳ ନିଷ୍କାସନ
- ଇନ୍ଦ୍ରାବତୀ ଜଳଭଣ୍ଡାରରେ ୭୮.୦୬ପ୍ରତିଶତ ଜଳ

କାଶୀନଗର/ବୁଗୁଡ଼ା/ପାରଳାଖେମୁଣ୍ଡି/ଡାବୁଗାଁ, ୨୯।୧୦(ନିପ୍ର): ଆନ୍ଧ୍ରରେ ଅର୍ଣ୍ଣବ ବାତ୍ୟାର ଲ୍ୟାଣ୍ଡଫଲ ହେଲା ସିନା ଏହାର ପ୍ରଭାବ ପଡ଼ିଛି ଗଜପତି କାଶୀନଗର ତଥା ଏହାର ଆଖ ପାଖ ଅଞ୍ଚଳରେ । ଲଗାତାର ତୁହାକୁ ତୁହା ବର୍ଷା ଲାଗି ରହିଛି। କାଶୀନଗର ଠାରେ ପ୍ରବାହିତ ହେଉଥିବା ବଂଶଧାରା ନଦୀରେ ବନ୍ୟା ଜଳ ବିପଦ ସଂକେତ ଉପରେ ଦିନ ସାରା ପ୍ରବାହିତ ହୋଇଛି ।ସନ୍ଧ୍ୟା ୬ ଟା ସୁଦ୍ଧା ବନ୍ୟା ଜଳ ସ୍ତର ୫୫.୩୮ ମିଟର ରହିଛି, ଯାହାକି ବିପଦ ସଂକେତ ଉପରେ । କେନ୍ଦ୍ର ଜଳ ଆୟୋଗ ଅଧିକାରୀଙ୍କ ସୂଚନା ମୁତାବକ ବିପଦ ସଙ୍କେତ ହେଉଛି ୫୪.୬୦ ମିଟର। କାଶୀନଗରର ଉପର ମୁଣ୍ଡରେ ଲଗାତାର ହୋଇଥିବା ବର୍ଷାର ପ୍ରଭାବରେ ଜଳ ସ୍ତର ରାତିରେ ଅଳ୍ପ ମାତ୍ରାରେ ବୃଦ୍ଧି ପାଇ ପାରେ ବୋଲି ମଧ୍ୟ ସୂଚନା ମିଳିଛି। କାଶୀନଗର ବନ ବିଭାଗ ତରଫରୁ ବିଭିନ୍ନ ଟିମ୍ ପଞ୍ଚାୟତ ବୁଲି ମାଇକ ଯୋଗେ ଅର୍ଣ୍ଣବ ବାତ୍ୟା ଏବଂ ବଂଶଧାରା ନଦୀରେ ସମ୍ଭାବିତ ବନ୍ୟାକୁ ଦୃଷ୍ଟିରେ ରଖି ଲୋକମାନଙ୍କୁ ସଚେତନ କରୁଥିବା ଲକ୍ଷ୍ୟ କରାଯାଇଛି। ବଂଶଧାରା ନଦୀର ତୁଠଗୁଡ଼ିକରେ ବ୍ୟାରିକେଡ ପକେଇ ଅବରୋଧ କରାଯାଇଛି। ବାତ୍ୟା ମୁକାବିଲା,ଉଦ୍ଧାର, କ୍ଷୟକ୍ଷତି ଆକଳନର ତଦାରଖ ଦାୟିତ୍ୱରେ ଥିବା ଉଚ୍ଚ ଶିକ୍ଷା,କ୍ରୀଡା ଓ ଯୁବ ସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କାଶୀନଗର ଗସ୍ତରେ ଆସି ଅର୍ଣ୍ଣବ ଏବଂ ସମ୍ଭାବିତ ବନ୍ୟା ପ୍ରଭାବରେ ପ୍ରଭାବିତ ବିପନ୍ନଙ୍କୁ ଭୂପତି ଲକ୍ଷ୍ମୀପୁର, ସାରା ଓ ପାଲସିଂ ଗ୍ରାମର ବହୁମୁଖୀ ଆଶ୍ରୟସ୍ଥଳୀ ପରିଦର୍ଶନ କରି ବିପନ୍ନଙ୍କ ସହ ଆଲୋଚନା କରିଥିଲେ। ପରେ ବଂଶଧାରା ନଦୀ ତଟବର୍ତ୍ତୀ ବନ୍ୟା ଆଶଙ୍କାଥିବା ଖଣ୍ଡାବା, ବାଡ଼ିଗାଁ, କିତିଙ୍ଗି, ବୁଦୁରା ଓ ଇଦୁଡ଼ି ଗ୍ରାମ ଗୁଡିକ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଶାସନ ତରଫରୁ ଯୋଗେଇ ଦିଆଯାଉଥିବା ରିଲିଫ, ଖାଦ୍ୟର ମାନ ଏବଂ ସେମାନଙ୍କୁ ଦିଆ ଯାଉଥିବା ସୁରକ୍ଷା ତଦାରଖ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ବଢ଼ିଛି ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଘୁଆ ଜଳଭଣ୍ଡାରର ଜଳସ୍ତର। ବିପଦ ସଙ୍କେତ ନିକଟରେ ଜଳସ୍ତର ପହଞ୍ଚିଥିବାରୁ ଜଳ ସେଚନ ବିଭାଗ ଜଳଭଣ୍ଡାରର ୨ ଟି ଗେଟ

ଦେଇ ବନ୍ୟା ଜଳ ନିଷ୍କାସନ କରି ଛଡାଯାଇଛି। ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୧୩.୮୫ ମିଟର ଥିବା ବେଳେ ଅର୍ଣ୍ଣବ ପ୍ରଭାବରେ ତୁହାକୁ ତୁହା ବର୍ଷା ହେବା ଫଳରେ ଏହି ଜଳଭଣ୍ଡାରର ଜଳସ୍ତର ବିପଦ ସଙ୍କେତ ନିକଟରେ ପହଞ୍ଚିଥିଲା। ନଦୀକୁ କେହି ନଯିବା ସହ ଗୃହପାଳିତ ପଶୁମାନଙ୍କୁ ମଧ୍ୟ ନଦୀକୁ ନଛାଡ଼ିବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି। ନଦୀର ଜଳସ୍ତର ଉପରେ ନଜର ରଖିବା ସହ ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି ପ୍ରଶାସନ। ନବରଙ୍ଗପୁର ଅତିରିକ୍ତ ସଚିବ ଓ ନୋଡାଲ ଅଧିକାରୀ ବିଜୟ କୁମାର ଦାଶ ଉଦୟଗିରି ବ୍ଲକ୍ ଅନ୍ତର୍ଗତ ପ୍ରବଳ ବର୍ଷା ଯୋଗୁଁ ବିଚ୍ଛିନ୍ନ ହୋଇଥିବା ତାଣ୍ଡିଗୁଡ଼ା ଗ୍ରାମକୁ ପ୍ରଶାସନ ପକ୍ଷରୁ ରାସନ ସାମଗ୍ରୀ ପଠାଇଛନ୍ତି ।ବାତ୍ୟା ଓ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବାଘଶାଳା ଓ ମାଛମରା ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅର୍ଣ୍ଣବର ପ୍ରଭାବ ହ୍ରାସ ପାଇଥିଲେ ମଧ୍ୟ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ସତର୍କ ରହିଛି ବୋଲି ଜିଲ୍ଲାପାଳ ମଧୁମିତା ସୂଚନା ଦେଇଛନ୍ତି। ବାତ୍ୟା ପୂର୍ବରୁ ୮ଟି ବ୍ଲକ୍ ଓ ୨ଟି ସହରାଞ୍ଚଳର ୩୮ଟି ପଞ୍ଚାୟତର ୭୮ଟି ଗ୍ରାମରୁ ୧୦,୫୩୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୫୩ଟି ଆଶ୍ରୟସ୍ଥଳୀରେ ନିଃଶୁଳ୍କ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି ।ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଡ. ମହେଶ୍ୱର ସ୍ୱାଇଁ ଆଶ୍ରୟସ୍ଥଳୀ ପରିଦର୍ଶନ କରି ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟସେବାରେ ୩୩୯ ଗର୍ଭବତୀଙ୍କୁ ସୁରକ୍ଷିତ ରଖାଯାଇଥିଲା, ୭୦ ଜଣଙ୍କ ପ୍ରସବ ହୋଇଛି। ବର୍ତ୍ତମାନ ୩ଟି ଆଶ୍ରୟସ୍ଥଳୀରେ ୫୨ ଜଣ ରହୁଛନ୍ତି, ୨୪୬ ଗର୍ଭବତୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଛନ୍ତି ।୩୦ଟି ଘର ଆଂଶିକ କ୍ଷତି, ୪ଟି ଗଛ ପଡିବା ଘଟଣା ରିପୋର୍ଟ ହୋଇଛି। ରିଲିଫ୍ ପାଇଁ ୨ କୋଟି ମଞ୍ଜୁର, ୧.୦୪ କୋଟି ବ୍ଲକକୁ ପ୍ରଦାନ କରାଯାଇଛି। ଗତକାଲି ଜିଲ୍ଲାରେ ୪୧.୪୬ ମିମି ବର୍ଷା ରେକର୍ଡ, ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ୭୮.୦୬ ପ୍ରତିଶତ ଜଳ ରହିଛି।

CMYK

ଯମଦୀପ

ଅପମୃତ୍ୟୁ ନିବାରକ

ପିତୃପୁରୁଷ ଓ ପିତାମାତା ଚାହାନ୍ତି, ତାଙ୍କର ବଂଶରେ ଏପରି ସୁପୁତ୍ର ଜାତ ହୁଅନ୍ତୁ, ଯେ କି କାର୍ତ୍ତିକ ମାସରେ ଦୀପଦାନ କରି କେଶବଙ୍କୁ ପ୍ରସନ୍ନ କରିବେ। ସେ କହିଛନ୍ତି ଯେଉଁ ବ୍ୟକ୍ତି ଗୁଆଘିଅ ବା ରାଶିତେଲରେ ଦେବ ମନ୍ଦିରରେ ଦୀପ ଦିଅନ୍ତି, ସେ ଅଶ୍ୱମେଧଯଜ୍ଞର ଫଳ ପାଆନ୍ତି। ଭଗବାନ ବିଷ୍ଣୁଙ୍କ ସମ୍ମୁଖରେ ଯେ ଦୀପଦାନ କରନ୍ତି, ସେ ସମସ୍ତ ଯଜ୍ଞ ଓ ସମସ୍ତ ତୀର୍ଥର ଫଳ ପାଆନ୍ତି। କାର୍ତ୍ତିକ କୃଷ୍ଣପକ୍ଷର ଶେଷ ପାଞ୍ଚଦିନ ଅତ୍ୟନ୍ତ ପବିତ୍ର। ସେହି ଦିନଗୁଡ଼ିକରେ ଦୀପଦାନ ଅକ୍ଷୟ ଫଳ ପ୍ରଦାନ କରେ।



କାର୍ତ୍ତିକସ୍ୟାସିତେପକ୍ଷେ ତ୍ରୟୋଦଶ୍ୟାଂ ତୁ ପାବକେ। ଯମଦୀପଂ ବହିର୍ଦଦ୍ୟାତ୍ ଅପମୃତ୍ୟୁର୍ବିନଶ୍ୟତି।। (ପଦ୍ମପୁରାଣ, ୧୨୨/୪) । କାର୍ତ୍ତିକ ମାସରେ ଦୀପଦାନ ପରମପୁଣ୍ୟପ୍ରଦ। ଏହା ବିଭିନ୍ନ ଶାସ୍ତ୍ର, ପୁରାଣରେ ବର୍ଣ୍ଣିତ ହୋଇଛି। ବିଶେଷକରି ପଦ୍ମପୁରାଣରେ ଏ ସଂପର୍କରେ ସବିଶେଷ ବର୍ଣ୍ଣନା ଅଛି। ଏହି ପୁରାଣରେ ୧୨୧ ଅଧ୍ୟାୟରେ ଗନ୍ଧ (ଚନ୍ଦନ), ଅଁଳା ଓ ତୁଳସୀ ଆଦି ଦାନ ସହିତ ଦୀପଦାନର ମାହାତ୍ମ୍ୟ ମଧ୍ୟ ବର୍ଣ୍ଣିତ ହୋଇଛି। କାର୍ତ୍ତିକ ମାସରେ ସାରା ମାସ ଦୀପଦାନ ଶତ ପିଢ଼ିକୁ ଉଦ୍ଧାର କରେ ବୋଲି କୁହାଯାଇଛି। ସ୍ୱୟଂ ଶିବ ଏ ସଂପର୍କରେ କାର୍ତ୍ତିକେୟଙ୍କୁ ଦୀପଦାନର ମାହାତ୍ମ୍ୟ କହିଛନ୍ତି। ତାହା ଅନୁସାରେ ପିତୃପୁରୁଷ ଓ ପିତାମାତା ଚାହାନ୍ତି, ତାଙ୍କର ବଂଶରେ ଏପରି ସୁପୁତ୍ର ଜାତ ହୁଅନ୍ତୁ, ଯେ କି କାର୍ତ୍ତିକ ମାସରେ ଦୀପଦାନ କରି କେଶବଙ୍କୁ ପ୍ରସନ୍ନ କରିବେ। ସେ କହିଛନ୍ତି ଯେଉଁ ବ୍ୟକ୍ତି ଗୁଆଘିଅ ବା ରାଶିତେଲରେ ଦେବ ମନ୍ଦିରରେ ଦୀପ ଦିଅନ୍ତି, ସେ ଅଶ୍ୱମେଧଯଜ୍ଞର ଫଳ ପାଆନ୍ତି। ଭଗବାନ ବିଷ୍ଣୁଙ୍କ ସମ୍ମୁଖରେ ଯେ ଦୀପଦାନ କରନ୍ତି, ସେ ସମସ୍ତ ଯଜ୍ଞ ଓ ସମସ୍ତ ତୀର୍ଥର ଫଳ ପାଆନ୍ତି। କାର୍ତ୍ତିକ କୃଷ୍ଣପକ୍ଷର ଶେଷ ପାଞ୍ଚଦିନ ଅତ୍ୟନ୍ତ ପବିତ୍ର। ସେହି ଦିନଗୁଡ଼ିକରେ ଦୀପଦାନ ଅକ୍ଷୟ ଫଳ ପ୍ରଦାନ କରେ।

ଏହି ପ୍ରସଙ୍ଗରେ ୧୨୨ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ଦୀପାବଳିର ମାହାତ୍ମ୍ୟ। କାର୍ତ୍ତିକେୟଙ୍କ ପ୍ରଶ୍ନରେ ଶିବ କହିଛନ୍ତି ଯମ ଦୀପର କଥା। ସେହି ଅଧ୍ୟାୟର ଉପରୋକ୍ତ ଚତୁର୍ଥ ଶ୍ଲୋକରେ ଶିବ କହିଛନ୍ତି ହେ କାର୍ତ୍ତିକେୟ କାର୍ତ୍ତିକ କୃଷ୍ଣ ପକ୍ଷରେ ଘରର ବାହାରେ ଯମଦୀପ ଦେବା ଉଚିତ। ଏହି ଦୀପ ଦେଲେ ଆଉ ଅପମୃତ୍ୟୁର ଭୟ ରହେ ନାହିଁ। ଏ ସଂପର୍କରେ ପରବର୍ତ୍ତୀ ଶ୍ଲୋକରେ କୁହାଯାଇଛି - କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀରେ ପତ୍ନୀଙ୍କ ସହିତ ମିଶି ଯେ ଘର ବାହାରେ ଦୀପଦାନ କରନ୍ତି, ପାଶହସ୍ତରେ ଆସୁଥିବା କାଳ ବା ମୃତ୍ୟୁ ଦେବତା ଯମ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତି। ତାଙ୍କର ଆଉ ଅପମୃତ୍ୟୁର ଭୟ ରହେ ନାହିଁ। ଏହି କାରଣରୁ ଏହି ତିଥିର ଦୀପକୁ ଯମଦୀପ କୁହାଯାଏ।

- ଡକ୍ଟର ତପନ କୁମାର ପାଳ
ଭୁବନେଶ୍ୱର, ଦୂରଭାଷ : ୯୯୩୭୬୫୮୩୭୨

ସୁଯୋଗଗୁଡ଼ିକୁ ବାଛିବା ମଧ୍ୟ କଳା

ଜୀବନକୁ ଖୁବ୍ ପାଖରୁ ଦେଖି ବୁଝିଛି ଯେ ମଣିଷର ଅଧିକାଂଶ ସମସ୍ୟା ତା'ର ଦୁର୍ବଳତାରୁ ନୁହେଁ, ବରଂ ନିଜର କ୍ଷମତାକୁ ଚିହ୍ନି ନ ପାରିବାରୁ ସୃଷ୍ଟି ହୁଏ। ସେ ଅନ୍ୟମାନଙ୍କୁ ଦେଖି ସେମାନଙ୍କ ପରି ହେବାକୁ ଚାହେଁ। କାହାର ସଫଳତା ତାକୁ ନିଜର ରାସ୍ତା ବଦଳାଇବାକୁ ପ୍ରେରଣା ଦିଏ, ତ କାହାର ପ୍ରଶଂସା ତାକୁ ନିଜର ଭଲ ଗୁଣଗୁଡ଼ିକ ଉପରେ ସନ୍ଦେହ କରିବାକୁ ବାଧ୍ୟ କରେ। ଏହିପରି ଭାବରେ ସେ ଅନ୍ୟମାନଙ୍କ ନକଲ କରି କରି ନିଜର ସେହି ବିଶେଷ ଗୁଣଟିକୁ ହରାଇ ବସେ, ଯାହା ତାକୁ ସମସ୍ତଙ୍କଠାରୁ ଅଲଗା କରି ପାରିଥା'ନ୍ତା। ପ୍ରଥମେ ଏହା ଚିହ୍ନନ୍ତୁ ଯେ ଆପଣ କେଉଁ କାମରେ ସର୍ବଶ୍ରେଷ୍ଠ। ସବୁ ଦିଗରେ ଆଗକୁ ବଢ଼ିବାର ଚେଷ୍ଟା କରିବା ବଦଳରେ, ସେହି ଦିଗରେ ନିଜର ସମ୍ପୂର୍ଣ୍ଣ ଶକ୍ତି ଲଗାଇ ଦିଅନ୍ତୁ, ଯେଉଁଥିରେ ଆପଣଙ୍କର ସ୍ୱାଭାବିକ (ପ୍ରକୃତ) ଯୋଗ୍ୟତା ଅଛି। ସବୁ ଜିନିଷ ବିଷୟରେ ଅଳ୍ପ ଅଳ୍ପ ଜାଣିବା ଅପେକ୍ଷା କୌଣସି ଗୋଟିଏ କାମରେ ଏତେ ଗଭୀରତା ହାସଲ କରିବା ଭଲ, ଯେମିତି କି ଲୋକେ ଆପଣଙ୍କୁ ଆପଣଙ୍କ କାମ ପାଇଁ ମନେ ରଖିବେ।

ଯଦିଓ କେବଳ ନିଜ ଯୋଗ୍ୟତାକୁ ଚିହ୍ନିନେବା ଯଥେଷ୍ଟ ନୁହେଁ, ଏହା ମଧ୍ୟ ବୁଝିବାକୁ ହେବ ଯେ ନିଜ ଯୋଗ୍ୟତାକୁ ଦୁନିଆ ସାମ୍ନାରେ କେତେବେଳେ ଏବଂ କେତେ ପରିମାଣରେ ଦେଖାଇବା ଉଚିତ ? ଯେଉଁ ବ୍ୟକ୍ତି ନିଜର ପ୍ରତ୍ୟେକ ଚିନ୍ତାଧାରା, ଯୋଜନା ଏବଂ ଇଚ୍ଛା ବିଷୟରେ ପୂର୍ବରୁ ହିଁ ଘୋଷଣା କରିଦିଏ, ସେ ନିଜ କାମ ପୂର୍ବରୁ ହିଁ ଅପେକ୍ଷା (ଆଶା) ର ଏକ ବୋଝ ଠିଆ କରିଦିଏ। ତା'ପରେ ତାର କାମ ଯେତେ ଭଲ ହେଲେ ମଧ୍ୟ, ଲୋକେ ତାକୁ ସେହି କାମ ସହିତ ତୁଳନା କରିବାକୁ ଲାଗନ୍ତି ଯାହାର ଛବି ସେ ପୂର୍ବରୁ ଲୋକଙ୍କ ମନରେ ତିଆରି କରିସାରିଥିଲା। ନିଜ କାମକୁ କହିବାକୁ ସୁଯୋଗ ଦିଅନ୍ତୁ। ଏଭଳି ଆଶା ଜଗାନ୍ତୁ ନାହିଁ, ଯାହାକୁ ପୂରଣ କରିବାର ସମୟ ଏପର୍ଯ୍ୟନ୍ତ ଆସିନାହିଁ। ଏହା ଭଲ ହେବ ଯେ ଲୋକମାନେ ଆପଣଙ୍କ କାମ ଦେଖି ଆଶ୍ଚର୍ଯ୍ୟ ହେବେ, କି ଆପଣଙ୍କ ପ୍ରତିଶ୍ରୁତି ବା ଘୋଷଣାଗୁଡ଼ିକୁ ମନେ ପକାଇ ନିରାଶ ହେବେ। ଜୀବନରେ ଆଉ ଏକ ଭୁଲ୍ ବାରମ୍ବାର ହୋଇଥାଏ। ଆମେ ଭାବୁ ଯେ ଆଗକୁ ବଢ଼ିବାର ଅର୍ଥ ହେଉଛି ପ୍ରତ୍ୟେକ ସୁଯୋଗକୁ ଗ୍ରହଣ କରିବା ଏବଂ ପ୍ରତ୍ୟେକ ପ୍ରତିଯୋଗିତା ବା ଲଢ଼େଇରେ ଓହ୍ଲାଇବା। କିନ୍ତୁ ଏହି ଲେଖକ ମତରେ ସୁଯୋଗଗୁଡ଼ିକୁ ବାଛି ତା'ର ସଦୁପଯୋଗ କରିବା ମଧ୍ୟ କଳା। ପ୍ରତ୍ୟେକ କବାଟ ଆପଣଙ୍କ ପାଇଁ ଖୋଲେ ନାହିଁ ଏବଂ ପ୍ରତ୍ୟେକ ଖୋଲା କବାଟ ଆପଣଙ୍କୁ ଆପଣଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଏ ନାହିଁ। କେବେ କେବେ କୌଣସି କାମରୁ ପଛକୁ ହଟିଯିବା ନିଜ ଶକ୍ତିକୁ ବଞ୍ଚାଇବା ପାଇଁ ହୋଇଥାଏ। ଯେଉଁ ବ୍ୟକ୍ତି ନିଜର ସମୟ, ଧ୍ୟାନ ଏବଂ ଶକ୍ତି ପ୍ରତ୍ୟେକ ଛୋଟ ଛୋଟ କଥାରେ ନଷ୍ଟ କରିଦିଏ, ତାଙ୍କ ପାଖରେ ସେହି ବଡ଼ କାମ ପାଇଁ କିଛି ବାକି ରହେନାହିଁ, ଯାହା ପାଇଁ ସେ ପ୍ରକୃତରେ ଜନ୍ମ ହୋଇଛନ୍ତି। ଦେଖିଛି ଯେ ମଣିଷ ପ୍ରାୟତଃ ନିଜର ଛୋଟ ଦୁର୍ବଳତାକୁ ସାମାନ୍ୟ ଭାବି ଛାଡ଼ିଦିଏ, ଯେତେବେଳେ କି ସେହି ଦୁର୍ବଳତା ତାର ବଡ଼ ବଡ଼ ସଫଳତା ଉପରେ ଭାରି ପଡ଼ିପାରେ। ତେଣୁ ଯେଉଁ ଦୋଷ ବା ତ୍ରୁଟିକୁ ସୁଧାରି ହେବ, ତାକୁ ନିଜର ଅଭ୍ୟାସ କରି ରଖ ନାହିଁ। ଜୀବନର ବୁଝାମଣା ଏହି କଥାରେ ନାହିଁ ଯେ ତୁମେ କେତେଗୁଡ଼ିଏ ରାସ୍ତାରେ ପାଦ ଥାପିଛ, ବରଂ ଏଥିରେ ଅଛି ଯେ ତୁମେ ସଠିକ୍ ରାସ୍ତାକୁ କେତେ ଗଭୀରତାର ସହ ଚିହ୍ନିଛ। ବୁଦ୍ଧିମାନ ବ୍ୟକ୍ତି ସେହି, ଯିଏ ଜାଣେ ଯେ ପ୍ରକୃତରେ ତା' ପାଇଁ କ'ଣ ମୂଲ୍ୟବାନ ଏବଂ ତାକୁ କେଉଁ ମୂଲ୍ୟରେ ବଞ୍ଚାଇ ରଖିବା ଉଚିତ।

-ସନ୍ଥ ରାମଦାସ ମହାରାଜ
ଶ୍ରୀଧାମ, ବୃନ୍ଦାବନ
ମୋ: ୯୨୮୬୫୧୫୪୩୩

କଳିଯୁଗ ଶେଷ ହେବା ପୂର୍ବରୁ ମିଳିଥାଏ ସଙ୍କେତ

ଦିନ ଓ ରାତି, ଜନ୍ମ ଓ ମୃତ୍ୟୁ ଯେମିତି ସତ୍ୟ, ସେହିପରି ଯୁଗ ପରିବର୍ତ୍ତନ ମଧ୍ୟ ଅଟଳ ସତ୍ୟ । କୁହାଯାଏ, ସମୟର ଚକ୍ର କେବେ ବି ଅଟକି ରହେ ନାହିଁ । ସତ୍ୟଯୁଗ, ତ୍ରେତୟା, ଦ୍ୱାପର ପରେ ଏବେ ଚାଲିଛି କଳିଯୁଗ । ପୁରାଣ ଓ ଧାର୍ମିକ ମାନ୍ୟତା ଅନୁସାରେ, କଳିଯୁଗ ହେଉଛି ଏକ ଏଭଳି ସମୟ, ଯେଉଁଠି ଧର୍ମ ଧୀରେ ଧୀରେ କମି ଅଧର୍ମ ବଢ଼ିଥାଏ । ମଣିଷ ମଧ୍ୟରେ ଲୋଭ, ମୋହ, ମିଛ, ଅନ୍ୟାୟ ଓ ଅହଂକାର ବଢ଼ିବା ସହିତ ସତ୍ୟ ଓ ନ୍ୟାୟ ଦୁର୍ବଳ ହୋଇଯାଏ । କଳିଯୁଗ ଶେଷ ହେବାର ଅନେକ ଭବିଷ୍ୟବାଣୀ ମିଳିଛି । ହେଲେ ଆହୁରି ଅନେକ କିଛି ମଧ୍ୟ ସଙ୍କେତ ରହିଛି । ଯେଉଁଥିରେ ପୁରୀ ଜଗନ୍ନାଥ ମନ୍ଦିର ସାମିଲ ରହିଛି । ଏହାର ଶେଷ ପରିଣତି ବା ଏହି ଯୁଗର ଶେଷ ସମୟ ଜଗନ୍ନାଥ ମନ୍ଦିର ସହିତ ଜଡିତ । ଯାହା ଏହି ଯୁଗର ଶେଷ ହେବାର ସଙ୍କେତ ଦେଇଥାଏ । ତେବେ ଆସନ୍ତୁ ସେହି ସଙ୍କେତ ସମ୍ପର୍କରେ ଜାଣିବା ।

ହିନ୍ଦୁ ଧର୍ମ ଅନୁସାରେ ୪ଟି ପବିତ୍ର ତୀର୍ଥ ସ୍ଥାନ ମଧ୍ୟରୁ ଜଗନ୍ନାଥ ପୁରୀ ମନ୍ଦିର ଗୋଟିଏ । ଯାହା ଅନେକ ରହସ୍ୟ ବହନ କରେ । ଯେଉଁଠାରେ ଚତୁର୍ଦ୍ଧା ମୂର୍ତ୍ତି ପୂଜା ପାଇଥାଆନ୍ତି । ଯାହାଙ୍କ ଲୀଳା ବଡ଼ ବିଚିତ୍ର । କୁହାଯାଏ ଯେ, ସନ୍ଥ ଅଚ୍ୟୁତାନନ୍ଦ ଦାସ ମହାରାଜ ପ୍ରାୟ ୫୦୦ ବର୍ଷ ପୂର୍ବେ ଭବିଷ୍ୟମାଳା ନାମକ ଏକ ପୁସ୍ତକରେ ଅନେକ ଭବିଷ୍ୟବାଣୀ ଲେଖିଥିଲେ । ଏହି ଭବିଷ୍ୟବାଣୀଗୁଡ଼ିକ ବିଶେଷ ଭାବରେ ଜଗନ୍ନାଥ ପୁରୀ ମନ୍ଦିର ସହିତ ଜଡିତ ରହସ୍ୟ ମଧ୍ୟ ଉଲ୍ଲେଖ ରହିଛି । କଳିଯୁଗ ଶୀର୍ଷରେ ପହଞ୍ଚିବା ପୂର୍ବରୁ କିଛି କିଛି ସଙ୍କେତ ଦେଇଥାଏ । ଯାହା ପୁରୀ ଜଗନ୍ନାଥ ମନ୍ଦିର ସହିତ ଜଡିତ । ଯେଉଁଥିରୁ ଆମେ ସଚେତନ ହୋଇଯାଇପାରିବା ଯେ କଳିଯୁଗ ଶେଷ ହେବାକୁ ଯାଉଛି ।

ପ୍ରଥମ ଭବିଷ୍ୟବାଣୀ : ଏଥିରେ କୁହାଯାଇଛି ଯେ, ୨୦୧୫ ମସିହାରେ ପ୍ରତିମା ସ୍ଥାପନର ନିର୍ଦ୍ଧାରିତ ସମୟ ସତ୍ତ୍ୱେ, ଏହି ପ୍ରକ୍ରିୟା ରାତିରେ ହୋଇନଥିଲା ଏବଂ ପରଦିନ ଅପରାହ୍ନରେ ସମାପ୍ତ ହୋଇଥିଲା, ଯାହାକୁ କିଛି ଲୋକ ଏହି ଭବିଷ୍ୟବାଣୀ ସହିତ ଯୋଡିଛନ୍ତି ।

ଦ୍ୱିତୀୟ ଭବିଷ୍ୟବାଣୀ : ଏଥିରେ କୁହାଯାଇଛି ଯେ, ମନ୍ଦିରର ପଥରଗୁଡ଼ିକ ଆପେ ଆପେ ପଡ଼ିବା ଆରମ୍ଭ କରିବ । ଏହା ମନ୍ଦିରର ଦୁର୍ବଳତାର ସଙ୍କେତ ନୁହେଁ ବରଂ ପୃଥିବୀରେ ପାପ ବୃଦ୍ଧିର ସଙ୍କେତ ଦେବ । ସ୍ଥାନୀୟ ଲୋକଙ୍କ ମତରେ ମନ୍ଦିରରୁ ପଥର ପଡ଼ିବା ଭଳି ଘଟଣା ଅନେକ ଥର ଦେଖିବାକୁ ମିଳିଛି ।

ଦିନ ଓ ରାତି, ଜନ୍ମ ଓ ମୃତ୍ୟୁ ଯେମିତି ସତ୍ୟ, ସେହିପରି ଯୁଗ ପରିବର୍ତ୍ତନ ମଧ୍ୟ ଅଟଳ ସତ୍ୟ । କୁହାଯାଏ, ସମୟର ଚକ୍ର କେବେ ବି ଅଟକି ରହେ ନାହିଁ । ସତ୍ୟଯୁଗ, ତ୍ରେତୟା, ଦ୍ୱାପର ପରେ ଏବେ ଚାଲିଛି କଳିଯୁଗ । ପୁରାଣ ଓ ଧାର୍ମିକ ମାନ୍ୟତା ଅନୁସାରେ, କଳିଯୁଗ ହେଉଛି ଏକ ଏଭଳି ସମୟ, ଯେଉଁଠି ଧର୍ମ ଧୀରେ ଧୀରେ କମି ଅଧର୍ମ ବଢ଼ିଥାଏ । ମଣିଷ ମଧ୍ୟରେ ଲୋଭ, ମୋହ, ମିଛ, ଅନ୍ୟାୟ ଓ ଅହଂକାର ବଢ଼ିବା ସହିତ ସତ୍ୟ ଓ ନ୍ୟାୟ ଦୁର୍ବଳ ହୋଇଯାଏ ।

ତୃତୀୟ ଭବିଷ୍ୟବାଣୀ : ଏହି ତୃତୀୟ ଭବିଷ୍ୟବାଣୀ ମନ୍ଦିରର ପବିତ୍ର କଳ୍ପବୃକ୍ଷ ସହିତ ଜଡିତ । ଗଛଟି ଏକ ଭୟଙ୍କର ଘୂର୍ଣ୍ଣିବାତ୍ୟା ସମୟରେ ପଡ଼ିଯିବ ବୋଲି ଭବିଷ୍ୟବାଣୀ କରାଯାଇଥିଲା । ଯେଉଁ ଘଟଣା ୨୦୧୯ ମସିହା ମହାବାତ୍ୟାବେଳେ ଦେଖିବାକୁ ମିଳିଥିଲା ।

ଚତୁର୍ଥ ଭବିଷ୍ୟବାଣୀ : ଏହି ଭବିଷ୍ୟବାଣୀ ମନ୍ଦିରର ପତାକା ସହିତ ଜଡିତ । ଏହି ପତାକା କେବେ ପବନରେ ଉଡ଼େ ନାହିଁ ବିନ୍ତୁ କଳିଯୁଗ ସମୟରେ ଏହା ସମୁଦ୍ରରେ ପଡ଼ିବ ବୋଲି କୁହାଯାଇଥିଲା । ଯାହା ୨୦୨୯ ମସିହାରେ ଘଟିଥିବା ଦାବି କରାଯାଇଥିଲା ।

ପଞ୍ଚମ ଭବିଷ୍ୟବାଣୀ : ଏହି ସଙ୍କେତ ସୁଦର୍ଶନ ଚକ୍ର ସହିତ ଜଡିତ । କୁହାଯାଉଥିଲା ଯେ ଏକ ସମୟ ଆସିବ ଯେତେବେଳେ ପ୍ରବଳ ପବନ ଚକ୍ରକୁ ବଙ୍କା କରିବ । ଘୂର୍ଣ୍ଣିବାତ୍ୟା ସମୟରେ ମଧ୍ୟ ସମାନ ଭବିଷ୍ୟବାଣୀ କରାଯାଇଥିଲା ।

ଷଷ୍ଠ ଭବିଷ୍ୟବାଣୀ : ଏଥିରେ ମନ୍ଦିର ପତାକାରେ ନିଆଁ ଲାଗିବା ବିଷୟରେ ଥିଲା। କୁହାଯାଉଥିଲା ଯେ ଏହା ପରେ ଏକ ବଡ଼ ବିପର୍ଯ୍ୟୟ ଘଟିବ । ୨୦୨୦ ପତାକା ଅଗ୍ନିକାଣ୍ଡ ପରେ ଲୋକମାନେ ଏହାକୁ କରୋନା ଭାଇରସ୍ ନାମକ ମହାମାରୀ ଭଳି ବିଶ୍ୱବ୍ୟାପୀ ରୋଗ ସହିତ ଯୋଡିଥିଲେ ।

ସପ୍ତମ ଭବିଷ୍ୟବାଣୀ : କୁହାଯାଏ ଯେ ମନ୍ଦିର ଉପରେ ପକ୍ଷୀ କିମ୍ବା ବିମାନ ଉଡ଼େ ନାହିଁ । କିନ୍ତୁ କିଛି ବର୍ଷ ପୂର୍ବେ, ମନ୍ଦିର ଉପରେ ବସିଥିବା ପକ୍ଷୀକୁ ଏକ ଅଶୁଭ ସଙ୍କେତ ଭାବରେ ବିବେଚନା କରାଯାଇଥିଲା ।

ଶେଷ ଭବିଷ୍ୟବାଣୀ : ଶେଷ ସମୟରେ ଆକାଶରୁ ରକ୍ତ ଟୋପା ପଡ଼ିଥିବା ଦେଖିବାକୁ ମିଳିବ । କିନ୍ତୁ ବୈଜ୍ଞାନିକ ଭାବେ ପ୍ରମାଣିତ ହୋଇନାହିଁ ।

ଲୋକମାନେ ଏହି ସମସ୍ତ ଭବିଷ୍ୟବାଣୀକୁ କଳିଯୁଗର ସଙ୍କେତ ସହିତ ଜଡିତ କରନ୍ତି । ବିଶ୍ୱାସ କରାଯାଏ ଯେ କଳିଯୁଗର ଅନ୍ତିମ ପର୍ଯ୍ୟାୟରେ, ଭଗବାନ ବିଷ୍ଣୁ କଳ୍କି ଅବତାର ଭାବରେ ଜନ୍ମ ନେବେ ଏବଂ ସତ୍ୟ ଯୁଗର ଆରମ୍ଭ ହେବ ।

ଖାଲି ପେଟରେ ଖାଆନ୍ତୁ ପୁଷ୍ଟିକର ଖାଦ୍ୟ



ଝଡ଼ି ଗଲଣି କାହିଁକି, ଏତେ ପତଳା କାହିଁକି ଦେଖାଯାଉଛ ?, ଓଜନ କମ୍ ଥିବା ବ୍ୟକ୍ତିମାନେ ଅଧିକାଂଶ ଲୋକଙ୍କଠାରୁ ଏପରି ପ୍ରଶ୍ନର ସାମ୍ନା କରିଥିବେ ନିଶ୍ଚୟ। ଯଦି ଆପଣ ବି ଏପରି ପ୍ରଶ୍ନର ସାମ୍ନା କରିଛନ୍ତି, ତେବେ ଚିନ୍ତିତ ହୁଅନ୍ତୁ ନାହିଁ। ସକାଳ ଡାଏଟରେ ଏପରି କିଛି ଖାଦ୍ୟ ଆଡ୍ କରନ୍ତୁ, ଯାହା ଅଳ୍ପ ଦିନରେ ଓଜନ ବୃଦ୍ଧି କରିବାରେ ସାହାଯ୍ୟ କରପାରିବ। ଏପରି କିଛି ଖାଦ୍ୟ ରହିଛି, ଯାହାକୁ ସକାଳେ ଖାଲି ପେଟରେ ଖାଇବା ଦ୍ୱାରା କେବଳ ଯେ ଓଜନ ବୃଦ୍ଧି ପାଇବ ତାହା ନୁହେଁ, ଏହା ମଧ୍ୟ ଶରୀରକୁ ଆବଶ୍ୟକୀୟ ଶକ୍ତି ଯୋଗାଇପାରିବ। କଦଳୀ ଏବଂ କ୍ଷୀର: କଦଳୀ ହେଉଛି ଏକ ପୁଷ୍ଟିକର ଫଳ, ଯେଉଁଥିରେ ଯଥେଷ୍ଟ ପରିମାଣର କାର୍ବୋହାଇଡ୍ରେଟ୍ ଏବଂ କ୍ୟାଲୋରୀ ଥାଏ। ସେହିପରି କ୍ଷୀର ମଧ୍ୟ ପ୍ରୋଟିନ୍ ଏବଂ କ୍ୟାଲସିୟମର ଏକ ଉତ୍କୃଷ୍ଟ ଉତ୍ସ। ଯେତେବେଳେ ଏହି ଦୁଇଟି ମିଶ୍ରିତ ହୁଏ, ଏହା ଏକ ଶକ୍ତିଶାଳୀ ମିଶ୍ରଣ ହୋଇଯାଏ ଯାହା ଓଜନ ବୃଦ୍ଧିରେ ସାହାଯ୍ୟ କରିପାରେ। କିପରି ଖାଇବେ: ସକାଳେ ଖାଲି ପେଟରେ ଗୋଟିଏ କିମ୍ବା ଦୁଇଟି ପାଚିଲା କଦଳୀ ଖାଆନ୍ତୁ ଏବଂ ତା'ପରେ ଏକ ଗ୍ଲାସ୍ ଉଷୁମ କ୍ଷୀର ପିଅନ୍ତୁ। କ୍ଷୀରରେ ଅଳ୍ପ ମହୁ ମଧ୍ୟ ମିଶାଇ ପିଇ ପାରିବେ। ଶୁଖିଲା ଫଳ ଏବଂ ବାଦାମ: ଡ୍ରାଏ ଫ୍ରୁଟ୍ସ ଏବଂ ନଟ୍ସ ଭଳି ବାଦାମ, ଅଖରୁଟ କିସମିସ୍ ଏବଂ ଖଜୁରରେ ଅଧିକ କ୍ୟାଲୋରୀ ସାଙ୍ଗକୁ ସୁସ୍ଥ ଚର୍ବି ଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଗୁଡ଼ିକ ଶରୀରକୁ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ଯୋଗାଇଥାଏ ଏବଂ ଓଜନ ବଢାଇବାରେ ସାହାଯ୍ୟ କରିଥାଏ। କିପରି ଖାଇବେ: ସକାଳେ ମୁଠାଏ ଡ୍ରାଏ ଫ୍ରୁଟ୍ସ ଏବଂ ବାଦାମ ଖାଆନ୍ତୁ। ଏଗୁଡ଼ିକୁ ଭିଜାଇ ଖାଇପାରିବେ, ଫଳରେ ହଜମ ଶୀଘ୍ର ହୋଇପାରିବ। ଘିଅ ଓ ଗୁଡ଼: ଘିଅ ଏବଂ ଗୁଡର ମିଶ୍ରଣ କେବଳ ଏକ ସୁନ୍ଦର ସ୍ୱାଦ ଦେବ ନାହିଁ, ବରଂ ଓଜନ ବୃଦ୍ଧି ପ୍ରୟାସରେ ମଧ୍ୟ ସହାୟକ ହୋଇପାରେ। ଘିଅରେ ସୁସ୍ଥ ଚର୍ବି ରହିଥାଏ, ଯାହା ଶକ୍ତି ଯୋଗାଇଥାଏ ଏବଂ ଲୌହ ସହ ଅନ୍ୟାନ୍ୟ ଜରୁରୀ ଖଣିଜ ପଦାର୍ଥର ଏକ ଉତ୍ତମ ଉତ୍ସ। କିପରି ଖାଇବେ: ସକାଳେ ଖାଲି ପେଟରେ ଏକ ଚାମଚ ଘିଅ ସହିତ ଏକ ଛୋଟ ଖଣ୍ଡ ଗୁଡ଼ ଖାଆନ୍ତୁ। ଏହି ମିଶ୍ରଣ କେବଳ ହଜମ ପ୍ରକ୍ରିୟାକୁ ମଜବୁତ କରିବ ନାହିଁ, ବରଂ ଶରୀରକୁ ଆବଶ୍ୟକୀୟ ଶକ୍ତି ମଧ୍ୟ ଯୋଗାଇବ।

କିଡନୀ କ୍ୟାନସର



ଦିନକୁ ଦିନ କିଡନୀ କ୍ୟାନସର ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି। ଏକ ରିପୋର୍ଟ ଅନୁସାରେ, ଏହା ୨୦୪୦ ସୁଦ୍ଧା ମୃତ୍ୟୁର ପଞ୍ଚମ ବଡ଼ କାରଣ ହୋଇପାରେ। ତେଣୁ କିଡନୀକୁ ସୁସ୍ଥ ରଖିବାକୁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ମାସରେ ବିଶ୍ୱ କିଡନୀ କ୍ୟାନସର ଦିବସ ପାଳନ କରାଯାଏ। ତେବେ କିଡନୀ କର୍କଟର ଲକ୍ଷଣ କଣ, କେଉଁମାନେ ଏହି ରୋଗରେ ପୀଡିତ ହେବାର ଆଶଙ୍କା ଅଧିକ ଏବଂ ପ୍ରତିରୋଧ କିପରି କରାଯାଇ ପାରିବ, କେଉଁମାନଙ୍କୁ ହୋଇଥାଏ କିଡନୀ କର୍କଟ ଧୂମପାନ କରୁଥିବା ବ୍ୟକ୍ତି କିଡନୀ ବା ବୃକକ କର୍କଟରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ। ସେହିପରି ଯେଉଁମାନେ ଉଚ୍ଚ ରକ୍ତଚାପରେ ପୀଡିତ ସେମାନଙ୍କର କିଡନୀ କର୍କଟ ହୋଇପାରେ। କିଡନୀ କର୍କଟକୁ ରୋକିବା ପାଇଁ କଣ କରିବା ଉଚିତ୍ କିଡନୀ କର୍କଟକୁ ରୋକିବା ପାଇଁ ଶରୀରର ଓଜନ ବଜାୟ ରଖନ୍ତୁ, ନିୟମିତ ବ୍ୟାୟାମ କରନ୍ତୁ ଏବଂ ଯଦି ରକ୍ତଚାପ ଅଛି, ତେବେ ଏହାକୁ ନିୟନ୍ତ୍ରଣ କରନ୍ତୁ। ନିୟମିତ ଔଷଧ ସେବନ କରନ୍ତୁ। ରାସାୟନିକ ପଦାର୍ଥ ସଂସ୍ପର୍ଶରେ ଆସିବାଠୁ ନିଜକୁ ରକ୍ଷା କରନ୍ତୁ। ଚିକିତ୍ସା ଯଦି ପରିବାରରେ କୌଣସି ବ୍ୟକ୍ତିଙ୍କର କିଡନୀ କର୍କଟ ଅଛି, ତେବେ ୬ ମାସ କିମ୍ବା ବର୍ଷେ ମଧ୍ୟରେ ଯାଞ୍ଚ କରାଇ ନିଅନ୍ତୁ। ଯାହା ଫଳରେ ପ୍ରାରମ୍ଭିକ ପର୍ଯ୍ୟାୟରୁ ରୋଗ ଚିହ୍ନଟ ହୋଇପାରିବ। ରୋଗର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଡାକ୍ତରମାନେ ଅସ୍ତ୍ରୋପଚାର କିମ୍ବା ଔଷଧ ପାଇଁ ପରାମର୍ଶ ଦେଇଥାନ୍ତି।

[କିଡନୀ କର୍କଟକୁ ରୋକିବା ପାଇଁ ଶରୀରର ଓଜନ ବଜାୟ ରଖନ୍ତୁ, ନିୟମିତ ବ୍ୟାୟାମ କରନ୍ତୁ ଏବଂ ଯଦି ରକ୍ତଚାପ ଅଛି, ତେବେ ଏହାକୁ ନିୟନ୍ତ୍ରଣ କରନ୍ତୁ।]

ସୂଚନା ଆଇନ ତଥ୍ୟ ଦେବାକୁ ପ୍ରଧାନ ଶିକ୍ଷୟିତ୍ରୀ କୁନ୍ଥୁକୁନ୍ଥୁ!

ପିପିଲି,(ନିପ୍ର): ପିପିଲି ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା କୋଠସାହି ଉତ୍କଳମଣି ସ୍ମୃତି ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସୂଚନା ଆଇନ ବଳରେ ତଥ୍ୟ ଦେବାକୁ କୁନ୍ଥୁ କୁନ୍ଥୁ ହେଉଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା ଦାଣ୍ଡରେ ପଡି

ହାଟରେ ଗଡୁଛି। ଏହାର ସମସ୍ୟା ନେଇ ଉପଯୁକ୍ତ ତଥ୍ୟ ପାଇବା ନିମନ୍ତେ ସୂଚନା ଆଇନବଳରେ ଗତ ୬ ତାରିଖରେ ବିଦ୍ୟାଳୟକୁ ଦରଖାସ୍ତ ଆଗତ କରିଥିଲେ। ସୂଚନା ପ୍ରଦାନର ସମୟସୀମା ୭ ଦିନ ବାକି ଥିବାବେଳେ ସେପଟେ ପ୍ରଧାନ ଶିକ୍ଷୟିତ୍ରୀ ତଥା ଜନସାଧାରଣ ସୂଚନା ଅଧିକାରିଣୀ ବିଦ୍ୟାଳୟର ତଥ୍ୟ ପ୍ରଦାନ କରିବାକୁ କୁନ୍ଥୁ କୁନ୍ଥୁ ହେଉଛନ୍ତି। ସୂଚନା ଆଇନରେ ସୂଚନା ତଥ୍ୟ କ'ଣ ରହିଛି । ସୂଚନା ଦେବାରେ ବିଳମ୍ବ କରି ସମୟ ଅତିବାହିତ କରୁଛନ୍ତି । ତାହା ଏକ ସନ୍ଦେହ ଘେରକୁ ଆଣି ଅଛି। ତେଣୁ ଏ ଦିଗରେ ବିଭାଗର ଏକ ଟିମ ନଜର ଦେଇ ବିଦ୍ୟାଳୟର ପ୍ରକୃତ କାରନାମା ଉପରେ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

କଳାକାରଙ୍କ ୨ କିଡ୍‌ନୀ ନଷ୍ଟ, ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ଭଦ୍ରକ,(ନିପ୍ର): ଜଣେ ତବଲା ବାଦକ ଭାବେ ଜୀବନର ୪୦ ବର୍ଷ ଅତିକ୍ରାନ୍ତ କରି ଭଦ୍ରକ ବ୍ଲକ୍ ଅଧୀନସ୍ଥ କଲେଇ ଗ୍ରାମର ଦୋଳଗୋବିନ୍ଦ ଯେନା (୬୩) ଏବେ କିଡ୍‌ନୀ ଜନିତ ରୋଗରେ ପୀଡିତ ଥାଇ ଅନ୍ୟର ହାତଟେକା ସହାୟତାରେ ଜିଇଁ ଚାଲିଛନ୍ତି। ତାଙ୍କର ଏବେ କେବଳ କଳାକାର ଭତ୍ତା ବାବଦକୁ ମାତ୍ର ୨ ହଜାର ଟଙ୍କା ସାହା ଭରସା। ଦୀର୍ଘ ଦୁଇବର୍ଷ ହେବ ସେ ମଧୁମେହ, ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥାଇ ତାଙ୍କର ଦୁଇଟି କିଡନୀ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଜମିବାଡି ଶୂନ୍ୟ ଦୋଳଗୋବିନ୍ଦଙ୍କର ଚିକିତ୍ସା ବାବଦକୁ କଟକ ଯାଇ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଲାଣି। ସେ ଦୁଇବର୍ଷ ହେବ ଡାଏଲିସିସ୍ ହୋଇଆସୁଥିବାବେଳେ ତାଙ୍କର ପତ୍ନୀ ବିମଳା ମଧ୍ୟ ରୋଗାଗ୍ରସ୍ତ। ଏଣୁ ତାଙ୍କ ଚିକିତ୍ସା ପାଇଁ ସରକାର ଉପଯୁକ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପରିଦର୍ଶନ ଯାନ ଯୋଗାଇବାକୁ ଦାବି

ବୋଲଗଡ଼,(ନିପ୍ର): ରାଜ୍ୟ ସରକାର ବିଭିନ୍ନ ବିଭାଗଗୁଡିକୁ କ୍ଷେତ୍ର ପରିଦର୍ଶନ ପାଇଁ ଯାନ ଯୋଗାଇ ଦେଉଥିବାବେଳେ ତାହା ବୋଲଗଡ଼ ବ୍ଲକ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ୟତିକ୍ରମ ଘଟିଛି । ବୋଲଗଡ଼ ବ୍ଲକର ୧୯ ଗ୍ରାମପଞ୍ଚାୟତରେ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମ୍ୟ ରାସ୍ତା ଓ ନୂତନ ଗୃହ ନିର୍ମାଣ ହୋଇଛି । ତେଣୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନରେ ନୂତନ ଭାବେ ନିର୍ମାଣ କରାଯାଉଥିବା ରାସ୍ତା ଓ ଗୃହ ଗୁଡିକର କାର୍ଯ୍ୟକୁ ତଦାରଖ ତଥା ସମୀକ୍ଷା କରିବା ପାଇଁ ବୋଲଗଡ ବ୍ଲକର ଗ୍ରାମ୍ୟ ଉନ୍ନୟନ ବିଭାଗ ଉପନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଉପଖଣ୍ଡ ଯନ୍ତ୍ରି ପ୍ରମୁଖ ମିଳିତ ଭାବେ ଗ୍ରାମାଞ୍ଚଳକୁ ଯାଇଥାନ୍ତି। କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗର ନିଜସ୍ୱ ପରିଦର୍ଶନ ଯାନ ନ ଥିବାରୁ ଠିକାଦାରମାନଙ୍କ ଦ୍ୱାରା ନିର୍ମାଣ ହୋଇଥିବା କାର୍ଯ୍ୟଗୁଡିକୁ ଠିକ୍ ଭାବେ ତଦାରଖ କରିପାରୁ ନାହାନ୍ତି ଓ ଯନ୍ତ୍ରୀମାନେ କାର୍ଯ୍ୟ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଉଛି। ତେଣୁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ଶାସନ ସଚିବ, ମୁଖ୍ୟଯନ୍ତ୍ରୀ ଓ ନିର୍ଦ୍ଦେଶକ ଏହାକୁ ବିଚାର କରି ଶୀଘ୍ର ବୋଲଗଡ଼ ଗ୍ରାମ୍ୟ ଉନ୍ନୟନ ଉପ ନିର୍ବାହୀଯନ୍ତ୍ରୀଙ୍କୁ ପରିଦର୍ଶନ ଯାନ ଯୋଗାଇ ଦେବାକୁ ବୋଲଗଡ଼ ବ୍ଲକ ଅଞ୍ଚଳ ବାସୀମାନେ ଦୃଢ଼ ଦାବି କରିଛନ୍ତି।

ଘରକୁ ଘର ବୁଲି ଚାଲିଛି ଭୋଟ ପରିଚୟପତ୍ର ସର୍ଭେ

କଣ୍ଟିଲୋ,(ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ସହରାଞ୍ଚଳ ସମେତ ଆଖପାଖ ଅଞ୍ଚଳରେ ଘରକୁ ଘର ବୁଲି ଭୋଟ ପରିଚୟପତ୍ର ସର୍ଭେ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଥିବା ଜଣାପଡିଛି। ଅଙ୍ଗନବାଡି କର୍ମୀମାନେ ଘରକୁ ଘର ବୁଲି ପରିବାରବର୍ଗଙ୍କୁ ଭେଟି



ସଠିକ ତଥ୍ୟ ସଂଗ୍ରହ କରିବାରେ ଲାଗି ପଡିଛନ୍ତି। ଯେପରି ନିର୍ଭୁଲ ଭାବେ ସମସ୍ତ ଭୋଟରଙ୍କୁ ଭୋଟ ପରିଚୟପତ୍ର ପ୍ରଦାନ କରାଯିବ ସେ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି।

ସମସ୍ୟାଘେରରେ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

||||||||| ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର |||||||||

ଗୋଲାମୁଣ୍ଡା,(ନିପ୍ର): କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ଅଞ୍ଚଳର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଏବଂ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଅନୁଯାୟୀ, ଏହି ୨୮ ଟି ପଞ୍ଚାୟତର ଲୋକଙ୍କୁ ସାଧାରଣ ଚିକିତ୍ସା ଠାରୁ ଆରମ୍ଭ କରି ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଅନ୍ୟ ଅଞ୍ଚଳକୁ ଯିବାକୁ ପଡୁଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ୮ ଦଫା ଦାବି ଉପସ୍ଥାପନ କରାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ଉନ୍ନତି ସହ ଡାକ୍ତର ଓ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଏବଂ ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବା ଉପରେ ଏହି ଦାବିପତ୍ରରେ ଗୁରୁତ୍ୱ ଦିଆଯାଇଛି।

ଦାବିପତ୍ରରେ ଉଲ୍ଲେଖ ଅନୁଯାୟୀ, ଗୋଲାମୁଣ୍ଡା ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ନିମ୍ନଲିଖିତ ୮ଟି ଦାବି ରଖାଯାଇଛି। ଗୋଲାମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ରହିବା ପାଇଁ ସରକାରୀ ଆବାସ ନିର୍ମାଣ କରିବାକୁ ଦାବି କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପାଚେରି ନ ଥିବାରୁ ଏହାର ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ପାଚେରି ନିର୍ମାଣ କରିବାକୁ ଦାବି ହୋଇଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ଆମ୍ବୁଲାନ୍ସର ସୁରକ୍ଷିତ ରଖଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ କରିବାକୁ ଅନୁରୋଧ କରାଯାଇଛି। ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ଅଞ୍ଚଳବାସୀଙ୍କୁ ଦୂର ସ୍ଥାନକୁ ଯିବାକୁ ପଡୁଥିବାରୁ ସିଏସ୍‌ସିଇ ମୁଖ୍ୟ କାର୍ଯ୍ୟାଳୟ ଗୋଲାମୁଣ୍ଡାରେ ଖୋଲିବାକୁ ଦାବି କରାଯାଇଛି। ଡ୍ରେସିଂ ରୁମରେ ବେସିନ୍ ନ ଥିବାରୁ ଚିକିତ୍ସା ସମୟରେ ସ୍ୱଚ୍ଛତା ରକ୍ଷା ପାଇଁ ତୁରନ୍ତ ବେସିନ୍ ସ୍ଥାପନ କରିବାକୁ ଦାବି ହୋଇଛି।

ବିଭିନ୍ନ ବିଭାଗରେ ଆବଶ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଯୋଗାଇଦେଇ ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ସେବା ପ୍ରଦାନ କରିବାକୁ ଦାବି କରାଯାଇଛି। ଏଏନ୍‌ଏମ୍ କର୍ମୀମାନଙ୍କ ବୈଠକ ଓ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ବୈଠକ ଗୃହ ନଥିବାରୁ ଏକ ମିଟିଂ ହଲ୍ ନିର୍ମାଣ କରିବାକୁ ଦାବି ରଖାଯାଇଛି। ନୂତନ କୋଠାର ଛାତରୁ ପାଣି ଝରୁଥିବା ସମସ୍ୟାର ସମାଧାନ ପାଇଁ ତୁରନ୍ତ ମରାମତି କରିବାକୁ ଦାବି କରାଯାଇଛି । ଗୋଲାମୁଣ୍ଡା ଅଞ୍ଚଳର ଲୋକେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ।

ତେଣୁ ଉକ୍ତ ୮ ଦଫା ଦାବିର ଶୀଘ୍ର ସମାଧାନ କରିବା ସହ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଦାବି ହୋଇଛି। ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଗୋଲାମୁଣ୍ଡା ବ୍ଲକ୍ ଅଧକ୍ଷ ବିନ୍ଦୁ ମହାନନ୍ଦ, ପ୍ରଦୀପ କୁମାର ପଣ୍ଡା, ବୈଶାଖୁ କେତକୀ , ଭୃଷବ ନାଏକ ଏବଂ ଗ୍ରାମବାସୀବୃନ୍ଦ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତ ଦାବିପତ୍ର ପ୍ରଦାନ କରିଛନ୍ତି।

ସମ୍ବଲପୁରରେ ଯକ୍ଷ୍ମା ରୋଗୀଙ୍କ ପାଇଁ ପୋଷଣ ସହାୟତା

ସୌର ଷ୍ଟ୍ରିଟଲାଇଟ୍ ପାଇଁ ଏମସିଏଲ୍‌ର ଏମଓୟୁ ସ୍ୱାକ୍ଷର

ସମ୍ବଲପୁର,(ନିପ୍ର): ୨୦୨୬: 'ନି-କ୍ଷୟ ମିତ୍ର' ଭାବରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ଜିଲ୍ଲା ପ୍ରଶାସନର ସହଯୋଗରେ ସମ୍ବଲପୁର ଜିଲ୍ଲାର ୧,୧୦୦ ଜଣ ଯକ୍ଷ୍ମା ରୋଗୀଙ୍କୁ ଗୋଟିଏ ବର୍ଷ ପାଇଁ ପୋଷଣ ସହାୟତା ଯୋଗାଇଦେବ। ରୋଗୀଙ୍କ ପୋଷକ ତତ୍ତ୍ୱ ଆବଶ୍ୟକତା ପୂରଣ କରିବା ଏବଂ ସେମାନଙ୍କ ଆରୋଗ୍ୟରେ ସାହାଯ୍ୟ କରିବା ପାଇଁ ଏମସିଏଲ୍ ନିଜର କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ ପଦକ୍ଷେପ ଅଧୀନରେ ପୋଷକ ଖାଦ୍ୟ ବାସ୍କେଟ୍ ବଣ୍ଟନ ପାଇଁ ୧.୨୩ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବ।

ଏହି କାର୍ଯ୍ୟ ନିମନ୍ତେ ଏମସିଏଲ୍‌ର ମହାପ୍ରବନ୍ଧକ (ସିଏସ୍‌ଆର) ଜ୍ୟୋତିର୍ମୟ ସିହ୍ନା ଏବଂ ସମ୍ବଲପୁରର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଭା.ପ୍ର.ସେ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ରୋଗୀଙ୍କୁ ପୋଷଣ ସହାୟତା ଯୋଗାଇଦେବା ଏବଂ

ଗୋଷ୍ଠୀସ୍ତରୀୟ ସ୍ୱାସ୍ଥ୍ୟସେବାରେ ସୁଦୃଢ଼ତା ଆଣିବା ସହ ଦେଶରୁ ଯକ୍ଷ୍ମା ନିରାକରଣ କରିବା ଦିଗରେ ଏମସିଏଲ୍‌ର ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ପ୍ରତିଫଳିତ କରୁଛି। ଅନ୍ୟ ଏକ ସ୍ୱତନ୍ତ୍ର ଏମଓୟୁ ମାଧ୍ୟମରେ,ଏମସିଏଲ୍ ସମ୍ବଲପୁର ଜିଲ୍ଲାର ବାହାମ ଗ୍ରାମପଞ୍ଚାୟତର ୪ଟି ଗ୍ରାମ ଏବଂ ୨ଟି ହେମଲେଟରେ ୮୦ଟି ସୌର ଷ୍ଟ୍ରିଟଲାଇଟ୍ ଲଗାଇବା ପାଇଁ ୨୮.୧୬ ଲକ୍ଷ ଟଙ୍କା ପ୍ରଦାନ କରିବ। ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଧାରଣ ଆଲୋକୀକରଣ ବ୍ୟବସ୍ଥାରେ ସୁଧାର ଆଣିବା, ସୁରକ୍ଷା ବୃଦ୍ଧି କରିବା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସାର୍ବଜନୀନ ସ୍ଥାନଗୁଡ଼ିକୁ ଅଧିକ ସୁଗମ କରିବା। ଏହିପରି ଗୋଷ୍ଠୀ-କେନ୍ଦ୍ରିକ ପଦକ୍ଷେପ ଗୁଡ଼ିକ ମାଧ୍ୟମରେ, ଏମସିଏଲ୍ ନିଜର କାର୍ଯ୍ୟକ୍ଷେତ୍ର ଅଞ୍ଚଳରେ ଅନ୍ତର୍ଭୁକ୍ତ ବିକାଶ, ସୁସ୍ଥିର ପ୍ରଗତି, ଅତ୍ୟାବଶ୍ୟକ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ସ୍ଥାନୀୟ ଗୋଷ୍ଠୀର ସାମାଜିକ-ଅର୍ଥନୈତିକ ଉନ୍ନତି ପାଇଁ ନିଜର ପ୍ରତିବଦ୍ଧତାକୁ ନିରନ୍ତର ଆଗେଇ ନେଉଛି।

ଇଡକୋକୁ ଜମି ହସ୍ତାନ୍ତର ପ୍ରତିବାଦ

ଜମିକୁ ଗ୍ରାମବାସୀଙ୍କ ନାମରେ ରେକର୍ଡ କରିବାକୁ ଦାବି

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅଧୀନସ୍ଥ ରମାବିଲି ମୌଜା ଅନ୍ତର୍ଗତ ଖାତା ନଂ-୪୧୫, ପ୍ଲଟ ନଂ-୯୯୭ ଏବଂ କିସମ ଗୋଚର ଜମିରୁ ୪.୦୦୦ ଏକର ଜମିକୁ ଗ୍ରାମବାସୀଙ୍କ ନାମରେ ହସ୍ତାନ୍ତର ଓ ରେକର୍ଡ କରାଯିବା ନେଇ ଦାବି ଜୋର୍ ଧରିଛି। ଏନେଇ ରମାବିଲି ଉପରସାହିର ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗ୍ରାମବାସୀମାନେ ପ୍ରାୟ ଶହେ ବର୍ଷରୁ ଅଧିକ ସମୟ ଧରି ଏହି ଜମିକୁ ଗୋଚର ଭାବେ ବ୍ୟବହାର କରିଆସୁଛନ୍ତି। ଗ୍ରାମବାସୀ ଏହି ଜମିରେ ଆମ୍ବ, ପଣସ, ବାଉଁଶ ଆଦି ବିଭିନ୍ନ ପ୍ରକାର ଗଛ ଲଗାଇ ସଂରକ୍ଷଣ କରିବା ସହ ଏହାର ଆଶ୍ରୟରେ ଗାଁର ଠାକୁରାଣୀଙ୍କ ପୂଜାର୍ଚ୍ଚନା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନ କରିଥାନ୍ତି। ତେବେ ଗ୍ରାମବାସୀଙ୍କ ଅଜାଣତରେ ଉକ୍ତ ଜମି ସମେତ ଅନ୍ୟାନ୍ୟ ଜମିକୁ ଟାଙ୍ଗୀ ତହସିଲ ପକ୍ଷରୁ 'ଇଡକୋ'କୁ ହସ୍ତାନ୍ତର କରାଯାଇଥିବା ନେଇ ସେମାନେ ଜାଣିବାକୁ ପାଇଛନ୍ତି। ଜମି ହସ୍ତାନ୍ତର ସମୟରେ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ସୂଚନା ଦିଆଯାଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଜମି ଗ୍ରାମବାସୀଙ୍କ ବାସଗୃହ ନିକଟରେ ଅବସ୍ଥିତ ଥିବାରୁ ସେଠାରେ କୌଣସି କାରଖାନା ପ୍ରତିଷ୍ଠା ହେଲେ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନଜୀବିକା ପ୍ରତି ବିପଦ ସୃଷ୍ଟି ହେବ। ଏହାଦ୍ୱାରା ବହୁ ପରିମାଣର ବନୀକରଣ ଗଛ ନଷ୍ଟ ହେବା ସହ ଗ୍ରାମବାସୀ ଗଛ ଲଗାଇ ଯେଉଁ ରୋଜଗାର କରୁଥିଲେ, ତାହା ମଧ୍ୟ ପ୍ରଭାବିତ ହେବ ବୋଲି ସେମାନେ ଦର୍ଶାଇଛନ୍ତି। ଏହାସହ ଉକ୍ତ ଜଙ୍ଗଲରେ ଠେକୁଆ, ହରିଣ, ମୟୂର, କୋକିଶିଆଳି ଓ ବାରାହା ସମେତ ବିଭିନ୍ନ ବନ୍ୟଜନ୍ତୁ ବସବାସ କରୁଛନ୍ତି। ଯଦି ଏଠାରେ କାରଖାନା କରାଯାଏ, ତେବେ ମନୁଷ୍ୟ ସହିତ ବନ୍ୟଜନ୍ତୁ ମଧ୍ୟ ଅସୁରକ୍ଷିତ ହୋଇପଡ଼ିବେ। ତଦନ୍ତ ପୂର୍ବକ କରି ଉକ୍ତ ୪ ଏକର ଜମିକୁ ରମାବିଲି ଉପରସାହି ଗ୍ରାମବାସୀଙ୍କ ନାମରେ ରେକର୍ଡ କରିବା ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ବାରମ୍ବାର ନିବେଦନ କରିଛନ୍ତି।

ବୃଦ୍ଧାଙ୍କୁ ମିଳିନି ୮ମାସର ଭତ୍ତା

ଚମ୍ପୁଆ,(ନିପ୍ର): ଗ୍ରାମାଞ୍ଚଳରେ ଜୀବନ ବିତାଉଥିବା ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ଯୋଗାଇବା ପାଇଁ ସରକାର କରିଛନ୍ତି ଅନେକ ବ୍ୟବସ୍ଥା । ଯେଉଁମାନେ ବ୍ଲକ କାର୍ଯ୍ୟାଳୟ ଆସିବାକୁ ଅସମର୍ଥ ସେମାନଙ୍କୁ ସମ୍ପୃକ୍ତ ପଞ୍ଚାୟତ ଅଧିକାରୀ ଘରେ ପହଞ୍ଚିଭତ୍ତା ଦେବାର ବ୍ୟବସ୍ଥା ମଧ୍ୟ ଅଛି। ହେଲେ ବାସ୍ତବ ଚିତ୍ର ଏଠି ଅଲଗା । ଯାହା ଏହି ଦୃଶ୍ୟରୁ ବେଶ୍ ବାରି ହେଉପଡୁଛି । କିଭଳି ଚାଲିଛି ଭତ୍ତା ବ୍ୟବସ୍ଥା ଚମ୍ପୁଆ ବ୍ଲକ୍ ଭଣ୍ଡା କନ୍ଦାରନାଳି ସାହି ୮୫ ବର୍ଷର ବୃଦ୍ଧା ମଣି ମହାରଣାଙ୍କୁ ଦେଖିଲେ ସ୍ପଷ୍ଟ ହେଉଛି । ୮ ମାସ ଧରି ଭତ୍ତା ନ ମିଳିବାରୁ ଔଷଧ ଟିକେ କିଣି ନ ପାରି ମଣି ଶଯ୍ୟାଶାୟୀ ହେବା ଭତ୍ତା ଯୋଜନାର ବିକଳ ଚିତ୍ରକୁ ସାମ୍ନାକୁ ଆଣିଛି ।

ମଣିଙ୍କ ପରିବାରର ଆର୍ଥିକ ସ୍ଥିତି ଠିକ୍ ନଥିବା ବେଳେ ପୁଅ ବୋହୂ ପର ଘରେ ମୂଲ ମଜୁରି କରି ପରିବାର ପୋଷଣ କରୁଛନ୍ତି । ଏପରି ସ୍ଥିତିରେ ମଣିଙ୍କୁ ଔଷଧ ଯୋଗାଇ ଦେବାକୁ ତାଙ୍କ ପରିବାର ପକ୍ଷେ କାଠିକର ପାଠ ହୋଇପଡିଛି। ଆଗରୁ ମିଳୁଥିବା ଭତ୍ତା ଟଙ୍କାରେ ନିଜର ଔଷଧ ପତ୍ର ଆଣି ଭଲରେ ଥିଲେ ମଣି । ଭତ୍ତା ଟଙ୍କା ଗଣ୍ଡାକ ପାଉଥିବାରୁ ପରିବାର ଉପରେ ବୋଝ ହେବାକୁ ପଡୁନଥିଲା । ମାତ୍ର ୮ ମାସ ଧରି ଭତ୍ତା ନ ପାଇବାରୁ ଔଷଧ କିଣି ନ ପାରି ଏବେ ମଣି ଶଯ୍ୟାଶାୟୀ ହେବା ସ୍ଥିତିରେ ପହଞ୍ଚି ଯାଇଛନ୍ତି। ତେବେ ଏହି ଭତ୍ତା ଟଙ୍କା ପାଇବା ପାଇଁ ତାଙ୍କ ପୁଅ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ

ଯାଇଥିଲେ ସୁଦ୍ଧା ଭତ୍ତା ମିଳିପାରି ନାହିଁ । ପଞ୍ଚାୟତ ଅଧିକାରୀ ଠାରୁ ଆରମ୍ଭ କରି ବ୍ଲକ ଅଧିକାରୀ ପର୍ଯ୍ୟନ୍ତ ତାଙ୍କୁ ଭତ୍ତା ଗୁହାରି କାହାରି କର୍ଣ୍ଣଭେଦ କରି ପାରୁ ନଥିବାରୁ ଶେଷରେ ନିଜର ଅଧିକାର ପାଇବାରୁ ବଞ୍ଚିତ ହୋଇ ଶଯ୍ୟାଶାୟୀ ହୋଇ ଭଗବାନଙ୍କ ଭରସାରେ ବଞ୍ଚି ରହିଛନ୍ତି ମଣି। ସରକାର ୮୦ ବର୍ଷରୁ ଅଧିକ ବୃଦ୍ଧ ବୃଦ୍ଧାଙ୍କ ପାଇଁ ୩୫୦୦ ଟଙ୍କାର ଭତ୍ତା ଯୋଗାଇ ଦେବାକୁ କହୁଥିବା ବେଳେ ମଣିଙ୍କ ପାଇଁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ତ ଦୂରର କଥା ଏଠି ମିଳୁଥିବା ୧୦୦୦ ଟଙ୍କା ମଧ୍ୟ ଠିକ୍ ଭାବରେ ମିଳିପାରୁ ନାହିଁ। ଏ ନେଇ ଚମ୍ପୁଆ ବିଡ଼ିଓଙ୍କ ଫୋନ୍ କରି କହିବାକୁ ସେ କହିଲେ ପଞ୍ଚାୟତ ଅଧିକାରୀଙ୍କ ଠାରୁ ଅବଗତ ହୋଇ ଶୀଘ୍ର ମଣିଙ୍କୁ ଭତ୍ତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

'ସୁରକ୍ଷିତ ବଚପନ ଅଭିଯାନ'

ଭଦ୍ରକ,(ନିପ୍ର): ଶିଶୁଙ୍କ ଅଧିକାରର ସୁରକ୍ଷା, ଯୌନ ଶୋଷଣର ନିରାକରଣ ଏବଂ ଏକ ସୁରକ୍ଷିତ ବାଲ୍ୟାବସ୍ଥା ନିଶ୍ଚିତ କରିବା ଦିଗରେ ଆଇନ ସଚେତନତାର ଗୁରୁତ୍ୱ ଅପରିସୀମ। ଏହି ଉଦ୍ଦେଶ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ 'ସୁରକ୍ଷିତ ବଚପନ ଅଭିଯାନ' ଅନ୍ତର୍ଗତ 'ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଗେଲପୁରସ୍ଥିତ ବାପୁଜୀ ନୋଡାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଆଶିଷ କୁମାର ଦେ ସମ୍ମାନିତ

ଅତିଥି ଏବଂ ଶିଶୁ ସୁରକ୍ଷା ଶାଖାର ସାମାଜିକ ଶିଶୁ ଆଇନ ଅଧିକାରୀ ସୁବ୍ରତ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ରଥ ନିଜ ବକ୍ତବ୍ୟରେ ଶିଶୁଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କୁ ଯୌନ ଅପରାଧରୁ ସୁରକ୍ଷିତ ରଖିବା ପାଇଁ ପ୍ରଚଳିତ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଶିଶୁଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଶୋଷଣକୁ ରୋକିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ଆଇନ ସଚେତନତାର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ବିଚାରପତି ଶ୍ରୀ ଦେ ଶିଶୁଙ୍କ ସୁରକ୍ଷା ନିମନ୍ତେ ରହିଥିବା କଠୋର ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରସ୍ୱତୀ ଖଣ୍ଡେଇଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ 'କାନୁନ ଜାଣ, ବଚପନ ବଚାଓ' ଏବଂ 'ଜାଗରୁକ ବଚପନ, ସଶକ୍ତ ଭାରତ' ଭଳି ସଚେତନତାମୂଳକ ସ୍ଲୋଗାନ ଦେଇ ଶିଶୁ ସୁରକ୍ଷାର ବାର୍ତ୍ତା ପ୍ରଚାର କରିଥିଲେ।ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଶିବାନୀ ତ୍ରିପାଠୀ ଓ ସରୋଜ ସେଠୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ତପନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସହର ତଳି ଅଞ୍ଚଳର ଲୋକମାନେ ଏବେ ବି ପାଣି ଘେରରେ

ପୁରୀ,(ନିପ୍ର): ବାତ୍ୟା ଅର୍ଣ୍ଣବର ସହରରେ ପ୍ରବଳ ବର୍ଷା ହେବା ଦ୍ୱାରା ସହର ତଳି ଅଞ୍ଚଳ, ଖାଲୁଆ ଅଞ୍ଚଳ ଓ ବସ୍ତି ଅଞ୍ଚଳଗୁଡିକରେ ବର୍ଷା ଜଳ ଜମିଥିବା ଯୋଗୁଁ ଓ କେତେକ ବସ୍ତିରେ ଘରେ ପାଣି ପଶିଯିବା ଯୋଗୁଁ ଲୋକମାନେ ଘରୁ ବାହାରି ପାରୁନଥିବା କୁହାଯାଉଛି। ଜଳ ନିଷ୍କାସନ କରିବା ଦିଗରେ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ମଧ୍ୟ ଅଭିଯୋଗ ହେଉଛି। ପାଗ ଶୁଖିଲା ରହିଥିବା ବେଳେ ପୂର୍ବାହ୍ନରୁ ଆକାଶ ମେଘାଚ୍ଛନ୍ନ ହେବ ସହ ବର୍ଷା ମଧ୍ୟ ଆରମ୍ଭ ହୋଇଯାଇଛି। ସହରରେ ବିଭିନ୍ନ ଅଞ୍ଚଳରେ ମଧ୍ୟ ରାସ୍ତା ଘାଟରେ ପାଣି ଜମି ରହିଥିବା ଦେଖାଯାଏ ବର୍ଷା ହେବା ପରେ ବେଳାଭୂମିରେ ପର୍ଯ୍ୟଟକମାନଙ୍କ ସଂଖ୍ୟା ହ୍ରାସ ପାଇଛି। ଅବସର କଟାଇବା ପାଇଁ ବାହାରୁ ଆସିଥିବା ପର୍ଯ୍ୟଟକ ମାନଙ୍କ ମଧ୍ୟରେ ଅର୍ଣ୍ଣବ ଯୋଗୁଁ ସେମାନେ ବେଳାଭୂମିରୁ ମଜା ଉଠାଇବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା । ଆଜି ମଧ୍ୟ ସମୁଦ୍ର ଅଶାନ୍ତ ରହିଛି। ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ମାଛ ଧରିବାକୁ ଯାଇ ପାରୁନଥିବାରୁ ସେମାନଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡିଛି। ପୁରୀ ପୌର ନିଗମ ଖାଲୁଆ ଓ ବସ୍ତି ଅଞ୍ଚଳରୁ ଜଳ ନିଷ୍କାସନ କରିବା ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

ସମସ୍ତ ହବିଷ୍ୟାଳି କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

ମା'ମାନଙ୍କ ସହ ଭଲମନ୍ଦ କଥା ବୁଝିଲେ

ପୁରୀ,(ନିପ୍ର): ଚଳିତ ବର୍ଷର ହବିଷ୍ୟାଳି ବ୍ରତ ୨୬ ତାରିଖ ଠାରୁ ଆରମ୍ଭ ହୋଇଛି।ଏହା ଏକ ମାସ ଧରି ଚାଲି ନଭେମ୍ବର ୨୪ ରେ ଶେଷ ହେବ। ଏହି ବ୍ରତକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ପ୍ରଶାସନ ନିଷ୍ଠାପର ଭାବେ କାର୍ଯ୍ୟ କରୁଛି। ପୂର୍ବରୁ ଜିଲ୍ଲାପାଳ ହବିଷ୍ୟାଳି କେନ୍ଦ୍ର ଗୁଡିକ ବୁଲି ସ୍ଥିତି ଅନୁଧ୍ୟାନ ସହ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନଙ୍କୁ ସମସ୍ତ କାର୍ଯ୍ୟର ସୁ ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ପ୍ରଥମ ଦିନ ବୃନ୍ଦାବତୀ ନିବାସ ପରିଦର୍ଶନ କରିଥିବା ବେଳେ ଆଜି ମୋଚି ସାହି କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ହବିଷ୍ୟାଳି କେନ୍ଦ୍ର ପରିଦର୍ଶନ ସହ ହବିଷ୍ୟାଳି ମାଆ ମାନଙ୍କ ଭଲ ମନ୍ଦ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସେମାନଙ୍କ ସଂପୃକ୍ତ କେନ୍ଦ୍ର ମାନଙ୍କରେ

ରହଣିରେ ସୁବିଧା ଅସୁବିଧା, ମନ୍ଦିର ଦର୍ଶନ,ମହାପ୍ରସାଦ ସେବନ ସମ୍ପର୍କରେ ପଚାରି ବୁଝିଥିଲେ। ହବିଷ୍ୟାଳି କେନ୍ଦ୍ରରେ ରହିବା, ବୃନ୍ଦାବତୀ ପୂଜା କରିବା,ମନ୍ଦିର ଦର୍ଶନ କରିବା, ମହାପ୍ରସାଦ ସେବନ କରିବା,ଭଜନ, କୀର୍ତ୍ତନ, ପ୍ରବଚନ ଶୁଣିବା ବ୍ୟବସ୍ଥା ଅତ୍ୟନ୍ତ ସୁନ୍ଦର ହୋଇଛି ବୋଲି ମା ମାନେ ଜିଲ୍ଲାପାଳଙ୍କୁ କହିଥିଲେ।ବର୍ଷା ହେଉଥିବାରୁ ମାଆ ମାନେ ବାହାରକୁ ନ ଯାଇ ହବିଷ୍ୟାଳି କେନ୍ଦ୍ରମାନଙ୍କରେ ରହିବା, ସ୍ୱାସ୍ଥ୍ୟ ସମସ୍ୟା ହେଲେ ତୁରନ୍ତ ସେହି ହବିଷ୍ୟାଳି କେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିରରେ ଦେଖାଇବା ଏବଂ ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ ଦାୟିତ୍ୱରେ ଅଧିକାରୀ,ସ୍ୱେଚ୍ଛାସେବୀ ମାନଙ୍କ ପରାମର୍ଶକୁ ମାନିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ।

ଏହାକୁ ଯେପରି ଆହୁରି ଅଧିକ ଶୃଙ୍ଖଳିତ କରାଯାଇ ପାରିବ ସେଥିପ୍ରତି ଯତ୍ନବାନ ହେବାକୁ ସମସ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ପାନୀୟ ଜଳ, ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା,ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥା,ମନ୍ଦିର ଦର୍ଶନ ପାଇଁ ଗାଡି ବ୍ୟବସ୍ଥା, ଶୃଙ୍ଖଳିତ ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ ବ୍ୟବସ୍ଥାକୁ ସଠିକ ଭାବେ ପରିଚାଳନା ପାଇଁ ଜିଲ୍ଲାପାଳ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ଆଇଏଫଡବ୍ଲ୍ୟୁଜେର ପ୍ରତିଷ୍ଠା ଦିବସ

ପିପିଲି,(ନିପ୍ର): ରାଜ୍ୟ କଳିଙ୍ଗ ୟୁନିୟନ ଅଫ ୱାର୍କିଙ୍ଗ ଜର୍ଣ୍ଣାଲିଷ୍ଟ(କେୟୁଡ଼ବ୍ୟୁଜେ) ପକ୍ଷରୁ ସର୍ବଭାରତୀୟ କର୍ମଜୀବୀ ସାମ୍ବାଦିକ ମହାସଂଘ (ଆଇଏଫଡବ୍ଲ୍ୟୁଜେ)ର ୭୬ ତମ ପ୍ରତିଷ୍ଠା ଦିବସ ପିପିଲିଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସଂଘ ପକ୍ଷରୁ ୩ଦଫା ସମ୍ବଳିତ ଏକ ଦାବିପତ୍ରକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ଦେଶରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଚିହ୍ନଟ କରାଯାଇ ଜାତୀୟ ସ୍ତରରେ ଏକ ଡାଟାବେସ ରେଜିଷ୍ଟର ପ୍ରସ୍ତୁତ ପୂର୍ବକ ସେମାନଙ୍କ ବିଭିନ୍ନ ଦାବି ପୂରଣ କରାଯିବାକୁ କୁହାଯାଇଛି। କେୟୁଡ଼ବ୍ଲ୍ୟୁଜେ ର ରାଜ୍ୟ ସଭାପତି ମନୋଜ ଦାସଙ୍କ ନେତୃତ୍ୱରେ ଆଇଏଫଡବ୍ଲ୍ୟୁଜେର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିବାବେଳେ ଏଥିରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ, କାର୍ଯ୍ୟକାରିଣୀ ସଦସ୍ୟ ଚନ୍ଦ୍ରମାଧବ ମିଶ୍ର, ପ୍ରଶାନ୍ତ କୁମାର ଦୀକ୍ଷିତ, ଧନେଶ୍ୱର ପ୍ରଧାନ, ଅନିଲ ଦଳାଇ, ବସନ୍ତ ପରିଡ଼ା, ରମେଶ କୁମାର ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ତିଥି :(ପଞ୍ଚମୀ): (ମୃଗଶିରା ମିଥୁନ)
ଅମୃତ ବେଳା: ଦିବା ଘ ୬।୩୮ ମଧ୍ୟେ ଘ୭।୨୬ ଗତେ

ଆଜିର ଅନୁଚିନ୍ତନ

ସବୁ ପ୍ରାଣୀଙ୍କ ଠାରେ ମୁଁ ସମାନ।। - ଶ୍ରୀମଦ୍ ଭଗବଦ୍ ଗୀତା

ସୁଲଭ ମୂଲ୍ୟରେ ଔଷଧ

ନିକଟରେ ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନ୍‌ପିପିଏ) ପକ୍ଷରୁ ୫୪୩ଟି ବ୍ରାଣ୍ଡର କର୍କଟ ଔଷଧର ସଂଶୋଧିତ ସର୍ବାଧିକ ଖୁଚୁରା ମୂଲ୍ୟ ସଂକ୍ଷେପରେ ଏମ୍‌ଆର୍‌ପି ତାଲିକା ପ୍ରକାଶିତ ହୋଇଛି। ଯେପରିକି ଡା. ରେଡ୍ଡିଜ଼ି ଲାବୋରେଟୋରୀ ଦ୍ୱାରା ପ୍ରସ୍ତୁତ ଆଜାସିଟିଡନ୍ ଇଂଜେକ୍ସନର ଦାମ୍ ପୂର୍ବରୁ ଥିଲା ୬,୩୩୭ଟଙ୍କା। ଏବେ ଏହା ୧୪୯୫ ଟଙ୍କାକୁ ଖସିଆସିଛି। ଆବଟହେଲ୍‌ଥ କେୟାରର ବେଭାମିଜୁନାବ ଇଂଜେକ୍ସନର ଦାମ୍ ଥିଲା ୨୧,୭୬୭ ଟଙ୍କା। ଏବେ ଏହା ୫,୯୩୦ଟଙ୍କାକୁ କମିଛି। ଏଭଳି ଅନ୍ୟାନ୍ୟ ଔଷଧର ମୂଲ୍ୟ କମିବା ଆଶ୍ୱସ୍ତିର ବିଷୟ। ତେବେ ପ୍ରଶ୍ନ ଉଠୁଛି ଯଦି ଏମ୍‌ଆର୍‌ପି ମୂଲ୍ୟ ଏତେ କମିପାରୁଛି ପ୍ରକାରାନ୍ତେ ଔଷଧ ନିର୍ମାତାଙ୍କ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଆଯାଉଛି,ଏପରି ହିଁ ମନେହେଉଛି। ଅପରପକ୍ଷେ ରୋଗୀଙ୍କୁ ଅଣଦେଖା କରିବାର ଉଦ୍ଦେଶ୍ୟ କ'ଣ ତାହା ବୁଝାପଡୁନାହିଁ। ସ୍ମରଣ କରାଯାଇପାରେ ଏକଦା ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ଏକ ସାଲାଇନ୍ ଡ୍ରିପର ମୂଲ୍ୟ ୧୧ ଟଙ୍କା। ମାତ୍ର ଏହାକୁ ୨୭୦ ଟଙ୍କାରେ ବିକ୍ରି କରାଯାଉଛି। ଅର୍ଥାତ୍, ପ୍ରକୃତ ମୂଲ୍ୟ ଠାରୁ ବହୁ ଗୁଣ ଅଧିକରେ ବିକ୍ରି କରାଯାଉଛି। ଏହାର ମାନେ କ'ଣ ଓ ଏଥିଲାଗି କିଏ ଅନୁମତି ଦେଉଛନ୍ତି। ସୁପ୍ରିମକୋର୍ଟଙ୍କ ଏ ପ୍ରଶ୍ନ ନୀତିଗତ ଏବଂ କେନ୍ଦ୍ର ସରକାର ଏଥିଲାଗି ଉତ୍ତରଦାୟୀ ରହି ଉଦ୍ଦେଶ୍ୟ ସ୍ପଷ୍ଟ କରିବା ଦରକାର।

କେବଳ ସେତିକି ନୁହେଁ, କର୍କଟ ଔଷଧ ଉପରେ ଲାଭ ୩୦ ପ୍ରତିଶତରେ ରଖିବା ଉପରେ ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। ସହଜେ କର୍କଟ ରୋଗରେ ଯେକୌଣସି ପରିବାରର କେହି ପୀଡିତ ହେଲେ କିଭଳି ଦୁର୍ଦ୍ଦଶା ଭୋଗିଥାଆନ୍ତି ତାହା ସଂପୃକ୍ତ ପରିବାରର ଅନୁଭବରେ ଥାଏ। ଏପରି ସ୍ଥଳରେ ଚିକିତ୍ସା ବ୍ୟୟବହୁଳ ହେଲେ ବୋଝ ବଢ଼ିଯାଏ। ଆମ ଦେଶରେ ଅଧିକ ଭାବରେ ଆର୍ଥିକ ଦୁର୍ବଳ ବର୍ଗର ରୋଗୀ ଏଥିରେ ଆକ୍ରାନ୍ତ ହେଉଥିବା ସମାଜ ଶାସ୍ତ୍ରୀମାନେ କହନ୍ତି। ଜୀବନ ଧାରଣ ଶୈଳୀରେ ଆନୁଷଙ୍ଗିକ ଖାଦ୍ୟପେୟ ଓ ବ୍ୟବସ୍ଥାର ଅଭାବ ଏଥିଲାଗି ଦାୟୀ ହୋଇଥାଏ। ଏପରି ସ୍ଥଳେ କର୍କଟ ଔଷଧର ଦରବୃଦ୍ଧି ସେମାନଙ୍କ ଚିନ୍ତା ବହୁଗୁଣ ବଢାଇଥାଏ। କେଉଁ ଔଷଧର ମୂଲ୍ୟ କେତେ ତାହା ଧାର୍ଯ୍ୟ କରିବା ଦାୟିତ୍ୱ ଡ୍ରଗ୍‌ସ ପ୍ରାଇସ କଣ୍ଟ୍ରୋଲ ଅର୍ଡରର ଅଧୀନ। ମାତ୍ର ସ୍ଥିତିକୁ ଦେଖିଲେ କେଉଁଠି ନା କେଉଁଠି ଗଡ଼ବଡ଼ ଥିବା ଭଳି ଜଣାପଡୁଛି ଏବଂ ଏ କ୍ଷେତ୍ରରେ ଅଦ୍ଭୁତ ଉଦାସୀନତା ଆହୁରି ଉଦ୍‌ବେଗଜନକ। ଅବଶ୍ୟ କର୍କଟ ଔଷଧର ସଦ୍ୟ ସଂଶୋଧିତ ଦର ତାଲିକା ଆକ୍ରାନ୍ତ ରୋଗୀଙ୍କ ପାଇଁ ବଡ଼ ଆଶ୍ୱସ୍ତି। ଉଲ୍ଲେଖ କରାଯାଇପାରେ ସୁପ୍ରିମକୋର୍ଟ ନିକଟ ଅତୀତରେ ପ୍ରଶ୍ନ କରିଥିଲେ, ଯଦି କର୍କଟ ଔଷଧ ଉପରେ ଲାଭ ଧାର୍ଯ୍ୟ କରାଯାଇପାରୁଛି ତେବେ ଅନ୍ୟ ଔଷଧକୁ କାହିଁକି ନିୟନ୍ତ୍ରଣ କରାଯାଉନାହିଁ ? ଏପରି ପ୍ରଶ୍ନର ଉତ୍ତର ଆଗକୁ କେନ୍ଦ୍ର ସରକାର କ'ଣ ରଖିବେ ତାହା ଉପରେ ନିଶ୍ଚୟ ନଜର ରହିବ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଆମ ଦେଶରେ ତଥାକଥିତ ବଡ଼ ବଡ଼ ଡାକ୍ତରଖାନାର ସେବା ସହଜରେ ପାଇବା ଓ ଔଷଧ ସୁଲଭ ଦରରେ ମିଳିବା କେତେ କଷ୍ଟକର ତାହା ଏପରି ଡାକ୍ତରଖାନା ଓ ଔଷଧ ଦୋକାନଗୁଡ଼ିକରେ ଥିବା ଭିଡ଼କୁ ଦେଖିଲେ ବେଶ୍ ଭଲ ଭାବରେ ବୁଝିହୁଏ। ସହଜେ ଆମ ଦେଶରେ ବିଭିନ୍ନ ସମୟରେ ନକଲି ଔଷଧ କାରବାର ସଂକ୍ରାନ୍ତ ଖବର ସାମ୍ନାକୁ ଆସିଥାଏ। ଏହା ଦର୍ଶାଏ ଯେ ନକଲି ଔଷଧର ଉପଲବ୍ଧତା ବଜାରରେ କୌଣସି ନା କୌଣସି ଗଳାବାଟରେ ଜାରି ରହେ। ଏସବୁକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଉଚିତ ନୀତି ନିର୍ଦ୍ଧାରଣ କରିବା ଦରକାର, ଯେପରି ଦେଶର ଅବହେଳିତ ବର୍ଗର ଧାଡ଼ିରେ ଥିବା ଶେଷ ମଣିଷଟିଏ ସୁଦ୍ଧା ବଡ ଡାକ୍ତରଖାନା ଓ ଉପଯୁକ୍ତ ଔଷଧ ପାଇବାର ସୁବିଧା ତାହାର ହାତପାଆନ୍ତାରେ ରହୁ। କୌଣସି ଅଞ୍ଚଳର କର୍କଟ ହେଉ କି ସାଧାରଣ ରୋଗରେ ପୀଡ଼ିତ ରୋଗୀ ହୁଅନ୍ତୁ କେହି ନିରାଶ ନ ହୁଅନ୍ତୁ। ସେମାନଙ୍କୁ ସୁଲଭ ମୂଲ୍ୟରେ ଔଷଧ ଉପଲବ୍ଧ ହେଉ ଏବଂ ସରକାରଙ୍କ ଦ୍ୱାରା ଚାଲୁ ରହିଥିବା ସ୍ୱାସ୍ଥ୍ୟସେବା ଯୋଜନାରେ ବିଶେଷ କରି ଗରିବ ଲୋକମାନେ ଠିକଣା ଭାବେ ଉପକୃତ ହୁଅନ୍ତୁ।

ମନେ ରହେ ନାହିଁ , ବୟସ ହେଲେ...

ଡା. ସମ୍ରାଟ କର

ବହୁଦିନ ହେଲା ମୁଁ ମାମୁଘରକୁ ଯାଇ ନ ଥିଲି। ଏଥର ଖରା ଛୁଟିରେ ମୋର ମାମୁଘରକୁ ଯିବାକୁ ଭାରି ଇଛା ହେଲା। ମନେ ପଡ଼ିଗଲା ମୋର ପିଲାବେଳର କଥା। କେମିତି ରାତିରେ ଉଠି ଅଜାଙ୍କ ସାଙ୍ଗରେ ଆମ୍ବ ତୋଟାକୁ ପାଚିଲା ଆମ୍ବ ଗୋଟାଇବାକୁ ଯାଉଥିଲି। ମାମୁ ଓ ମାଉସୀଙ୍କ ସାଥିରେ ମୁଗ ବିଲକୁ ଯାଉଥିଲି। ପୋଖରୀରୁ ମାଛ ଧରାହେଲେ ଆଈ କେମିତି ଗରମ ଗରମ ଚୂନା ମାଛଭଜା ସହ ପଖାଳ ଭାତ ବାଢ଼ି ଦେଉଥିଲା। ସେଇଥିପାଇଁ ମୋର ମାମୁ ଓ ମାଉସୀଙ୍କ କଥା ଭାରି ମନେ ପଡ଼ିଲା। ମୁଁ ମାମୁଘରକୁ ଗଲି। ମୋତେ ଦେଖି ମାମୁ-ମାଇଁ, ଅଜା-ଆଈ ବହୁତ ଖୁସି ହୋଇଗଲେ। ତା'ପରେ ମୁଁ ସାନ ଅଜା-ଆଈଙ୍କୁ ଦେଖା କରିବାକୁ ଗଲି। ସାନ ଆଈ ମୋତେ କୁଣ୍ଢାଇ ପକାଇଲେ। ପିଲାବେଳେ ସାନ ଅଜା ଓ ଆଈଙ୍କ ସହ ଲୁଡୁ ଓ ତାସ୍ ଖେଳୁଥିଲି। ସେଇଥିପାଇଁ ମୁଁ ସାନ ଅଜାଙ୍କ ପାଖକୁ ଦଉଡିଗଲି। ହେଲେ ମୁଁ ଦେଖିଲି ସାନ ଅଜା ମୋତେ ଚାହିଁ ରହିଗଲେ। କିଛି ଦେଖି ନ ଦେଖିଲା ପରି ହେଲେ। ମୁଁ ଆଈଙ୍କୁ ମଜାକରି ପଚାରିଲି, ତୁମ ଦୁଇଜଣଙ୍କ ଭିତରେ କଅଣ ମନୋମାଳିନ୍ୟ ହୋଇଛି ନା କ'ଣ ? ଅଜା କଅଣ ମୋତେ କିଛି କଥା କହୁନାହାନ୍ତି। ଚିହ୍ନି ନ ଚିହ୍ନିଲାପରି ହେଉଛନ୍ତି। ସାନଆଈ ମୋତେ କହିଲେ, ନାଇଁରେ ବାପା ଏଇ କେତେଦିନ ହେଲାଣି ଅଜାଙ୍କ ଦେହଟା ଭଲ ରହୁନାହିଁ। ମୁଁ ପଚାରିଲି, ମୋତେ କାହିଁ ଆଜି ପର୍ଯ୍ୟନ୍ତ କହିନ। ଏଇ ରୋଗଟି ବାର୍ଦ୍ଧକ୍ୟଜନିତ ରୋଗ। ଏହାକୁ ଆଲଝିମର ରୋଗ କୁହନ୍ତି।

ମାମୁ ପଚାରିଲେ ଏଇ ରୋଗଟା କଅଣ ? ମୁଁ କହିଲି ଏଇ ରୋଗଟା ପ୍ରାୟ ଲୋକଙ୍କୁ ୬୦ବର୍ଷ ପରେ ଆରମ୍ଭ ହୋଇଥାଏ। ଏହି ରୋଗରେ ପ୍ରଥମେ ପ୍ରଥମେ ମନେ ରଖିବା, ଭାବିବା ଶକ୍ତି କମିଯାଇଥାଏ। ଆସ୍ତେ ଆସ୍ତେ ଛୋଟ ଛୋଟ କାମ ଏପରିକି ନିତିଦିନିଆ କାମକୁ ମଧ୍ୟ ଭୁଲିଯାଇ ସେଇ କାମଟିକୁ ଠିକ୍ ଭାବରେ କରିପାରନ୍ତି ନାହିଁ। କ୍ରମଶଃ କଥାବାର୍ତ୍ତା କରିବା ଓ ପୋଷାକପତ୍ର ପିନ୍ଧିବାରେ ମଧ୍ୟ ଅସୁବିଧା ହୋଇଥାଏ। ଏହା ମସ୍ତିଷ୍କର ଏକ ଜଟିଳ ପ୍ରକ୍ରିୟା ଯୋଗୁଁ ସ୍ନାୟୁ ନଷ୍ଟ ହେଲେ ଆରମ୍ଭ ହୋଇଥାଏ। ମାମୁ ପୁଣି ପଚାରିଲେ, ଏହି ରୋଗ ଆରମ୍ଭ ହୋଇଛି ବୋଲି ଆମ୍ଭେ କିପରି ଜାଣିବା ? ମୁଁ କହିଲି, ମାମୁ ଏହି ରୋଗର ପ୍ରଥମ ଲକ୍ଷଣ ହେଉଛି ଲୋକଟି ପ୍ରଥମେ ପ୍ରଥମେ ଛୋଟ ଛୋଟ କାମଗୁଡ଼ିକୁ ଯଥା : ଟଙ୍କା ପଇସା, ଚାବି କେଉଁଠି ରଖିଛି ସେ ସବୁ କାମଗୁଡ଼ିକ ଭୁଲିଯାଏ। ଆସ୍ତେ ଆସ୍ତେ ନିକଟରେ ଘଟିଥିବା ଘଟଣାଗୁଡ଼ିକୁ ମଧ୍ୟ ଲୋକଟି ଭୁଲିଯାଏ। ତା'ପରେ କ୍ରମଶଃ ନିଜର ଅନ୍ତରଙ୍ଗ ଲୋକମାନଙ୍କୁ ମଧ୍ୟ ଚିହ୍ନିପାରେ ନାହିଁ। ବାରମ୍ବାର ନିଜର ନିତିଦିନିଆ କାମରେ ବ୍ୟବହାର ହେଉଥିବା ଜିନିଷ ଯଥା, ଘଣ୍ଟା, ଟଙ୍କା, ପାନିଆ ଇତ୍ୟାଦି କେଉଁଠି ରଖେ ଭୁଲିଯାଏ। ଗୋଟିଏ ପ୍ରଶ୍ନକୁ ବାରମ୍ବାର ପଚାରେ। ନିଜର ନିତ୍ୟକର୍ମ ଯଥା : ଗାଧୋଇବା, ଖାଇବା ଇତ୍ୟାଦି ଠିକ୍ ଭାବରେ କରିପାରେ ନାହିଁ। କେଉଁ କେଉଁ ଦିନ ଡେରିରେ ମଧ୍ୟ କରେ। ଏହି ରୋଗ ବହୁଦିନ ଧରି ହେଲେ ସେ ଆଦୌ ମନେ ରଖିପାରେ ନାହିଁ। ବାଉଳା ହୋଇ ଅବାନ୍ତର କଥା କହିଥାଏ।

ମାମୁ କହିଲେ, ଏଇ ରୋଗ ପାଇଁ କଅଣ ଔଷଧ ନାହିଁ। ମୁଁ କହିଲି ପ୍ରଥମରୁ ଔଷଧ ଖାଇଥିଲେ ଅଜା ଟିକେ ଭଲ ହୋଇଯାଇଥାନ୍ତେ। ରୋଗଟା ବି ଟିକେ ପୁରୁଣା ହୋଇଗଲାଣି। ଏବେ ଔଷଧ ଖାଇଲେ ଆଉ ଆଗକୁ ବେଶି ଆଗେଇବ ନାହିଁ। କିନ୍ତୁ ତାଙ୍କର ଟିକେ ଯତ୍ନ ନେବାକୁ ପଡ଼ିବ। ତାଙ୍କ ଉପରେ ଚିଡ଼ାଚିଡ଼ି ନକରି ଔଷଧ ଦେଲେ ହୁଏତ ସିଏ ପୁଣି ପୂର୍ବାବସ୍ଥା ଫେରିପାଇ ପାରନ୍ତି। ଏଥିପାଇଁ ଔଷଧ ଅଛି। ଔଷଧ ବ୍ୟତୀତ ପରିବାର ଲୋକଙ୍କ ଦାୟିତ୍ୱ ଅଧିକ। ଏପରି ରୋଗୀଙ୍କୁ ବଡ଼ ବଡ଼ ବାକ୍ୟ ନ କହି ଛୋଟ ଛୋଟ ଶବ୍ଦ, ଯେପରି ସେ ବୁଝିପାରିବେ ସେପରି କହିବା ଉଚିତ। ତାଙ୍କୁ ଏକ ପିଲା ଭାବି ବ୍ୟବହାର କରିବା ଉଚିତ ନୁହେଁ। ଟିଭି ଓ ରେଡ଼ିଓରେ ସାଉଣ୍ଡ କମ୍ ଦେବେ, ଦିନବେଳା ଲାଇଟ ଜଳାଇବେ, ପାଖରେ ଗୋଟିଏ ବଡ଼ ଘଣ୍ଟା ରଖିବେ। କଥା ହେବାବେଳେ ତାଙ୍କର ଯଦି କୌଣସି ଶବ୍ଦ ବା କଥା ମନେ ପଡୁ ନଥିବ, ତାହାହେଲେ ତାଙ୍କୁ ମନେ ପକାଇଦେବା ଉଚିତ। ଗାଧୁଆଘରେ ଯେପରି ସେ ଝୁଣ୍ଟି ନ ପଡ଼ିବେ ସେଥିପାଇଁ ଯତ୍ନଶୀଳ ହେବେ। ଯେଉଁ ପୋଷାକ ପିନ୍ଧିଲେ ତାଙ୍କୁ ଆରାମ ଲାଗିବ ସେହିପରି ପୋଷାକ ତାଙ୍କ ପାଖରେ ରଖିବେ। ତାଙ୍କୁ ଥରକରେ ବେଶି ଖାଇବାକୁ ନ ଦେଇ ଅଳ୍ପ ଅଳ୍ପ କରି ଅଧିକ ଥର ଖାଇବାକୁ ଦେଲେ ଭଲ। ସବୁଦିନ କିଛି ଶାରୀରିକ ପରିଶ୍ରମ ଯଥା : ଚାଲିବା, ବଗିଚା କାମ କରିବା ଇତ୍ୟାଦି କରିବା ଉଚିତ। ସେ ନିଜକୁ ଯେତେ ସ୍ୱାଧୀନ ମନେ କରିବେ ସେତେ ଭଲ। ଏହି ରୋଗଟି ଯେତେବେଳେ ବଢ଼ିଯାଏ ସେତେବେଳେ ଆହୁରି ଅସୁବିଧା ହୁଏ। ଏହି ରୋଗର ଶେଷ ଅବସ୍ଥାରେ କେତେକ ଲୋକ କିଛି ଜାଣି ନ ପାରି ରାସ୍ତାରେ ବୁଲନ୍ତି। ତେଣୁ ସେମାନଙ୍କ ପକେଟରେ ଘରର ଠିକଣା ଲେଖି ରଖିବେ। ନିୟମିତ ଭାବେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

କଟକ, ମୋ : ୯୧୩୨୪୩୩୩୩୩

ୟୁରୋପ ଏବଂ ଆମେରିକାରେ ଜନ ଅସନ୍ତୋଷ

ଅସିତ ମହାନ୍ତି

"

ଏହି ବିଶ୍ୱ ସଙ୍କଟରୁ ଭାରତ କ'ଣ ଶିକ୍ଷା ଗ୍ରହଣ କରିବା ଉଚିତ ? ପ୍ରଥମତଃ, କେବଳ ଆର୍ଥିକ ଅଭିବୃଦ୍ଧି ସଂଖ୍ୟା ବିକାଶର ପ୍ରମାଣ ନୁହେଁ। ଯଦି ସମାଜର ଏକ ବଡ଼ ଅଂଶ ବେକାର, ଭୋକିଲା ଏବଂ ଅସମାନତାରେ ପୀଡ଼ିତ, ତେବେ ବିକାଶ ଅସମ୍ପୂର୍ଣ୍ଣ। ଭାରତକୁ ବୁଝିବାକୁ ପଡ଼ିବ ଯେ ଶିକ୍ଷାର ଉଦ୍ଦେଶ୍ୟ କେବଳ ଡିଗ୍ରୀ ବଣ୍ଟନ କରିବା ନୁହେଁ, ବରଂ ଯୁବପିଢ଼ିଙ୍କୁ ଅର୍ଥପୂର୍ଣ୍ଣ ନିଯୁକ୍ତି ଏବଂ ସମ୍ମାନର ଜୀବନ ପ୍ରଦାନ କରିବା। ଦ୍ୱିତୀୟତଃ, ପୁଞ୍ଜିବାଦର ଅନ୍ଧ ଦୌଡ଼ରେ ସାମିଲ ହୋଇ, ଭାରତକୁ ଭୁଲିଯିବା ଉଚିତ ନୁହେଁ ଯେ ସାମାଜିକ ନ୍ୟାୟ ଏବଂ ସମାନ ସୁଯୋଗ ହେଉଛି ସ୍ଥାୟୀ ବିକାଶର ମୂଳଦୁଆ।

୨୦୨୬ ଅକ୍ଟୋବରରେ, ୟୁରୋପ ଏବଂ ଆମେରିକାର ଅନେକ ପ୍ରମୁଖ ସହରରେ ଜନସାଧାରଣଙ୍କ ଅସନ୍ତୋଷ ଶୀର୍ଷରେ ପହଞ୍ଚିଛି - ଫ୍ରାନ୍ସ, ଇଟାଲୀ, ବେଲଜିୟମ, ପର୍ତ୍ତୁଗାଲ, ଜର୍ମାନୀ, ସ୍ପେନ୍ ଏବଂ ଏପରିକି ଆମେରିକାରେ ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ଏହି ପ୍ରତିବାଦର ମୂଳ କାରଣ ହେଉଛି ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି, ଶିକ୍ଷା ଏବଂ ନିଯୁକ୍ତିର ଅବନତିଶୀଳ ଅବସ୍ଥା ଏବଂ ସରକାରଙ୍କ ସ୍ୱେଚ୍ଛାଚାରୀ ମନୋଭାବ।

ସାମ୍ପ୍ରତିକ ପ୍ରତିବାଦର ଏକ ବ୍ୟାପକ ଦୃଶ୍ୟପଟ୍ଟ - ଫ୍ରାନ୍ସ (ପ୍ୟାରିସ, ଲିଓନ, ମାର୍ସିଲି): ସେପ୍ଟେମ୍ବରରେ, ଛାତ୍ରମାନେ ଶିକ୍ଷକ ଅଭାବ ଏବଂ ଶିକ୍ଷା ବ୍ୟବସ୍ଥାର ଖରାପ ଅବସ୍ଥା ବିରୋଧରେ ପ୍ରତିବାଦ କରିବା ଆରମ୍ଭ କରିଥିଲେ। ଏହା ଶୀଘ୍ର ମୁଦ୍ରାସ୍ଫୀତି, ଇନ୍ଧନ ମୂଲ୍ୟ ଏବଂ ପେନସନ ସଂସ୍କାର ବିରୋଧରେ ଏକ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ ହୋଇଥିଲା। ୫୫୦,୦୦୦ ଲୋକ ରାସ୍ତାକୁ ଓହ୍ଲାଇଥିଲେ, ଯେଉଁଥିରୁ ୧୧୦,୦୦୦ କେବଳ ପ୍ୟାରିସରେ ଥିଲେ। ଅନେକ ସ୍ଥାନରେ ହିଂସାତ୍ମକ ସଂଘର୍ଷ ଏବଂ ପୋଡ଼ାଜଳା ଘଟିଥିଲା। ଇଟାଲୀ (ରୋମ, ମିଲାନ, ନେପଲ୍ସ): ଏଠାରେ ପ୍ରତିବାଦର କେନ୍ଦ୍ରବିନ୍ଦୁ ହେଉଛି ବେକାରି ଏବଂ ଯୁବପିଢ଼ିଙ୍କ ପାଇଁ ସୁଯୋଗର ଅଭାବ। ଶିକ୍ଷା କଟକଣା ଏବଂ ମୁଦ୍ରାସ୍ଫୀତି ଯୁବପିଢ଼ିଙ୍କୁ କ୍ରୋଧିତ କରିଛି। ବେଲଜିୟମ (ବ୍ରୁସେଲ୍ସ, ଲିଜେ): ବିଶ୍ୱବିଦ୍ୟାଳୟ ଫି ବୃଦ୍ଧି ଏବଂ ଜୀବନଯାପନ ଖର୍ଚ୍ଚ ବିରୋଧରେ ଛାତ୍ରମାନେ ପ୍ରତିବାଦ କରିଥିଲେ। ପୋଲିସ ପାଣି ତୋପ ବ୍ୟବହାର କରିବାକୁ ମଧ୍ୟ ବାଧ୍ୟ ହୋଇଥିଲା। ପର୍ତ୍ତୁଗାଲ (ଲିସବନ୍, ପୋର୍ଟୋ): ୨୦୧୭ ପରଠାରୁ ଗୃହ ଏବଂ ଭଡା ମୂଲ୍ୟ ଦ୍ୱିଗୁଣିତ ହୋଇଛି। ସୁଲଭ ଗୃହ ନୀତି ଦାବି କରି ଯୁବପିଢ଼ି ଏବଂ ନିମ୍ନ ଆୟକାରୀ ପରିବାର ରାସ୍ତାକୁ ଓହ୍ଲାଇଛନ୍ତି। ଆଲବାନିଆ (ତିରାନା): 'ଫ୍ଲେମିଙ୍ଗୋ ବିପ୍ଳବ' ନାମକ ଏକ ଆନ୍ଦୋଳନ ଦୁର୍ନୀତି, ଦୁର୍ବଳ ଶିକ୍ଷା ଏବଂ ବେକାରି ପ୍ରତିବାଦ କରୁଛି। ଏକ ବିବାଦୀୟ ରିସର୍ଟ ପ୍ରକଳ୍ପ ନିଆଁରେ ଘିଅ ଢାଳିଛି। ଜର୍ମାନୀ, ଅଷ୍ଟ୍ରିଆ, ସ୍ପେନ୍ ଏବଂ ଗ୍ରୀସ୍: ଛାତ୍ର ଏବଂ ଶ୍ରମିକମାନେ ଶିକ୍ଷା ବଜେଟ୍ କାଟ, ମୁଦ୍ରାସ୍ଫୀତି ଏବଂ ଦୁର୍ବଳ କାର୍ଯ୍ୟ ପରିସ୍ଥିତି ବିରୋଧରେ ମଧ୍ୟ ପ୍ରଦର୍ଶନ କରିଥିଲେ। ଯୁକ୍ତରାଷ୍ଟ୍ର (ନ୍ୟୁୟର୍କ, ଲସ୍ ଆଞ୍ଜେଲସ୍, ଚିକାଗୋ): ବଢୁଥିବା ଅସମାନତା, ମୁଦ୍ରାସ୍ଫୀତି ଏବଂ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ପ୍ରତି ଅବିଶ୍ୱାସ ଉପରେ ଏହି ପ୍ରତିବାଦ କେନ୍ଦ୍ରିତ ହୋଇଥିଲା। ଯୁବକମାନେ କୁହନ୍ତି ଯେ ସୁଯୋଗ ସୀମିତ ଏବଂ ସରକାର କର୍ପୋରେଟ୍ ସ୍ୱାର୍ଥକୁ ପ୍ରାଥମିକତା ଦେଉଛନ୍ତି। ଦକ୍ଷିଣ ଏସିଆ (ବାଂଲାଦେଶ, ଶ୍ରୀଲଙ୍କା ଏବଂ ନେପାଳ): ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଏହି ଦେଶଗୁଡ଼ିକର ଲୋକମାନେ ମଧ୍ୟ ଆର୍ଥିକ ସଙ୍କଟ, ମୁଦ୍ରାସ୍ଫୀତି ଏବଂ ବେକାରି ଯୋଗୁଁ ରାସ୍ତାକୁ ଓହ୍ଲାଇଥିଲେ। ଶ୍ରୀଲଙ୍କାରେ, ଇନ୍ଧନ ଏବଂ ଖାଦ୍ୟ ସଙ୍କଟ ସରକାରଙ୍କୁ ହଲାଇ ଦେଇଥିଲା, ଯେତେବେଳେ ନେପାଳ ଏବଂ ବାଂଲାଦେଶରେ, ଯୁବ ପ୍ରତିବାଦ ଶିକ୍ଷା ଏବଂ ନିଯୁକ୍ତି ଦାବି କରିଥିଲା। ଏହି ଆନ୍ଦୋଳନଗୁଡ଼ିକର ଏକ ସାଧାରଣ ଉଦ୍ଦେଶ୍ୟ ରହିଛି: ଜୀବନଯାପନର ମୂଲ୍ୟ ହ୍ରାସ କରିବା ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା। ଯୁବପିଢ଼ିଙ୍କ ପାଇଁ ସୁଯୋଗ ଯୋଗାଇବା ପାଇଁ ଶିକ୍ଷା ଏବଂ ନିଯୁକ୍ତିରେ ଉନ୍ନତି ଆଣିବା। ଗଣତାନ୍ତ୍ରିକ ଦାୟିତ୍ୱ ସୁନିଶ୍ଚିତ କରିବା ଏବଂ ଦୁର୍ନୀତି ରୋକିବା। ସାମାଜିକ ନ୍ୟାୟ ଏବଂ ସମାନ ସୁଯୋଗ ଦାବି କରିବା।

ଆଜି ୟୁରୋପର ତଥାକଥିତ ବିକଶିତ ଦେଶଗୁଡ଼ିକରେ ଜନ ଅସନ୍ତୋଷର ଲହରୀ କେବଳ ଆର୍ଥିକ ସଙ୍କଟର ଫଳାଫଳ ନୁହେଁ, ବରଂ ଏକ ବ୍ୟବସ୍ଥାରେ ଗଭୀର ଫାଟ ସୃଷ୍ଟି ହୋଇଛି ଯାହାକୁ ସେମାନେ ଥରେ ମାନବ ସଭ୍ୟତାର ଚରମ ଲକ୍ଷ୍ୟ ବୋଲି ବିବେଚନା କରୁଥିଲେ। ଫ୍ରାନ୍ସର ରାସ୍ତାରେ ଯୁବକମାନଙ୍କ କ୍ରୋଧ, ଇଟାଲୀରେ ବେକାରି ସହିତ ସଂଘର୍ଷ କରୁଥିବା ସ୍ନାତକ ଏବଂ ଆମେରିକୀୟ ମହାନଗରଗୁଡ଼ିକରେ କ୍ଷୁଧା ଏବଂ ଅସମାନତା ବିରୋଧରେ ସ୍ୱର ଉଠିବା - ସମସ୍ତେ ସମାନ କାହାଣୀ କୁହନ୍ତି: ପୁଞ୍ଜିବାଦ ନିଜର କବର ଖୋଳିବା ଆରମ୍ଭ କରିଛି।

ୟୁରୋପ ସମାଜବାଦକୁ ଉଚ୍ଛେଦ କରିଥିଲା ଏବଂ ଦାବି କରିଥିଲା ଯେ ପୁଞ୍ଜିବାଦ ବିକାଶର ପଥ। କିନ୍ତୁ ଆଜି, ଏହି ସମାନ ପୁଞ୍ଜିବାଦ ବେକାରୀ, ମୁଦ୍ରାସ୍ଫୀତି, ଶିକ୍ଷାଗତ ଅସମାନତା ଏବଂ ସେୟାର ବଜାର ସ୍କାମ୍ ରୂପରେ ଜନସାଧାରଣଙ୍କୁ ହତାଶା ଭିତରକୁ ଠେଲି ଦେଉଛି। ଯେତେବେଳେ ଶିକ୍ଷିତ ଯୁବକମାନଙ୍କୁ ନିଯୁକ୍ତିରୁ ବଞ୍ଚିତ କରାଯାଏ, ସେମାନଙ୍କର କ୍ରୋଧ ହିଂସାରେ ପରିଣତ ହୁଏ। ପୋଡ଼ାଜଳା, ଲୁଟପାଟ ଏବଂ ବିଦ୍ରୋହ କେବଳ ଅପରାଧ ନୁହେଁ, ବରଂ ଏକ ବ୍ୟବସ୍ଥା ବିରୋଧରେ ଏକ କ୍ରନ୍ଦନ ଯାହା ସେମାନଙ୍କୁ ସୁଯୋଗ ପ୍ରଦାନ କରିବାରେ ବିଫଳ ହୋଇଛି। ଏହି ପରିସ୍ଥିତି କେବଳ ୟୁରୋପ କିମ୍ବା ଆମେରିକା ପର୍ଯ୍ୟନ୍ତ ସୀମିତ ନୁହେଁ। ସମ୍ପ୍ରତି, ବାଂଲାଦେଶ, ଶ୍ରୀଲଙ୍କା ଏବଂ ନେପାଳରେ ସମାନ ଚିତ୍ର ଦେଖିବାକୁ ମିଳିଥିଲା। ଭାରତରେ ମଧ୍ୟ ଆମେ ନିରନ୍ତର ଦେଖୁଛୁ ଯେ ଶିକ୍ଷିତ ଯୁବକଯୁବତୀମାନଙ୍କୁ ଚାକିରି ମିଳୁନାହିଁ, ଏବଂ ସରକାରମାନେ ନିଜ ଇଚ୍ଛା ଅନୁଯାୟୀ ଆଇନ ତିଆରି କରି ଜନସାଧାରଣଙ୍କ ସ୍ୱରକୁ ଦମନ କରିବାକୁ ଚେଷ୍ଟା କରୁଛନ୍ତି। ଗଣତନ୍ତ୍ରର ଚେହେରା ଧୀରେ ଧୀରେ ଏକଛତ୍ରବାଦରେ ପରିଣତ ହେଉଛି।

ଏହି ବିଶ୍ୱ ସଙ୍କଟରୁ ଭାରତ କ'ଣ ଶିକ୍ଷା ଗ୍ରହଣ କରିବା ଉଚିତ ? ପ୍ରଥମତଃ, କେବଳ ଆର୍ଥିକ ଅଭିବୃଦ୍ଧି ସଂଖ୍ୟା ବିକାଶର ପ୍ରମାଣ ନୁହେଁ। ଯଦି ସମାଜର ଏକ ବଡ଼ ଅଂଶ ବେକାର, ଭୋକିଲା ଏବଂ ଅସମାନତାରେ ପୀଡ଼ିତ, ତେବେ ବିକାଶ ଅସମ୍ପୂର୍ଣ୍ଣ। ଭାରତକୁ ବୁଝିବାକୁ ପଡ଼ିବ ଯେ ଶିକ୍ଷାର ଉଦ୍ଦେଶ୍ୟ କେବଳ ଡିଗ୍ରୀ ବଣ୍ଟନ କରିବା ନୁହେଁ, ବରଂ ଯୁବପିଢ଼ିଙ୍କୁ ଅର୍ଥପୂର୍ଣ୍ଣ ନିଯୁକ୍ତି ଏବଂ ସମ୍ମାନର ଜୀବନ ପ୍ରଦାନ କରିବା। ଦ୍ୱିତୀୟତଃ, ପୁଞ୍ଜିବାଦର ଅନ୍ଧ ଦୌଡ଼ରେ ସାମିଲ ହୋଇ, ଭାରତକୁ ଭୁଲିଯିବା ଉଚିତ ନୁହେଁ ଯେ ସାମାଜିକ ନ୍ୟାୟ ଏବଂ ସମାନ ସୁଯୋଗ ହେଉଛି ସ୍ଥାୟୀ ବିକାଶର ମୂଳଦୁଆ। ଯଦି ଆମେ କେବଳ ବଜାର ଶକ୍ତି ଉପରେ ନିର୍ଭର କରୁ, ତେବେ ପରିସ୍ଥିତି ଆଜି ୟୁରୋପରେ ଥିବା ପରି ହେବ - ଯେଉଁଠାରେ ଧନୀମାନେ ଧନୀ ହେଉଛନ୍ତି, ଯେତେବେଳେ ଗରିବମାନେ ଜୀବିକା ନିର୍ବାହ ପାଇଁ ସଂଘର୍ଷ କରୁଛନ୍ତି। ତୃତୀୟ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହେଉଛି ଗଣତନ୍ତ୍ର କେବଳ ନିର୍ବାଚନ ପର୍ଯ୍ୟନ୍ତ ସୀମିତ ହେବା ଉଚିତ ନୁହେଁ। ଜନ ଅଂଶଗ୍ରହଣ, ସେମାନଙ୍କର ସ୍ୱର ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ହେଉଛି ଗଣତନ୍ତ୍ରର ଆତ୍ମା। ଯଦି ସରକାରଗୁଡ଼ିକ ଏକଛତ୍ରବାଦୀ ଆଭିମୁଖ୍ୟ ଗ୍ରହଣ କରନ୍ତି, ତେବେ ଅସନ୍ତୋଷ ବିଦ୍ରୋହରେ ପରିଣତ ହେବା ନିଶ୍ଚିତ।

ଆଜି, ଭାରତ ପାଖରେ ୟୁରୋପର ଭୁଲରୁ ଶିକ୍ଷା ଗ୍ରହଣ କରିବାର ଏବଂ ଏକ ସନ୍ତୁଳିତ ପଥ ବାଛିବାର ସୁଯୋଗ ଅଛି - ଯେଉଁଠାରେ ଆର୍ଥିକ ବିକାଶ ସାମାଜିକ ନ୍ୟାୟ, ଶିକ୍ଷାରେ ସମାନତା ଏବଂ ଯୁବପିଢ଼ିଙ୍କ ପାଇଁ ନିଶ୍ଚିତ ନିଯୁକ୍ତି ସହିତ ହୋଇଥାଏ। ଏହା ହେଉଛି ସେହି ପଥ ଯାହା ଭାରତକୁ କେବଳ ଏକ 'ବିକଶିତ ଦେଶ' ନୁହେଁ ବରଂ ଏକ 'ନ୍ୟାୟବାଦୀ ସମାଜ'ରେ ପରିଣତ କରିପାରିବ।

ଶେଷରେ, ୟୁରୋପର ରାସ୍ତାରେ ନିଆଁ ଏବଂ ଭାରତର ଯୁବପିଢ଼ିଙ୍କ ଅସ୍ଥିରତା ଆମକୁ ମନେ ପକାଇ ଦିଏ ଯେ ଯେକୌଣସି ବ୍ୟବସ୍ଥା କେବଳ ସ୍ଥାୟୀ ହୋଇପାରେ ଯଦି ଏହା ଲୋକଙ୍କ ଆକାଂକ୍ଷା ପୂରଣ କରେ। ପୁଞ୍ଜିବାଦର ଭୁଶୁଡ଼ି ପଡ଼ିଥିବା କାନ୍ଥ ଆମକୁ ସତର୍କ କରାଇ ଦିଏ ଯେ ଭାରତକୁ ସାମାଜିକ ନ୍ୟାୟ ଏବଂ ସମାନ ସୁଯୋଗର ଭିତ୍ତିଭୂମି ଉପରେ ତାର ଭବିଷ୍ୟତ ଗଢ଼ିବାକୁ ପଡିବ। ଭାରତ ଏହି ଆନ୍ଦୋଳନଗୁଡ଼ିକରୁ ଶିଖିବା ଉଚିତ ଯେ କେବଳ ଆର୍ଥିକ ଅଭିବୃଦ୍ଧି ସଂଖ୍ୟା ଯଥେଷ୍ଟ ନୁହେଁ। ଯଦି ଯୁବପିଢ଼ି ଶିକ୍ଷା ଏବଂ ନିଯୁକ୍ତିରୁ ବଞ୍ଚିତ ହୁଅନ୍ତି, ତେବେ ଅସନ୍ତୋଷ ବୃଦ୍ଧି ପାଇବ। ଗଣତନ୍ତ୍ରର ବଞ୍ଚିବା ପାଇଁ, ସରକାରଙ୍କୁ ସ୍ୱଚ୍ଛତା, ଦାୟିତ୍ୱ ଏବଂ ସାମାଜିକ ନ୍ୟାୟ ଉପରେ ଧ୍ୟାନ ଦେବାକୁ ପଡିବ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

ଦୁର୍ନୀତି ନିବାରଣ: ସମାଜ ପାଇଁ ଆହ୍ୱାନ

ଚିତ୍ତରଞ୍ଜନ ପୃଷ୍ଟି

"

ଦୁର୍ନୀତି ନିବାରଣ ସମଗ୍ର ସମାଜ ପାଇଁ ଏକ ବଡ଼ ଆହ୍ୱାନ। କେବଳ ଆଇନ ପ୍ରଣୟନ କରିଦେଲେ କିମ୍ବା କେତେକ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କୁ ଦଣ୍ଡ ଦେଲେ ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହୋଇପାରିବ ନାହିଁ। ଏଥିପାଇଁ ଆବଶ୍ୟକ ସାମାଜିକ ଜାଗରଣ, ନୈତିକ ପରିବର୍ତ୍ତନ ଓ ସାମୂହିକ ଦାୟିତ୍ୱବୋଧ।ପ୍ରତ୍ୟେକ ବ୍ୟକ୍ତି ନିଜଠାରୁ ପରିବର୍ତ୍ତନ ଆରମ୍ଭ କରିବା ଆବଶ୍ୟକ। ଆମେ ନିଜେ ଲାଞ୍ଚ ନେବା ନାହିଁ କିମ୍ବା ଦେବା ନାହିଁ ଏବଂ ଅନୈତିକ କାର୍ଯ୍ୟକୁ ସମର୍ଥନ କରିବା ନାହିଁ। ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତି ଯେତେ ପ୍ରଭାବଶାଳୀ ହେଲେ ମଧ୍ୟ ତାଙ୍କ ବିରୋଧରେ ନିରପେକ୍ଷ ତଦନ୍ତ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ଆଇନ ଆଗରେ ସମସ୍ତେ ସମାନ ଏହି ନୀତିକୁ କାର୍ଯ୍ୟରେ ପ୍ରତିଫଳିତ କରିବା ଆବଶ୍ୟକ। ସାମାଜିକ ସଂଗଠନ, ଗଣମାଧ୍ୟମ, ଶିକ୍ଷାନୁଷ୍ଠାନ ଓ ସଚେତନ ନାଗରିକମାନେ ଦୁର୍ନୀତି ବିରୋଧରେ ଜନମତ ସୃଷ୍ଟି କରିବା ଦରକାର।

ବର୍ତ୍ତମାନ ପରିସ୍ଥିତିରେ ଦୁର୍ନୀତି ଏକ ଗୁରୁତର ସାମାଜିକ ବ୍ୟାଧି ଭାବେ ଉଭା ହୋଇଛି। ଆଜିର ସମାଜରେ ଲୋଭ, ସ୍ୱାର୍ଥପରତା, ଅନ୍ୟାୟ ଓ ଅସାଧୁତାର ପ୍ରଭାବ ବୃଦ୍ଧି ପାଇବା ସହିତ ଦୁର୍ନୀତି ବଢ଼ି ଚାଲିଛି। ଯେଉଁଠାରେ ସ୍ୱାର୍ଥ, ଲୋଭ ଓ ଅନ୍ୟାୟ ପ୍ରାଧାନ୍ୟ ଲାଭ କରେ, ସେଠାରେ ଦୁର୍ନୀତି ଜନ୍ମ ନିଏ। ସାମାଜିକ ପ୍ରଗତିକୁ ରୋକୁଥିବା ବିଭିନ୍ନ ସମସ୍ୟା ମଧ୍ୟରୁ ଦୁର୍ନୀତି ମୁଖ୍ୟ । ଯେଉଁ ଦେଶରେ ସାଧୁତା ଓ ନୈତିକତାର ଅଭାବ ଘଟେ, ସେଠାରେ ପ୍ରଗତିର ଚକ ଅଟକିଯାଏ। ଆଜି ଦୁର୍ନୀତି ଏକ ମହାମାରୀର ରୂପ ନେଇ ଦେଶର ସାମାଜିକ, ଅର୍ଥନୈତିକ, ରାଜନୈତିକ, ଧାର୍ମିକ ଜୀବନକୁ ଗ୍ରାସ କରି ସାରିଲାଣି।ଦୁର୍ନୀତି ଶବ୍ଦର ଅର୍ଥ ହେଉଛି ନୀତିର ବିରୁଦ୍ଧାଚରଣ। ନିଜର ବ୍ୟକ୍ତିଗତ ସ୍ୱାର୍ଥ ପୂରଣ ପାଇଁ ଆଇନ, ନିୟମ, ପଦପଦବୀ ଓ କ୍ଷମତାର ଅପବ୍ୟବହାର କରିବାକୁ ଦୁର୍ନୀତି କୁହାଯାଏ। ଦୁର୍ନୀତିର ପ୍ରଥମ କାରଣ ହେଉଛି ସ୍ୱାର୍ଥକୈନ୍ଦ୍ରିକ ଭାବନା। ମଣିଷ ସବୁବେଳେ ନିଜର ସ୍ୱାର୍ଥ ପଛରେ ଧାଇଁ ଚାଲିଛି।ଲାଞ୍ଚ ନେବା ଓ ଦେବା, ସରକାରୀ ଅର୍ଥ ଆତ୍ମସାତ୍ କରିବା, ନିଯୁକ୍ତିରେ ଅନିୟମିତତା, ଠିକାଦାରି କାର୍ଯ୍ୟରେ ଅର୍ଥ ହେରଫେର, ଯୋଗ୍ୟ ବ୍ୟକ୍ତିଙ୍କୁ ଅବହେଳା କରି ଅଯୋଗ୍ୟ ବ୍ୟକ୍ତିଙ୍କୁ ସୁଯୋଗ ଦେବା ଏବଂ ସରକାରୀ ଯୋଜନାରେ ଅନିୟମିତତା କରିବା

ଆଦି ଦୁର୍ନୀତିର ବିଭିନ୍ନ ରୂପ ଅଟେ। ମଣିଷ ଏକ ସାମାଜିକ ପ୍ରାଣୀ। ସତ୍ୟ, ନ୍ୟାୟ, ନୀତି, ଆଦର୍ଶ ଓ ମାନବିକତା ହେଉଛି ଏକ ସୁସ୍ଥ ସମାଜର ମୂଳଭିତ୍ତି। ଯେଉଁ ସମାଜରେ ସଚ୍ଚୋଟତା ଓ ନୈତିକତାର ପ୍ରାଧାନ୍ୟ ଥାଏ, ସେହି ସମାଜ ସମୃଦ୍ଧିର ଶିଖରରେ ପହଞ୍ଚିଥାଏ। କିନ୍ତୁ ଆଜିର ସମାଜରେ ଲୋଭ, ସ୍ୱାର୍ଥପରତା, ଅନ୍ୟାୟ ଓ ଅସାଧୁତାର ପ୍ରଭାବ ବୃଦ୍ଧି ପାଇବା ସହିତ ଦୁର୍ନୀତି ଏକ ଗୁରୁତର ସାମାଜିକ ସମସ୍ୟା ଭାବେ ଉଭା ହୋଇଛି। ଦୁର୍ନୀତି ଦେଶର ପ୍ରଗତି, ସାମାଜିକ ସମାନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ବଡ଼ ପ୍ରତିବନ୍ଧକ ସୃଷ୍ଟି କରୁଛି ।ଦୁର୍ନୀତି ଏକ ସାଙ୍ଘାତିକ ଅପରାଧ, ଯାହାକି ପ୍ରତିଟି କ୍ଷେତ୍ରରେ ସାମାଜିକ ଓ ଅର୍ଥନୈତିକ ବିକାଶକୁ ନିମ୍ନମୁଖୀ କରିଥାଏ । ତେଣୁ ଏଥିପ୍ରତି ସମସ୍ତେ ସଜାଗ ରହିବା ଆବଶ୍ୟକ।

ସୁସ୍ଥ ଓ ଆଦର୍ଶ ସମାଜ ଗଠନ ପାଇଁ ଦୁର୍ନୀତିର ସମ୍ପୂର୍ଣ୍ଣ ନିବାରଣ ଏକାନ୍ତ ଆବଶ୍ୟକ। ଆଜିର ସମାଜରେ ଲାଞ୍ଚ କାରବାର, କଳାବଜାରି, ପକ୍ଷପାତିତା ଏବଂ କ୍ଷମତାର ଅପବ୍ୟବହାର ଭଳି ବିଭିନ୍ନ ରୂପରେ ଦୁର୍ନୀତି ଦେଖିବାକୁ ମିଳୁଛି। ମଣିଷର ଅସୀମ ସ୍ୱାର୍ଥପରତା ଓ ଶୀଘ୍ର ଧନୀ ହେବାର ମୋହ ଏହାର ମୁଖ୍ୟ କାରଣ।ଦୁର୍ନୀତି ବର୍ତ୍ତମାନ ସମଗ୍ର ବିଶ୍ୱକୁ ବ୍ୟାପିଛି। ଏହା କେବଳ ଜଣେ ବ୍ୟକ୍ତି କିମ୍ବା ସମ୍ପ୍ରଦାୟର ସମସ୍ୟା ନୁହେଁ, ବର୍ତ୍ତମାନ ଦୁର୍ନୀତି ସାରା ବିଶ୍ୱର ସମସ୍ୟା ପାଲଟିଯାଇଛି। ଦୁର୍ନୀତି ବାଟରେ ସମାଜର କିଛି ଲୋକ ଭୁଲ୍ ଉପାୟରେ ଟଙ୍କା ରୋଜଗାର କରୁଛନ୍ତି। ଯାହା ଫଳରେ ସେବାର ହକ୍‌ଦାର ଥିବା ହିତାଧିକାରୀଙ୍କୁ ନିଜ ଅଧିକାରରୁ ବଞ୍ଚିତ ହେବାକୁ ପଡୁଛି। ଏଥିସହ ଧନୀ, ଧନୀ ହୋଇଯାଉ ଥିବାବେଳେ ଗରିବ, ଗରିବ ହୋଇ ରହିଯାଉଛି। ଏଭଳି ପରିସ୍ଥିତିରେ ସମାଜର ବଞ୍ଚିତ ବର୍ଗର କଲ୍ୟାଣ ପାଇଁ ଦୁର୍ନୀତି ଦୂର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୁର୍ନୀତି ଯୋଗୁଁ ସମାଜରେ ଧନୀ ଓ ଗରିବ ମଧ୍ୟରେ ଥିବା ବ୍ୟବଧାନ ବଢ଼ିବାରେ ଲାଗିଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ଗରିବ ଲୋକଙ୍କ ପାଖରେ ପହଞ୍ଚିପାରୁ ନାହିଁ। ଏହା ଦ୍ୱାରା ଯୋଗ୍ୟ ବ୍ୟକ୍ତି ନିଜର ଅଧିକାରରୁ ବଞ୍ଚିତ ହେଉଛନ୍ତି, ଫଳରେ ଯୁବପିଢ଼ିଙ୍କ ମଧ୍ୟରେ ଅସନ୍ତୋଷ ଓ ନିରାଶା ଭାବ ସୃଷ୍ଟି ହେଉଛି।

ମନେ ରଖିବା ଉଚିତ ଯେ ଦୁର୍ନୀତିକୁ ସହ୍ୟ କରିବା, ଦୁର୍ନୀତିକୁ ପ୍ରଶ୍ରୟ ଦେବା ଓ ଦୁର୍ନୀତିକୁ ସମର୍ଥନ କରିବା ମଧ୍ୟ ପରୋକ୍ଷରେ ସମାଜର କ୍ଷତି କରିଥାଏ। ତେଣୁ ନିଜେ ସଚ୍ଚୋଟ ହେବା ସହିତ ଅନ୍ୟମାନଙ୍କୁ ସଚ୍ଚୋଟତାର ପଥରେ ଚାଲିବାକୁ ପ୍ରେରଣା ଦେବା ଆମର ଲକ୍ଷ୍ୟ ହେବା ଉଚିତ।

ଆଜି ଦୁର୍ନୀତି ନିବାରଣ ସମଗ୍ର ସମାଜ ପାଇଁ ଏକ ବଡ଼ ଆହ୍ୱାନ। କେବଳ ଆଇନ ପ୍ରଣୟନ କରିଦେଲେ କିମ୍ବା କେତେକ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କୁ ଦଣ୍ଡ ଦେଲେ ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହୋଇପାରିବ ନାହିଁ। ଏଥିପାଇଁ ଆବଶ୍ୟକ ସାମାଜିକ ଜାଗରଣ, ନୈତିକ ପରିବର୍ତ୍ତନ ଓ ସାମୁହିକ ଦାୟିତ୍ୱବୋଧ।ପ୍ରତ୍ୟେକ ବ୍ୟକ୍ତି ନିଜଠାରୁ ପରିବର୍ତ୍ତନ ଆରମ୍ଭ କରିବା ଆବଶ୍ୟକ। ଆମେ ନିଜେ ଲାଞ୍ଚ ନେବା ନାହିଁ କିମ୍ବା ଦେବା ନାହିଁ ଏବଂ ଅନୈତିକ କାର୍ଯ୍ୟକୁ ସମର୍ଥନ କରିବା ନାହିଁ।ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତି ଯେତେ ପ୍ରଭାବଶାଳୀ ହେଲେ ମଧ୍ୟ ତାଙ୍କ ବିରୋଧରେ ନିରପେକ୍ଷ ତଦନ୍ତ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ଆଇନ ଆଗରେ ସମସ୍ତେ ସମାନ ଏହି ନୀତିକୁ କାର୍ଯ୍ୟରେ ପ୍ରତିଫଳିତ କରିବା ଆବଶ୍ୟକ। ସାମାଜିକ ସଂଗଠନ, ଗଣମାଧ୍ୟମ, ଶିକ୍ଷାନୁଷ୍ଠାନ ଓ ସଚେତନ ନାଗରିକମାନେ ଦୁର୍ନୀତି ବିରୋଧରେ ଜନମତ ସୃଷ୍ଟି କରିବା ଦରକାର।

ପରିବାର ହେଉଛି ଶିଶୁର ପ୍ରଥମ ଶିକ୍ଷାଳୟ। ଅଭିଭାବକମାନେ ନିଜ ଆଚରଣ ମାଧ୍ୟମରେ ସନ୍ତାନଙ୍କୁ ସଚ୍ଚୋଟତାର ଶିକ୍ଷା ଦେବା ଉଚିତ। ବିଦ୍ୟାଳୟରେ ନୈତିକ ଶିକ୍ଷା, ତର୍କ, ଆଲୋଚନା ଓ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ନୀତିର କୁପରିଣାମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯିବା ଆବଶ୍ୟକ। ଆଜିର ଛାତ୍ରଛାତ୍ରୀ ଆସନ୍ତାକାଲିର ନାଗରିକ, ପ୍ରଶାସକ, ଶିକ୍ଷକ, ବୈଜ୍ଞାନିକ ଓ ରାଜନୈତିକ ନେତୃତ୍ୱ। ସେମାନଙ୍କ ମନରେ ସଚ୍ଚୋଟତାର ବୀଜ ବପନ କରାଯାଇପାରିଲେ ଭବିଷ୍ୟତରେ ଏକ ସୁସ୍ଥ ଓ ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ସମ୍ଭବ ହେବ। ଯୁବସମାଜ ହେଉଛି ଦେଶର ଶକ୍ତି ଓ ଭବିଷ୍ୟତର ଆଶା। ଯୁବପିଢ଼ି ଯଦି ସତ୍ୟ, ନ୍ୟାୟ ଓ ସଚ୍ଚୋଟତାକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରେ, ତେବେ ସମାଜରେ ଏକ ନୂତନ ପରିବର୍ତ୍ତନ ଆସିପାରିବ।

ଦୁର୍ନୀତିମୁକ୍ତ ସମାଜ ଗଠନ ଗୋଟିଏ ଦିନର କାର୍ଯ୍ୟ ନୁହେଁ। ଏଥିପାଇଁ ଆବଶ୍ୟକ ନିରନ୍ତର ପ୍ରୟାସ, ଦୃଢ଼ ସଂକଳ୍ପ ଓ ସାମୂହିକ ସହଯୋଗ। ଦୁର୍ନୀତିମୁକ୍ତ ସମାଜ ଗଠନ କେବଳ ସରକାର କିମ୍ବା କୌଣସି ନିର୍ଦ୍ଦିଷ୍ଟ ସଂସ୍ଥାର ଦାୟିତ୍ୱ ନୁହେଁ। ଏହା ଆମ ସମସ୍ତଙ୍କର ସାମୂହିକ କର୍ତ୍ତବ୍ୟ। ଯେ ପର୍ଯ୍ୟନ୍ତ ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜେ ସଚ୍ଚୋଟ ହୋଇ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଏକ ସୁସ୍ଥ ସମାଜ ଗଠନ ଅସମ୍ଭବ।

ତେଣୁ ଆମକୁ ଏକ ସୁନ୍ଦର ସମାଜ ଓ ଦେଶ ଗଢ଼ିବା ପାଇଁ ହେଲେ ଦୁର୍ନୀତିଠାରୁ ନିଜକୁ ଦୂରେଇ ରଖିବାକୁ ହେବ। ଆମେ ସମସ୍ତେ ଏକାଠି ହୋଇ ଦୁର୍ନୀତି ବିରୋଧରେ ସଂକଳ୍ପ ନେବା।ନିଜେ ସଚ୍ଚୋଟ ରହିବା, ଅନ୍ୟାୟକୁ ପ୍ରଶ୍ରୟ ନ ଦେବା ଏବଂ ସମାଜରେ ନୈତିକତାର ଦୀପ ପ୍ରଜ୍ୱଳିତ କରିବା। ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସରକାର,ନାଗରିକ ସମୁଦାୟ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ। କାରଣ, ଦୁର୍ନୀତିମୁକ୍ତ ସମାଜ ହିଁ ସମୃଦ୍ଧ ରାଷ୍ଟ୍ରର ପରିଚୟ।

ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ଖବର ପ୍ରକାଶନ ପରେ ତତ୍ପରତା: ବିଡିଓଙ୍କ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ

କଣ୍ଟିଲୋ, ୨୯।୧୦ (ନିପ୍ର); ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମସ୍ଥିତ ଅଙ୍ଗନୱାଡି କେନ୍ଦ୍ର ନଂ ୧, ୨ ଓ ୩ ବିଭିନ୍ନ ଅବ୍ୟବସ୍ଥା ମଧ୍ୟ ଦେଇ ଗତି କରୁଥିବା ନେଇ ଗତ ୨୬ ତାରିଖରେ 'ଦିନଲିପି'ର ପ୍ରଭାବ ଖବର ପ୍ରକାଶ ପରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଜଣାପଡିଛି।ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ସିଧାମୂଳା ଗ୍ରାମରେ ପହଞ୍ଚି ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଉକ୍ତ ୩ଟି ଅଙ୍ଗନବାଡି କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରିବା ସହ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ସେ ସଂର୍ପକରେ ପଚାରି ବୁଝିଥିଲେ। ପରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଅଙ୍ଗନବାଡି କେନ୍ଦ୍ର ସମ୍ମୁଖସ୍ଥ ବାହ୍ୟ ପ୍ରାଚୀରରେ ଏକ ଲୁହା ଫାଟକ ଲଗା ଯାଇଥିବା ସିଧାମୂଳା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ତେବେ ତୁରନ୍ତ ଉକ୍ତ ୩ ଅଙ୍ଗନବାଡି କେନ୍ଦ୍ରକୁ ବିଦ୍ୟୁତ ସଂଯୋଗୀକରଣ,ପାନୀୟ ଜଳ ଯୋଗାଣ ସହ ଅଧାରେ ଅଟକିଥିବା ରୋଷ ଘର ନିର୍ମାଣ କାର୍ଯ୍ୟ ଶେଷ ନିମନ୍ତେ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସିଧାମୂଳା ଗ୍ରାମବାସୀ ଦାବି କରିଛନ୍ତି।

ଅର୍ଣ୍ଣବ ବାତ୍ୟା ସ୍ଥିତି ପରଖିଲେ ଜିଲ୍ଲା ନୋଡାଲ ଅଫିସର

କାଶୀନଗର, ୨୯।୧୦(ନିପ୍ର); ବାତ୍ୟା ଅର୍ଣ୍ଣବର ପ୍ରଭାବରେ କାଶୀନଗର ସହର ତଥା ଏହାର ଆଖ ପାଖ ଅଞ୍ଚଳରେ ସକାଳ ଠାରୁ ଲଗାତାର ବର୍ଷା ତୁହାକୁ ତୁହା ହେଉଛି। ବାତ୍ୟାର ମୁକାବିଲା କରିବା ପାଇଁ କାଶୀନଗର ବ୍ଲକ ଓ ଏନ.ଏ.ସି ତରଫରୁ ପ୍ରଶାସନିକ ଅଧିକାରୀ ମାନେ ସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖି ଛନ୍ତି। ଗଜପତି ଜିଲ୍ଲା ବାତ୍ୟା ନୋଡାଲ ଅଧିକାରୀ ଭାବେ ଦାୟିତ୍ୱରେ ବିଜୟ କୁମାର ଦାସ କାଶୀନଗର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। କାଶୀନଗର ବ୍ଲକ ନୋଡାଲ ଅଫିସର ଫାଲ୍ଗୁନୀ ମାଝୀ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ପଞ୍ଚାୟତର ୮୦୬ ଜଣ ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ ବାତ୍ୟା ଆଶ୍ରୟ ସ୍ଥଳୀରେ ରଖି ରନ୍ଧା ଖାଦ୍ୟ ଯୋଗେଇ ଦିଆ ଯାଉ ଥିବା ବେଳେ କାଶୀନଗର ଏନ ଏ ସି ରେ ତଳିଆ ଅଞ୍ଚଳ ରେ ବସବାସ କରୁଥିବା ୨୧୦ ଲୋକଙ୍କୁ ଚିହ୍ନଟ କରି ଏସ କେ ବି ଏସ କାନଭେଣ୍ଟ ସ୍କୁଲ ଓ ବିଜୁ କଲ୍ୟାଣ ମଣ୍ଡପ ଠାରେ ଥଇଥାନ କରି ସେମାନଙ୍କୁ ମଧ୍ୟ ରନ୍ଧା ଖାଦ୍ୟ ଯୋଗେଇବା ବ୍ୟବସ୍ଥା କରାଯାଇଛି ବୋଲି ନୋଡାଲ ଅଧିକାରୀ ଶ୍ରୀ ମାଝୀ କହିଛନ୍ତି। ସିଡ଼ି ପିଓ କେ. କୋଟେଶ୍ୱରୀ ଅର୍ଣ୍ଣବ ବାତ୍ୟାର ପ୍ରଭାବକୁ ଦୃଷ୍ଟିରେ ରଖି ୧୪ ଜଣ ପ୍ରସୂତି ମହିଳାଙ୍କୁ କାଶୀନଗର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିକରି ସେମାନଙ୍କୁ ଯତ୍ନ ନିଆଯାଉଛି ବୋଲି ସୂଚନା ଦେଇଥିଲେ। ଏହି ଅଞ୍ଚଳରେ ଲଗାତାର ବର୍ଷା ହେବା ଯୋଗୁଁ ଧାନ, ମକା, ଭୂଇଁ ଚଣା, ସୂର୍ଯ୍ୟମୁଖୀ, ପନିପରିବା ଚାଷ ବ୍ୟାପକ କ୍ଷତି ହୋଇଥିବା ଦୃଷ୍ଟି ଗୋଚର ହୋଇଛି।

ରାଷ୍ଟ୍ରୀୟ ଏକତା ଦିବସ : କଳାହାଣ୍ଡିରୁ ୪୬ ଜଣିଆ ପ୍ରତିନିଧି ଦଳ ଗୁଜରାଟ ଗସ୍ତ

ଭବାନୀପାଟଣା, ୨୯।୧୦(ନିପ୍ର): ଆସନ୍ତା ଅକ୍ଟୋବର ୩୧ ତାରିଖ ରେ ଗୁଜରାଟର କେଭାଡିଆ (ଏକତା ନଗର) ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରୀୟ ରାଷ୍ଟ୍ରିୟ ଏକତା ଦିବସ ୨୦୨୬ ସମାରୋହରେ ଯୋଗ ଦେବା ପାଇଁ କଳାହାଣ୍ଡି ଜିଲ୍ଲାରୁ ୪୬ ଜଣିଆ ପ୍ରତିନିଧି ଦଳ ଗୁଜରାଟ ଗସ୍ତ କରିଛନ୍ତି। ସ୍ଥାନୀୟ ସର୍କିଟ ହାଉସଠାରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଉପସ୍ଥିତ ରହି ପ୍ରତିନିଧି ଦଳଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ଏବଂ ଯାତ୍ରା ର ଶୁଭ ମନାସି ଥିଲେ।' ନକ୍ସଲ ମୁକ୍ତ ଭାରତ 'ର ସନ୍ଦେଶ ନେଇ ପ୍ରତିନିଧି ଗଣ ଓଡ଼ିଶାର ୧୯ ଟି ନକ୍ସଲ ପ୍ରଭାବିତ ଅଞ୍ଚଳରେ ଆସିଥିବା ବ୍ୟାପକ ପରିବର୍ତ୍ତନ ଓ ପ୍ରଗତିକୁ ଜାତୀୟ ସ୍ତରରେ ବାର୍ତ୍ତା ଦେବେ।

ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ ପ୍ରତିନିଧି ଦଳଙ୍କ ବସ୍‌କୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ଏବଂ ପ୍ରତିନିଧିଦଳ କେସିଙ୍ଗା ରେଳ ଷ୍ଟେସନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସ୍ୱତନ୍ତ୍ର ଟ୍ରେନରେ ଗୁଜରାଟ ଅଭିମୁଖେ ଯାତ୍ରା କରିଥିଲେ।

କୋଲ୍ ସାଇଡିଂ ନିର୍ମାଣ ବନ୍ଦ ଦାବିରେ ଗ୍ରାମବାସୀଙ୍କ ଥାନାରେ ଅଭିଯୋଗ

ଝାରସୁଗୁଡ଼ା, ୨୯।୧୦ (ନିପ୍ର); ଏକ ନିର୍ଦ୍ଦିଷ୍ଟ କମ୍ପାନୀ ପକ୍ଷରୁ ତେଲେନପାଲି ଅଞ୍ଚଳରେ ନିର୍ମାଣାଧୀନ କୋଇଲା ସାଇଡିଂକୁ ନେଇ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ତୀବ୍ର ହୋଇଛି। ପ୍ରକଳ୍ପ ନିର୍ମାଣ ପୂର୍ବରୁ ଆବଶ୍ୟକ ଜନଶୁଣାଣି, ପରିବେଶ ମଞ୍ଜୁରି ଓ ସରକାରୀ ଅନୁମତି ନିଆଯାଇଛି କି ନାହିଁ, ତାହାର ଯାଞ୍ଚ ଦାବି କରି ମଙ୍ଗଳବାର ଶତାଧିକ ଗ୍ରାମବାସୀ ନିର୍ମାଣସ୍ଥଳରେ ପହଞ୍ଚି ବିରୋଧ ପ୍ରଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ବନହରପାଲି ଥାନାକୁ ଯାଇ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ସ୍ଥାନୀୟ ଲୋକଙ୍କୁ ପ୍ରକଳ୍ପ ସମ୍ପର୍କରେ ଉପଯୁକ୍ତ ସୂଚନା ନଦେଇ ନିର୍ମାଣ କାର୍ଯ୍ୟ ଆଗେଇ ନିଆଯାଉଛି। ଏହାର ଆଇନଗତ ବୈଧତା ଓ ଆବଶ୍ୟକ ଅନୁମତିପତ୍ରକୁ ନେଇ ମଧ୍ୟ ସ୍ୱଷ୍ଟତା ନଥିବା ସେମାନେ ଦର୍ଶାଇଛନ୍ତି। ପ୍ରକଳ୍ପ ପାଇଁ ଜନଶୁଣାଣି ହୋଇଛି କି ନାହିଁ, ପରିବେଶ ମଞ୍ଜୁରି ମିଳିଛି କି ନାହିଁ ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆବଶ୍ୟକ ସମ୍ମତି ନିଆଯାଇଛି କି ନାହିଁ, ତାହା ଯାଞ୍ଚ କରିବାକୁ ସେମାନେ ଦାବି କରିଛନ୍ତି। କୋଇଲା ସାଇଡିଂ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳରେ କୋଇଲା ଗୁଣ୍ଡ ଓ ଧୂଳି ପ୍ରଦୂଷଣ ବଢ଼ିବା ସହ ଜନଜୀବନ ଉପରେ ଗୁରୁତର ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ଏହାଦ୍ୱାରା ଜଙ୍ଗଲ, ଚାଷଜମି ଓ ସ୍ଥାନୀୟ ଲୋକଙ୍କ ଜୀବିକା କ୍ଷତିଗ୍ରସ୍ତ ହୋଇପାରେ। ଏଥିସହ ଗାଁର ଘରଦ୍ୱାର, ରାସ୍ତାଘାଟ ଓ ବିଦ୍ୟାଳୟ ପରିବେଶ ପ୍ରଭାବିତ ହେବା ସହ ଜିଲ୍ଲା ସଦର ମହକୁମାକୁ ଯାତାୟାତରେ ସମସ୍ୟା ଉପୁଜିବା ନେଇ ଗ୍ରାମବାସୀ ଚିନ୍ତା ପ୍ରକାଶ କରିଛନ୍ତି। ତେଲେନପାଲି, ଫଳସାମୁଣ୍ଡା, ଚେରକଟା, ନେରିପାଲି ସମେତ ତେଲେନପାଲି, ଜୁସ୍ରାଲୋଇ ଓ ଦଳଗାଁ ପଞ୍ଚାୟତ ଅଞ୍ଚଳର ବହୁ ଲୋକ ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବେ ବୋଲି ସେମାନେ ଆଶଙ୍କା କରିଛନ୍ତି। ତେଣୁ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ସ୍ଥଗିତ ରଖିବା ସହ ପ୍ରକଳ୍ପ ସମ୍ପର୍କିତ ସମସ୍ତ ଅନୁମତିପତ୍ର ସାର୍ବଜନୀନ କରିବାକୁ ଦାବି ହୋଇଛି।

ଏହି ଘଟଣାରେ ଗ୍ରାମବାସୀ ବନହରପାଲି ଥାନା ଅଧିକାରୀ ବିନୋଦ କୁମାର ରଣାଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ଅଭିଯୋଗର ତଦନ୍ତ କରିବା, ନିୟମ ଉଲ୍ଲଂଘନ ହୋଇଥିଲେ ସମ୍ପୃକ୍ତ କମ୍ପାନୀର ଅଧିକାରୀ ଓ ପରିଚାଳନା କମିଟି ବିରୋଧରେ ଆଇନ ଅନୁଯାୟୀ ଆପରାଧିକ ମାମଲା ରୁଜୁ କରିବା ଏବଂ ବିବାଦୀୟ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ସେମାନେ ଦାବି ଜଣାଇଛନ୍ତି।

ପାଉଁଶ ପରିବହନ ଟେଣ୍ଡରରେ ଅନିୟମିତତା ଅଭିଯୋଗ

ବଡ଼ ବଡ଼ ଠିକାସଂସ୍ଥାଙ୍କୁ ଅନୁକମ୍ପା ଅଭିଯୋଗ, ଯୋଗ୍ୟତା ସର୍ତ୍ତକୁ ନେଇ ପ୍ରଶ୍ନ; ରୋଜଗାର ହରାଇବା ଆଶଙ୍କାରେ ସ୍ଥାନୀୟ ଠିକାଦାର

ଝାରସୁଗୁଡ଼ା, ୨୯।୧୦ (ନିପ୍ର); ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ବନହରପାଲିସ୍ଥିତ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ପାଉଁଶ ପରିବହନ ଟେଣ୍ଡରକୁ ନେଇ ବିବାଦ ଦେଖାଦେଇଛି। ଚଳିତ ବର୍ଷ ଟେଣ୍ଡର ପ୍ରକ୍ରିୟାରେ ଯୋଗ୍ୟତା ସର୍ତ୍ତରେ ବଡ଼ ପରିବର୍ତ୍ତନ କରାଯାଇଥିବାରୁ ବଡ଼ ବଡ଼ ଠିକାସଂସ୍ଥାଙ୍କୁ ଅନୁକୂଳ ସୁଯୋଗ ଦିଆଯାଉଥିବା ଏବଂ ପୂର୍ବରୁ କାର୍ଯ୍ୟ କରୁଥିବା ସ୍ଥାନୀୟ ଠିକାସଂସ୍ଥାଙ୍କୁ ପ୍ରତିଯୋଗିତାରୁ ଦୂରେଇ ରଖିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ଉଠିଛି। ଏହାକୁ ନେଇ ଜିଲ୍ଲାର ଠିକାଦାର ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଅଭିଯୋଗ ଅନୁସାରେ, ବନହରପାଲିସ୍ଥିତ ଓପିଜିସିର ପାଉଁଶ ପରିବହନ କାର୍ଯ୍ୟ ପାଇଁ ପ୍ରତିବର୍ଷ ଟେଣ୍ଡର ଆହ୍ୱାନ କରାଯାଇଥାଏ। ପୂର୍ବରୁ ଟେଣ୍ଡରରେ ଭାଗ ନେବା ପାଇଁ ପ୍ରାୟ ୫ କୋଟି ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ ମୂଲ୍ୟର କାର୍ଯ୍ୟ କରିଥିବା ଅଭିଜ୍ଞତାକୁ ଯୋଗ୍ୟତାର ଆଧାର ଭାବେ ଗ୍ରହଣ କରାଯାଉଥିଲା ବୋଲି ଠିକାଦାରମାନେ କହିଛନ୍ତି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଠିକାସଂସ୍ଥା ମଧ୍ୟ ଟେଣ୍ଡରରେ ଭାଗ ନେବାର ସୁଯୋଗ ପାଉଥିଲେ। କିନ୍ତୁ ଚଳିତ ବର୍ଷ ଟେଣ୍ଡରରେ ଯୋଗ୍ୟତା ସର୍ତ୍ତକୁ ବଦଳାଯାଇ ସର୍ବନିମ୍ନ ୪୦ କୋଟି ଟଙ୍କାର ବାର୍ଷିକ କାର୍ଯ୍ୟ ଅଭିଜ୍ଞତା କିମ୍ବା ପାଉଁଶ ପରିବହନ କ୍ଷେତ୍ରରେ ୨ ଲକ୍ଷ ୫୦ ହଜାର ଟନ୍ ପାଉଁଶ ପରିବହନ କରିଥିବା ଅଭିଜ୍ଞତା ଆବଶ୍ୟକ ବୋଲି ସର୍ତ୍ତ ରଖାଯାଇଥିବା ଅଭିଯୋଗ ହୋଇଛି। ଫଳରେ ପୂର୍ବରୁ ଓପିଜିସିର ପାଉଁଶ ପରିବହନ କାର୍ଯ୍ୟ କରୁଥିବା ଅନେକ ସ୍ଥାନୀୟ ଠିକାସଂସ୍ଥା ନୂଆ ଟେଣ୍ଡରରେ ଭାଗ ନେବାରୁ ବଞ୍ଚିତ ହୋଇପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। ଠିକାଦାରଙ୍କ ଅଭିଯୋଗ ହେଉଛି, ଏତେ ଉଚ୍ଚ ଯୋଗ୍ୟତା ମାନଦଣ୍ଡ ନିର୍ଦ୍ଧାରଣ କରିବା ଦ୍ୱାରା ଅଧିକ ଆର୍ଥିକ କ୍ଷମତା ଓ ବୃହତ୍ କାର୍ଯ୍ୟ ଅଭିଜ୍ଞତା ଥିବା କିଛି ବଡ଼ ସଂସ୍ଥା ହିଁ ଟେଣ୍ଡରରେ ଭାଗ ନେବାର ସୁଯୋଗ ପାଇପାରିବେ। ଅନ୍ୟପକ୍ଷରେ, ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ପରିବହନ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିବା ଠିକାଦାରମାନେ କାମ ହରାଇବା ଆଶଙ୍କାରେ ରହିଛନ୍ତି। ଏହା କେବଳ ଠିକାଦାରଙ୍କ ଆର୍ଥିକ ସ୍ୱାର୍ଥ ସହ ଜଡ଼ିତ ନୁହେଁ, ବରଂ ସ୍ଥାନୀୟ ଗାଡ଼ି ମାଲିକ, ଚାଳକ, ଶ୍ରମିକ ଓ ପରିବହନ ବ୍ୟବସାୟ ସହ ଜଡ଼ିତ ଅନ୍ୟ ବ୍ୟକ୍ତିଙ୍କ ରୋଜଗାରକୁ ମଧ୍ୟ ପ୍ରଭାବିତ କରିପାରେ। ତେଣୁ ଟେଣ୍ଡରରେ ଯୋଗ୍ୟତା ନିର୍ଦ୍ଧାରଣ କରିବା ସମୟରେ କାର୍ଯ୍ୟର ଆବଶ୍ୟକତା ସହ ସ୍ଥାନୀୟ ସଂସ୍ଥାଗୁଡ଼ିକର ଅଂଶଗ୍ରହଣ ଓ ରୋଜଗାରର ପ୍ରସଙ୍ଗକୁ ମଧ୍ୟ ବିଚାରକୁ ନେବାକୁ ଦାବି ହେଉଛି। ପୂର୍ବରୁ ଏହି ଟେଣ୍ଡର ସମ୍ପର୍କିତ ବିବରଣୀ ଏମ୍‌ଏସ୍‌ଟିସି ଓ ସରକାରୀ ଇ-କ୍ରୟ ପୋର୍ଟାଲ୍‌ରେ ପ୍ରକାଶ କରାଯାଉଥିବା ବେଳେ ଚଳିତ ବର୍ଷ ଅକ୍ଟୋବର ୫ ତାରିଖରେ ଟେଣ୍ଡର ଓଡ଼ିଶା ପୋର୍ଟାଲ୍ ?ରେ ପ୍ରକାଶ ପାଇଥିବା ଅଭିଯୋଗ ହୋଇଛି। ଏହି ପରିବର୍ତ୍ତନର କାରଣ କ'ଣ ଏବଂ ନୂଆ ଯୋଗ୍ୟତା ସର୍ତ୍ତ ନିର୍ଦ୍ଧାରଣ ପଛରେ କେଉଁ ଆଧାର ରହିଛି, ତାହାକୁ ନେଇ ଠିକାଦାର ମହଲରେ ଚର୍ଚ୍ଚା ଜୋର ଧରିଛି। ଟେଣ୍ଡର ସମ୍ପର୍କିତ ସରକାରୀ ବିବରଣୀ ଅନୁସାରେ, ଓପିଜିସିର ଆଇବି ତାପଜ ବିଦ୍ୟୁତ୍ କେନ୍ଦ୍ର ପକ୍ଷରୁ ଉଡ଼ନ୍ତା ପାଉଁଶ ଓ ପୋଖରୀ ପାଉଁଶକୁ ସଡ଼କ ପଥରେ ୩୦୦ କିଲୋମିଟର ପର୍ଯ୍ୟନ୍ତ ପରିବହନ କରିବା ନିମନ୍ତେ ଆଗ୍ରହ ପ୍ରକାଶ ପାଇଁ ଆହ୍ୱାନ କରାଯାଇଛି। ଏହି ପାଉଁଶକୁ ନିର୍ଦ୍ଧାରିତ ନିମ୍ନଭୂମି, ଖଣି ଖାଦାନ, ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପକୁ ପରିବହନ କରିବା ଏହି କାର୍ଯ୍ୟର ଅଂଶ। ଟେଣ୍ଡରର ଶେଷ ତାରିଖ ପୂର୍ବରୁ ଅକ୍ଟୋବର ୧୬ ରହିଥିବା ବେଳେ ପରେ ଏହାକୁ ଅକ୍ଟୋବର ୨୪ ଏବଂ ପୁନର୍ବାର ଅକ୍ଟୋବର ୨୯ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଛି। ଏହା ସରକାରୀ ଟେଣ୍ଡର ବିବରଣୀରେ ଉଲ୍ଲେଖ ରହିଛି। ତେବେ ଟେଣ୍ଡରର ଅବଧି ବୃଦ୍ଧି କରାଯିବା ନିଜେ ଅନିୟମିତତାର ପ୍ରମାଣ ନୁହେଁ। ଏହା ପଛରେ ଥିବା କାରଣ ଏବଂ ଯୋଗ୍ୟତା ସର୍ତ୍ତର ଯଥାର୍ଥତା ସମ୍ପର୍କରେ ଓପିଜିସି କର୍ତ୍ତୃପକ୍ଷଙ୍କ ସ୍ପଷ୍ଟୀକରଣ ଆବଶ୍ୟକ। ଏହି ଟେଣ୍ଡର ପ୍ରକ୍ରିୟାରେ କୌଣସି ରାଜନୈତିକ ଚାପ କାର୍ଯ୍ୟ କରିଛି କି ନାହିଁ, ଯୋଗ୍ୟତା ସର୍ତ୍ତ କାହାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିର୍ଦ୍ଧାରଣ କରାଯାଇଛି ଏବଂ ସମସ୍ତ ଯୋଗ୍ୟ ଠିକାସଂସ୍ଥାଙ୍କୁ ସମାନ ସୁଯୋଗ ମିଳିଛି କି ନାହିଁ, ଏସବୁ ପ୍ରଶ୍ନର ଉତ୍ତର ମିଳିବା ଆବଶ୍ୟକ। ତେବେ ଏ ସମ୍ପର୍କରେ କୌଣସି ଅନିୟମିତତା ଅଦ୍ୟାବଧି ପ୍ରମାଣିତ ହୋଇନାହିଁ। ଏନେଇ ଓପିଜିସିର ମାନବ ସମ୍ବଳ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ଟେଣ୍ଡର ପ୍ରକ୍ରିୟାକୁ ନେଇ ଉଠିଥିବା ଅଭିଯୋଗ ଉପରେ ଓପିଜିସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦିଆଗଲେ ପ୍ରକୃତ ସ୍ଥିତି ସାମ୍ନାକୁ ଆସିପାରିବ। ସାର୍ବଜନୀନ ଉଦ୍ୟୋଗରେ ଟେଣ୍ଡର ପ୍ରକ୍ରିୟା ସ୍ୱଚ୍ଛ, ନିରପେକ୍ଷ ଓ ପ୍ରତିଯୋଗିତାମୂଳକ ହେବା ଆବଶ୍ୟକ। ତେଣୁ ଯୋଗ୍ୟତା ସର୍ତ୍ତର ଯଥାର୍ଥତା, ଟେଣ୍ଡର ପ୍ରକାଶ ପ୍ରକ୍ରିୟା ଓ ସ୍ଥାନୀୟ ଠିକାସଂସ୍ଥାଙ୍କ ଅଂଶଗ୍ରହଣ ସମ୍ପର୍କରେ ଉଠିଥିବା ପ୍ରଶ୍ନଗୁଡ଼ିକର ସ୍ପଷ୍ଟ ଉତ୍ତର ମିଳିବା ଜରୁରୀ। ଏହାଦ୍ୱାରା ଠିକାଦାର ମହଲରେ ଦେଖାଦେଇଥିବା ଅସନ୍ତୋଷ ଦୂର ହେବା ସହ ଟେଣ୍ଡର ପ୍ରକ୍ରିୟା ପ୍ରତି ଆସ୍ଥା ବଜାୟ ରହିପାରିବ।

ବଣ୍ଡାଘାଟିରେ ଉତ୍କଟ ପାନୀୟ ଜଳ ସଂକଟ

ଦୂଷିତ ନାଳ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି ଆଦିମ ଜନଜାତି

ମାଲକାନଗିରି, ୨୯/୧୦(ନିପ୍ର):ମାଲକାନଗିରି ଜିଲ୍ଲା ଖୈରପୁଟ ବ୍ଲକ୍ ଅଣ୍ଡ୍ରାହାଲ୍ ପଞ୍ଚାୟତର ସିସାସାହି ଗ୍ରାମରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ଆଦିମ ବଣ୍ଡା ଜନଜାତିର ଲୋକମାନେ ବିଶୁଦ୍ଧ ପାନୀୟ ଜଳ ଟୋପାଏ ପାଇଁ ବର୍ଷ ବର୍ଷ ଧରି ସଂଘର୍ଷ କରୁଛନ୍ତି। ଗାଁରେ ପାନୀୟ ଜଳ ଯୋଗାଣର କୌଣସି ସ୍ଥାୟୀ ବ୍ୟବସ୍ଥା ନାହିଁ। ଯେଉଁ ଦୁଇଟି ନଳକୂପ ରହିଛି, ତାହା ଦୀର୍ଘ ଦିନ ହେବ ଅଚଳ ହୋଇ ପଡ଼ିରହିଛି। ଫଳରେ ଗ୍ରାମବାସୀ ବାଧ ହୋଇ ପ୍ରାୟ ୧ କିଲୋମିଟର ଦୂରରେ ଥିବା ପାହାଡ଼ି ନାଳ ଓ ଝରଣାର ଦୂଷିତ / ଗୋଳିଆ ପାଣି ଆଣି ବ୍ୟବହାର କରୁଛନ୍ତି। ବିଶେଷ କରି ବର୍ଷା ଦିନେ ଏହି ଗୋଳିଆ ପାଣି ବ୍ୟବହାର କରିବା ଦ୍ୱାରା ଗ୍ରାମବାସୀ କାଶ, ଥଣ୍ଡା, ଜ୍ୱର ଓ ବାନ୍ତି-ଝାଡ଼ା ଭଳି ନାନାଦି ଜଳବାହିତ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ନଥିପତ୍ରରେ ଯୋଜନା, ବାସ୍ତବରେ ଶୂନ୍ୟ: ସରକାରୀ ତଥ୍ୟ ଅନୁସାରେ, ଅଣ୍ଡ୍ରାହାଲ୍ ପଞ୍ଚାୟତ ଅଧୀନରେ ୪୧ଟି ନଳକୂପ, ୧୫ଟି ସୋଲାର ପ୍ରକଳ୍ପ ଏବଂ ୯ଟି ଝରଣା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ହେଲେ ବାସ୍ତବରେ ଅଧିକାଂଶ ପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ଏହାର ସୁଫଳ ଗ୍ରାମବାସୀଙ୍କୁ ମିଳିପାରୁନାହିଁ। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗୋଟିଏ ପଟେ ସରକାର ବଣ୍ଡା ଜନଜାତିଙ୍କ ବିକାଶ ପାଇଁ କୋଟି କୋଟି ଟଙ୍କାର ଯୋଜନା କରୁଥିବା ବେଳେ, ଅନ୍ୟପଟେ ସିସାସାହି ଗ୍ରାମବାସୀ ମୌଳିକ ପାନୀୟ ଜଳ ସୁବିଧାରୁ ବଞ୍ଚିତ ହେବା ସରକାରୀ ଯୋଜନାର ଅସଲ ଚେହେରାକୁ ପଦାରେ ପକାଇଛି। କେବେ ଏହି ଆଦିମ ଜନଜାତିଙ୍କ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ହେଉଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଜିଲ୍ଲାର ବିଭିନ୍ନ ସ୍ଥାନରେ ପଡ଼ିଥିବା ଗଛ କାଟି ଯାତାୟାତ ସ୍ୱାଭାବିକ କଲା ଅଗ୍ନିଶମ ବାହିନୀ

ପାରଳାଖେମୁଣ୍ଡି, ୨୯।୧୦ (ନିପ୍ର); ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗଜପତି ଜିଲ୍ଲାରେ ଗତକାଲି ଠାରୁ ପ୍ରବଳ ବର୍ଷା ସହିତ ପବନ ଲାଗି ରହିଥିଲା। ଏହାର ପ୍ରଭାବରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ଆର. ଉଦୟଗିରି ଥାନା ଅନ୍ତର୍ଗତ ତୁଙ୍ଗୁରୁ ଗ୍ରାମରେ ଏକ ବଡ଼ ଗଛ ଘର ଉପରେ ପଡ଼ିଯାଇଥିଲା। ଖବର ପାଇ ଆର. ଉଦୟଗିରି ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗଛଟିକୁ କାଟି ହଟାଇବା ସହ ସ୍ଥାନଟିକୁ ସଫା କରିଥିଲେ।ସେହିପରି ମୋହନାଠାରୁ ପ୍ରାୟ ୫ କିଲୋମିଟର ଦୂରରେ ମୋହନା-ରାୟଗଡ଼ା ରାସ୍ତା ଉପରେ ଏକ ବଡ଼ ଗଛ ଉପୁଡ଼ି ପଡ଼ିବାରୁ ରାଜ୍ୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଜଣେ ଯାତ୍ରୀଙ୍କଠାରୁ ଏହି ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ମୋହନା ବିଡିଓ ଅଗ୍ନିଶମ ବିଭାଗକୁ ଅବଗତ କରାଇଥିଲେ। ଅଗ୍ନିଶମ ବାହିନୀ ପକ୍ଷରୁ ତୁରନ୍ତ ଗଛଟିକୁ କାଟି ରାସ୍ତାରୁ ହଟାଯାଇଥିଲା। ଫଳରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ଏଥି ସହିତ ଜିରାଙ୍ଗ ମୁଖ୍ୟ ରାସ୍ତା ଏବଂ ଗୋପିଲି-କିଞ୍ଜିଲିଙ୍ଗ ରାସ୍ତାର ଲିଙ୍ଗିପୁର ଆଶ୍ରମ ବିଦ୍ୟାଳୟ ନିକଟରେ ଗଛ ପଡ଼ିଥିବା ସୂଚନା ପାଇବା ପରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗଛ କାଟିବା ସହ ରାସ୍ତାକୁ ଗମନାଗମନର ଉପଯୋଗୀ କରିଥିଲେ। ବିଶେଷକରି ବର୍ଷା ଓ ପ୍ରତିକୂଳ ପାଣିପାଗ ସମୟରେ ରାସ୍ତାରେ ଗଛ ପଡ଼ି ଯାତାୟାତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣାର ଆଶଙ୍କା ରହୁଥିବା ବେଳେ ଅଗ୍ନିଶମ ବାହିନୀର ଏହି କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

ଏକର ଏକର ଧାନ ଜମି ପାଣିରେ ଭାସୁଛି ,ଚାଷୀ ମୁଣ୍ଡରେ ଚଡ଼କ

ନୟାଗଡ, ୨୯।୧୦ (ନିପ୍ର); ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣ ଝଡ ଅର୍ଣ୍ଣବ ପ୍ରଭାବରେ ତୁହାକୁ ତୁହା ବର୍ଷା ଜାରି ରହିଛି। ଏକର ଏକର ଧାନ ଜମି ଜଳମଗ୍ନ ହୋଇପଡିଛି । କିଛିଦିନ ପରେ ଚାଷୀ ଧାନ କାଟି ସୁନାର ଫସଲକୁ ଖଳାକୁ ନେଇଆସିଥାନ୍ତା । ବର୍ତ୍ତମାନ ପାଚିଲା ଧାନ ବିଲରେ ସ୍ୱର୍ଣ୍ଣ ସବୁଜର ରୂପ ନେଇ ପ୍ରତୀୟ ମାନ ହୋଇଥିଲା ବେଳେ ଘୂର୍ଣ୍ଣି ବଳୟର ପ୍ରଭାବରେ ହାଲୁକା ବର୍ଷା ସାଙ୍ଗକୁ କୋହଲ ।ପାବନ ଭାରକ୍ରାନ୍ତ ଧାନଗଛ କୁ କୋହଲା ପବନ ଶୁଆଇ ଦେଇଛି ।

ଜିଲ୍ଲା ପ୍ରଶାସନ ଚାଷୀଙ୍କୁ ସତର୍କ ବାଣୀ ଶୁଣାଇ ଥିଲେ ହେଁ ସ୍ୱଳ୍ପ ସମୟ କାରଣରୁ ଚାଷୀ ଧାନକାଟିବା ସମ୍ଭବ ହୋଇପାରିନାହିଁ । ବଡ କିସମ ଧାନ ଗୁଡିକ ସମ୍ପୂର୍ଣ୍ଣ ଭାବେ ପାଚି ପାରିନଥିବାରୁ ଚାଷୀ ପାଖରେ କାଟିବା ସମ୍ଭବପର ହୋଇପାରି ନାହିଁ । ଠିକଣା ସମୟରେ ପ୍ରକୃତି ଦାଉ ସାଜିଛି । ଧାର କରଜ ଅଥବା ବ୍ୟାଙ୍କ ଋଣ କରି ଚାଷୀ ଅର୍ଥ ବିନିଯୋଗ ସହ ଶ୍ରମଦାନ କରିଥିଲା ବେଳେ ବର୍ତମାନର ପ୍ରକୃତିକ ବିପତ୍ତି ଚାଷୀ ଆଖିରୁ ନିଦ ହଜାଇ ଦେଇଛି । ବର୍ଷ ଯାକର ନିଜର ଖାଦ୍ୟ ସଂଗ୍ରହ ସହିତ ଗୋରୁ ମାନଙ୍କ ପାଇଁ ଗୋ - ଖାଦ୍ୟ ସଂଗ୍ରହ କରିଥାନ୍ତା କିନ୍ତୁ ଅର୍ଣ୍ଣବ ବାତ୍ୟା ଜନିତ କାରଣରୁ ଆଜି ଏ ସବୁ ଧୂଳିସାତ ହେବାକୁ ବସିଛି। ଆଖି ଆଗରେ ଭାଙ୍ଗିଯାଉଛି ଚାଷୀର ସ୍ୱପ୍ନ । ଉଜୁଡି ଯାଉଛି ବର୍ଷକର ପରିଶ୍ରମର ଫଳ । ଜାତୀୟ ପାଣିପାଗ ବିଭାଗ ବାରମ୍ବାର ସତର୍କ ସୂଚନା ଦେଉଥିଲେ ହେଁ ଚାଷୀ ବର୍ତ୍ତମାନ ସ୍ଥିତିରେ ନିରୁପାୟ। ଏଥି ସହିତ ବାଇଗଣ, ଟମାଟ, ଭେଣ୍ଡି, ମୂଳା, ଶାଗ, କଲରା ଆଦି ପନିପରିବା ଫସଲ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ପନିପରିବା ଫସଲରେ ରୋଗ ପୋକ ଦମନ ପାଇଁ ଚାଷୀ ହଜାର ହଜାର ଟଙ୍କା ଔଷଧ କିଣି ଫସଲରେ ପ୍ରୟୋଗ କରିଥିଲେ ହେଁ ବର୍ଷା ପ୍ରଭାବରେ ପନିପରିବା ଗଛ ଉଜୁଡିବାରେ ବସିଛି ।

ଏନେଇ ନୟାଗଡ ବ୍ଲକ ନବଘପୁର ଗ୍ରାମର ଚକ୍ରଧର ବରାଡ଼ କହନ୍ତି ଧାର କରଜ କରି ଧାନ ଭାଗ ଚାଷ କରି ଏ ବର୍ଷ ଚାଷରେ ୪୦ ହଜାର ଟଙ୍କା ଖର୍ଚ୍ଚ କରିଛି । ବର୍ତ୍ତମାନ ଧାନ ବିଲର ଅବସ୍ଥା ଦେଖି ଆଖିରେ ଲୁହ , ମନରେ କୋହ ଉଠୁଛି । ସେହିଭଳି ଭାଟସାହି ପଂଚାୟତର ବିରାଡ଼ି ସାହିର ମିଟୁ ପ୍ରଧାନ କହନ୍ତି ମହିଳା ଗ୍ରୁପ ମାଧ୍ୟମରୁ କିଛି

ଅର୍ଥ ଏବଂ ନିକଟସ୍ଥ ପ୍ରାଥମିକ କୋପରେଟିଭ ସୋସାଇଟିରୁ ଋଣ ଆଣି ପରିବା ଚାଷ କରିଛି ହେଲେ ସବୁ ଆଶା ଆଖି ଆଗରେ ଧୂଳିସାତ ହେବାକୁ ଯାଉଛି । ପରିବାର କିପରି ଚଳିବ ଓ ଗୁଜରାଣ କିପରି ମେଣ୍ଟାଇବେ ମୁଣ୍ଡରେ ହାତ ଦେଇ ବସିଛି । ସ୍ଥାନୀୟ ପ୍ରଶାସନ ବର୍ଷା ପରେ କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କ କ୍ଷତିର କେତେ ଭରଣା କରୁଛନ୍ତି ଚାଷୀ ଚାତକ ପରି ଅନାଇ ରହିଛି ।

ହରିପୁର - ବଳଙ୍ଗା ପୂର୍ତ୍ତ ସଡ଼କ ରାସ୍ତା ଅବସ୍ଥା

ପିପିଲି, ୨୯।୧୦ (ନିପ୍ର); ହରିପୁର - ବଳଙ୍ଗା ପୂର୍ତ୍ତ ସଡ଼କ ରାସ୍ତା ଫାଟ ଦେଖା ଯାଉଛି ତ କେଉଁଠି ଭୁଶୁଡି ପଡୁଅଛି। ଏସବୁ ଠିକ ହେବା ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ ହେଉଛି। ସେହି ବ୍ୟୟ ବରାଦ ଅର୍ଥରେ ନିମ୍ନମାନର ଝୁରାମାଟି, ନିମ୍ନମାନର ଡ୍ରଷ୍ଟ, ଡବ୍ଲୁଏମ ପକାଯାଇ ବିନା ପିଚୁ ତେଲରେ ପିଚୁ ପକା ଯିବା ଦ୍ୱାରା ଏହା ଠାକୁ ଠା କେଉଁଠି ଭୁଶୁଡି ପଡ଼ିଲାଣି ତ ଅନ୍ୟ କେଉଁଠି ପିଚୁ ଉଠିଯାଇ ଖଣ୍ଡିଆ ଖାବରାରେ ପରିତ୍ୟକ୍ତ ଅବସ୍ଥାରେ ପଡି ରହି ଅଛ। ଜନସାଧାରଣ ଏବଂ ଶହ ଶହ ଯାନ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହେଉଛି। ଅଭିଯୋଗରୁ ପ୍ରକଶ ଯେ ନିମ୍ନମାନର କାର୍ଯ୍ୟ ଜନସାଧାରଣ ଉଠାଇ ଥିବା ଦୂରର କଥା ଖୋଦ ସମ୍ପ୍ରସାରଣ କରୁ ଥିବା ଠିକା ସଂସ୍ଥା ନିଜର ଏକ ହାଇୱା ହରିପୁର ଠାରୁ ବଳଙ୍ଗା ଆସୁ ଥିବା ବେଳେ ଚାଳକ ଚା' ପିଇବା ନିମନ୍ତେ ଗାଡ଼ିକୁ ସାଇଟ କରି ରଖି ଦୋକାନକୁ ଯାଇ ଥିବା

ବେଳେ ସେହି ଗାଡି ରାସ୍ତାରେ ଗଳି ପଡି ଧାନ ବିଲ କ୍ଷେତକ ଓଲଟି ପଡି ଥିଲା। ଖାଲି ସେତିକି ନୁହେଁ ଠିକା ସଂସ୍ଥାର ମନମାନିକାର୍ଯ୍ୟ ଯୋଗୁଁ ବଳଙ୍ଗା ଶମ୍ଭୁ ଭାରତୀ ପାଟଣା ଠାରେ ଜଣେ ମହିଳାଙ୍କ ପିନ୍ଧା ଲୁଗା ବାହାରି ଥିବା ଲୁହା ରଡ଼ରେ ଲାଗି ଯିବାରୁ ସେ ରଡ଼ ଉପରେ ଗଳି ପଡି ଥିଲେ। ମହିଳା ଜଣକ ଗୁରୁତର ଆହତ ହୋଇ ଏକ ଘରୋଇ ଡାକ୍ତର ଖାନାରେ ଦୀର୍ଘ ଦିନ ଧରି ହଜାର ହଜାର ଟଙ୍କା ଖର୍ଚ୍ଚ କରି ଘରକୁ ଫେରି ଥିଲେ। ବିଭାଗର ଏଭଳି କାର୍ଯ୍ୟ ପ୍ରତି ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କୁ ସମସ୍ୟା ସମ୍ପର୍କରେ ଜଣାଇ ଆସୁ ଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥା କାହା ଇଙ୍ଗିତରେ ମନଇଛା ୨୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କାର୍ଯ୍ୟ କରୁ ଅଛି ତାହା ଏକ ଭିଜିଲାନ୍ସ ତଦନ୍ତ ସାକ୍ଷେପ ହେଉଛି। ଉକ୍ତ ରାସ୍ତା ନିର୍ମାଣ ନିମନ୍ତେ ପୂର୍ତ୍ତବିଭାଗ ଦ୍ୱାରା କରାଯାଉ ଥିବା ବେଳେ ଏଥି ପ୍ରତି ପ୍ରାୟ ୨୨ କୋଟିରୁ ଉର୍ଦ୍ଧ୍ୱ ବ୍ୟୟ ବରାଦ ହେଉଛି। ଏହି ଅର୍ଥକୁ ଚଳୁ କରିବା ପାଇଁ ବିଭାଗ ୩ / ୩ ଥର ଗୋଟିଏ ସ୍ଥାନରେ ବାରମ୍ବାର କାର୍ଯ୍ୟ କରୁ ଥିବା ବେଳେ ସେହି ସ୍ଥାନ ସର୍ବଦା ଫାଟ ଦେଖା ଦେଉଛି। ଫଳରେ ନିର୍ମାଣର ଶେଷ ସମୟକୁ ଭୁଶୁଡି ପଡୁଅଛି। ଏହାର ତଦନ୍ତ କରାଗଲେ ପ୍ରକୃତ ତଥ୍ୟା ସମ୍ନାକୁ ଆସିବ ବୋଲି ଗ୍ରାମବାସୀ ମତପ୍ରକାଶ କରିଛନ୍ତି।

ମୋହନାରେ ସର୍ବାଧିକ ୩୦୭.୬ ମିମି ବର୍ଷା

ପାରଳାଖେମୁଣ୍ଡି, ୨୯।୧୦ (ନିପ୍ର); ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାର ୮ଟି ବର୍ଷା ମାପ କେନ୍ଦ୍ରର ତଥ୍ୟ ଅନୁଯାୟୀ, ମୋଟ ୧୩୫୭ ମିଲିମିଟର ବର୍ଷା ହୋଇଥିବା ବେଳେ ହାରାହାରି ବର୍ଷା ପରିମାଣ ୧୬୯.୬୫ ମିଲିମିଟର ରହିଛି। ମୋହନା ବ୍ଲକ୍‌ରେ ସର୍ବାଧିକ ୩୦୭.୬ ମିଲିମିଟର ବର୍ଷା ହୋଇଛି। ସେହିପରି ପାରଳାଖେମୁଣ୍ଡିରେ ୧୦୬ ମିମି, ଗୁମ୍ମାରେ ୧୫୦ ମିମି, ଗୋଷାଣୀରେ ୧୫୧ ମିମି, ରାୟଗଡ଼ାରେ ୨୨୪ ମିମି, କାଶୀନଗରରେ ୭୯.୫ ମିମି, ଆର. ଉଦୟଗିରିରେ ୧୭୫.୧ ମିମି ଏବଂ ନୂଆଗଡ଼ରେ ୧୬୩.୬ ମିମି ବର୍ଷା ରେକର୍ଡ ହୋଇଥିବା ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ବାତ୍ୟା ଓ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାପାଳ ମହେନ୍ଦ୍ରତନୟା ନଦୀ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

କୋଟି କୋଟି ଟଙ୍କାର ପ୍ରକଳ୍ପ, ତଥାପି ଶୁଖିଲା ଟ୍ୟାପ୍ !

ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ଉଠିଲା ପ୍ରଶ୍ନ, ତଦନ୍ତ ଦାବି କଲେ ଗ୍ରାମବାସୀ

ମାଲକାନଗିରି, ୨୯/୧୦ (ନିପ୍ର): ଗ୍ରାମାଞ୍ଚଳର ପ୍ରତ୍ୟେକ ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ହେଲେ ପ୍ରକଳ୍ପ ନିର୍ମାଣ ସତ୍ତ୍ୱେ ଲୋକଙ୍କ ଘରକୁ ପାଣି ପହଞ୍ଚିପାରୁନାହିଁ। ଏହାର ଏକ ଉଦାହରଣ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍‌ର ଏମଭି-୬୯ ଗ୍ରାମ। ଗ୍ରାମରେ ଘର ସମ୍ମୁଖରେ ଟ୍ୟାପ୍ ଲାଗିଛି, ପାଇପ୍ ବିଛାଯାଇଛି, ହେଲେ ପାଣି ଆସୁନାହିଁ। ଏହାକୁ ନେଇ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇବା ସହ ତୁରନ୍ତ ତଦନ୍ତ ଦାବି କରିଛନ୍ତି ଗ୍ରାମବାସୀ। ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ଲୋକଙ୍କ ଜଳକଷ୍ଟ ଦୂର କରିବା ଲାଗି ମେଗା ପାନୀୟ ଜଳ ପ୍ରକଳ୍ପ ଜରିଆରେ ଏକାଧିକ ପଞ୍ଚାୟତକୁ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ହେଲେ ଏମଭି-୬୯

ଗ୍ରାମରେ ଏହି ଯୋଜନାର ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ଆରମ୍ଭ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣ ହୋଇନଥିବା ସେମାନେ କହିଛନ୍ତି। ଘର ସମ୍ମୁଖରେ ନିର୍ମିତ କଂକ୍ରିଟ୍ ଷ୍ଟାଣ୍ଡ ପୋଷ୍ଟ ଓ ଟ୍ୟାପ୍ ଏବେ ଅଚଳ ହୋଇ ପଡ଼ିରହିଛି।

ପ୍ରକଳ୍ପ ନିର୍ମାଣରେ ବିପୁଳ ଅର୍ଥ ବ୍ୟୟ ହେଉଥିବା ସତ୍ତ୍ୱେ ଲୋକଙ୍କୁ ପାଣି ମିଳୁନଥିବା ଘଟଣା ଜଳଯୋଗାଣ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ପ୍ରକଳ୍ପରେ କେତେ ଅର୍ଥ ବ୍ୟୟ ହୋଇଛି, ନିର୍ମାଣ କାର୍ଯ୍ୟର ମାନ ଯାଞ୍ଚ ହୋଇଛି କି ନାହିଁ ଏବଂ ଜଳଯୋଗାଣ ବନ୍ଦ ରହିବାର ପ୍ରକୃତ କାରଣ କ'ଣ, ତାହାର ତଦନ୍ତ କରିବାକୁ ଦାବି ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପାନୀୟ ଜଳ ସମସ୍ୟା ସତ୍ତ୍ୱେ ସମ୍ପୃକ୍ତ ବିଭାଗ ପକ୍ଷରୁ ଏହାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ। ତେବେ ଏହି ସମସ୍ୟା ସମ୍ପର୍କରେ ବିଭାଗର ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସାଧାରଣ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ସରକାରୀ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବା ବେଳେ ଏମଭି-୬୯ ଗ୍ରାମରେ ଏହାର ସୁଫଳ ନମିଳିବା ଚିନ୍ତାର ବିଷୟ। ତେଣୁ ଜିଲ୍ଲା ପ୍ରଶାସନ ଓ ବିଭାଗ ତୁରନ୍ତ ଘଟଣାର ତଦନ୍ତ କରି ଜଳଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରିବା ସହ ଦୋଷତ୍ରୁଟି ଥିଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ନିୟମାନୁଯାୟୀ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୁପ୍ରିମକୋର୍ଟଙ୍କୁ କ୍ଷମା ମାଗିଲେ ସଞ୍ଜୟ ରାଉତ

ନୂଆଦିଲ୍ଲୀ, ୨୯।୧୦: ଶିବସେନା ୟୁବିଟି ସାଂସଦ ସଞ୍ଜୟ ରାଉତ ସୁପ୍ରିମକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। କୋର୍ଟ ଦ୍ୱାରା ଜାରି ଅବମାନନା ନୋଟିସର ଜବାବରେ ରାଉତ କ୍ଷମା ପ୍ରାର୍ଥନା କରିଛନ୍ତି। ରାଉତ କହିଛନ୍ତି ଯେ ସେ ତାଙ୍କ ମନ୍ତବ୍ୟ ପାଇଁ ପ୍ରକୃତରେ ଅନୁତାପ କରୁଛନ୍ତି। ସେ କୋର୍ଟଙ୍କୁ ସମ୍ମାନ କରନ୍ତି ଏବଂ ଭବିଷ୍ୟତରେ ନ୍ୟାୟପାଳିକା ବିଷୟରେ ବୟାନ ଦେବା ସମୟରେ ସତର୍କତା ଏବଂ ସଂଯମତା ଅବଲମ୍ବନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୁପ୍ରିମକୋର୍ଟ ୧୭ ନଭେମ୍ବରରେ ବ୍ୟକ୍ତିଗତ ଭାବରେ ହାଜର ହେବାକୁ ସଞ୍ଜୟ ରାଉତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ରାହୁଲ ଗାନ୍ଧୀଙ୍କ ସମେତ ବିରୋଧୀ ନେତାଙ୍କ ସହ ସାକ୍ଷାତ କରିବାକୁ ଅନୁମତି ନଦେବା ପରେ ରାଉତ ନ୍ୟାୟପାଳିକା ବିଷୟରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଏହି କାରଣରୁ ସୁପ୍ରିମକୋର୍ଟ ବାର ଆସୋସିଏସନ ତାଙ୍କ ବିରୁଦ୍ଧରେ ଅବମାନନା ଆବେଦନ ଦାଖଲ କରିଛନ୍ତି।

ହର୍ମୁଜ ପ୍ରଣାଳୀରେ ମାଇନ୍ ବିସ୍ଫୋରଣ; ୩ ତୈଳ ଟ୍ୟାଙ୍କର ଜଳିଗଲା

ଦୁବାଇ, ୨୯।୧୦: ବିଶ୍ୱର ପ୍ରମୁଖ ପରିବହନ ଜଳପଥ ହର୍ମୁଜ ପ୍ରଣାଳୀର ଦକ୍ଷିଣ ଭାଗରେ ଏକ ଅନଧିକୃତ ମାର୍ଗ ଦେଇ ଗତି କରିବା ସମୟରେ ବିପଦପୂର୍ଣ୍ଣ ସାମୁଦ୍ରିକ ମାଇନ୍ ସଂସ୍ପର୍ଶରେ ଆସି ୩ଟି ବିଶାଳ ତୈଳ ଟାଙ୍କରରେ ଭୟାବହ ବିସ୍ଫୋରଣ ଘଟିଛି। ଇରାନର ସରକାରୀ ଗଣମାଧ୍ୟମ ଦ୍ୱାରା ଗୁରୁବାର ଜାରି କରାଯାଇଥିବା ଇରାନର ସେନାର ଏକ ବିବୃତି ଅନୁଯାୟୀ ବିଗତ ୨୪ ଘଣ୍ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଛି।

ନଭେମ୍ବର ୧ରେ 'ଚଲୋ ଦିଲ୍ଲୀ ପଦଯାତ୍ରା'ରେ ଯୋଗ ଦେବାକୁ ରାହୁଲଙ୍କ ଆହ୍ୱାନ

ନୂଆଦିଲ୍ଲୀ, ୨୯।୧୦: କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର କହିଛନ୍ତି, ଭୋଟର ତାଲିକା ସଂଶୋଧନରେ ଅନିୟମିତତାକୁ ବିରୋଧ କରି ଆସନ୍ତା ନଭେମ୍ବର ୧ ତାରିଖରେ ଡକାଯାଇଥିବା 'ଚଲୋ ଦିଲ୍ଲୀ ପଦଯାତ୍ରା' ହେଉଛି ଗଣତନ୍ତ୍ରକୁ ସୁରକ୍ଷା ଦେବାପାଇଁ, ଭୋଟ୍ ଚୋରି ବନ୍ଦ କରିବାପାଇଁ ଏବଂ ସମ୍ବିଧାନକୁ ସୁରକ୍ଷା ଦେବାପାଇଁ ଏକ ଯାତ୍ରା । ପୁଲିସ ଏବଂ ଲାଠିକୁ ନେଇ ଚିନ୍ତା କରିବାର କିଛି ଆବଶ୍ୟକ ନାହିଁ ବୋଲି ରାହୁଲ କହିଛନ୍ତି । ସେ କହିଛନ୍ତି, ଏହି ପଦଯାତ୍ରା କୌଣସି ରାଜନୈତିକ ଦଳ ପାଇଁ ନୁହେଁ ବରଂ ଏହା ଭାରତର ଆତ୍ମା ପାଇଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଏବଂ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ନେଇ ଯେଉଁମାନେ ଅତିଷ୍ଠ ହୋଇପଡ଼ିଲେଣି ସେମାନେ ସମସ୍ତେ ଏଥିପାଇଁ ଆଗେଇ ଆସିବାକୁ ରାହୁଲ ଆହ୍ୱାନ କରିଛନ୍ତି । ଅନ୍ୟପକ୍ଷେ ଦିଲ୍ଲୀର ରାମଲୀଳା ମୈଦାନରେ ଇଣ୍ଡି ମେଣ୍ଟ ରାଲିକୁ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମର୍ଥନ କରିଛନ୍ତି।

କ୍ଷୀର ଲିଟରରେ ୮ ଟଙ୍କା ବୃଦ୍ଧି

ବେଙ୍ଗାଲୁରୁ, ୨୯।୧୦: କ୍ଷୀର ଲିଟର ପିଛା ୮ ଟଙ୍କା ବଢ଼ିଛି। କର୍ଣ୍ଣାଟକ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଶିବକୁମାରଙ୍କ କ୍ୟାବିନେଟ୍ ବୁଧବାର ଦିନ କ୍ଷୀର ଲିଟର ପିଛା ୮ ଟଙ୍କା ବୃଦ୍ଧିକୁ ମଞ୍ଜୁରି ପ୍ରଦାନ କରିଛି। ଯାହା ଆସନ୍ତା ନଭେମ୍ବର ୧ ତାରିଖ ଠାରୁ ଲାଗୁ ହେବ। କର୍ଣ୍ଣାଟକର ମନ୍ତ୍ରୀ କୃଷ୍ଣା ବାୟରେ ଗୌଡ଼ା ଗଣମାଧ୍ୟମକୁ କହିଛନ୍ତି, ଏହି ବୃଦ୍ଧି ପରେ ୮ରୁ ୭ଟଙ୍କା ସିଧାସଳଖ ଦୁଗ୍ଧଚାଷୀଙ୍କ ଖାତାକୁ ଯିବ। ଏକ ଟଙ୍କା କର୍ଣ୍ଣାଟକ ମିଲ୍କ ଫେଡେରେସନର ଖାତାକୁ ଯିବ 'ନନ୍ଦିନୀ'ର ପରିଚାଳନା କର୍ଣ୍ଣାଟକ କୋଅପରେଟିଭ୍ ମିଲ୍କ ପ୍ରଡ୍ୟୁସର ଫେଡେରେସନ ଲିମିଟେଡ୍ ଦ୍ୱାରା ପରିଚାଳିତ ହୋଇଥାଏ। କ୍ୟାବିନେଟ୍ ମଞ୍ଜୁରି ପରେ କର୍ଣ୍ଣାଟକ ମିଲ୍କ ଫେଡେରେସନର କ୍ଷୀର ମହଙ୍ଗା ହୋଇଯାଇଛି। ନନ୍ଦିନୀର ଟେନ୍ଡ ମିଲ୍କ ଏବେ ୪୬ ବଦଳରେ ୫୪ ଟଙ୍କାରେ ମିଳିବ। ପୂର୍ଣ୍ଣ କ୍ରିମ୍ ଏବଂ ଗାଈ କ୍ଷୀର ଏହି ହିସାବରେ ୮ଟଙ୍କା ବୃଦ୍ଧି କରାଯାଇଛି। ଏହି ବୃଦ୍ଧି ପୂର୍ବରୁ ଚାଷୀ ସଂଗଠନ ପକ୍ଷରୁ ସରକାରଙ୍କୁ ୧୦ ଟଙ୍କା ପ୍ରତି ଲିଟର ବଢ଼ାଇବାକୁ ଦାବି କରାଯାଇଥିଲା। ଚାଷୀମାନେ ସରକାରଙ୍କୁ କହିଛନ୍ତି, ଚାରା ଏବଂ ଗୋପାଳନ ଖର୍ଚ୍ଚ ବୃଦ୍ଧି କାରଣରୁ କ୍ଷତିର ସାମ୍ନା କରୁଛନ୍ତି। କର୍ଣ୍ଣାଟକରେ ନନ୍ଦିନୀ କ୍ଷୀର ସର୍ବାଧିକ ଲୋକପ୍ରିୟ। ଏହି ରାଜ୍ୟର ସବୁଠାରୁ ବଡ଼ ଦୁଗ୍ଧ ବ୍ରାଣ୍ଡ। ସରକାରଙ୍କ ତରଫରୁ କରାଯାଇଥିବା ବୃଦ୍ଧି ପରେ ନୀଳ ପ୍ୟାକେଟ ବ୍ରାଣ୍ଡ 'କ୍ଷୀର'ର ଦର ୪୬ରୁ ୫୪ ଟଙ୍କା ପ୍ରତି ଲିଟର ହୋଇଛି।

ଭୂକମ୍ପରେ ଥରିଲା ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ

ନୂଆଦିଲ୍ଲୀ, ୨୯।୧୦: ଗୁରୁବାର ଅପରାହ୍ନରେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ନିକଟରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ରିପୋର୍ଟ ଅନୁଯାୟୀ, ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୫.୧ ଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ଆଣ୍ଡାମାନ ଦ୍ୱୀପପୁଞ୍ଜର ବାମ୍ବୋ ଫ୍ଲାଟ୍ସର ପ୍ରାୟ ୨୧୮ କିଲୋମିଟର ଉତ୍ତର-ଉତ୍ତରପଶ୍ଚିମରେ ଅବସ୍ଥିତ। ସୂଚନା ଅନୁଯାୟୀ, ଅପରାହ୍ନ ୩ଟା ସମୟରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା। ୫.୧ ତୀବ୍ରତାର ଏହା ମଧ୍ୟମରୁ ଶକ୍ତିଶାଳୀ ବର୍ଗରେ ଅନ୍ତର୍ଭୁକ୍ତ, ଯାହା ଆଖପାଖ ସମୁଦ୍ର ଏବଂ ଦ୍ୱୀପପୁଞ୍ଜ ଅଞ୍ଚଳରେ ଭୂକମ୍ପ ସୃଷ୍ଟି କରିଥାଏ। ପ୍ରାରମ୍ଭିକ ରିପୋର୍ଟରେ କୌଣସି ବଡ଼ କ୍ଷୟକ୍ଷତି କିମ୍ବା ଜୀବନ, ସମ୍ପତ୍ତିର କ୍ଷତି ହୋଇନାହିଁ ବୋଲି ସୂଚନା ମିଳିଛି।

ଆମେରିକାର ପରମାଣୁ କେନ୍ଦ୍ରରେ ନିଆଁ, ଜରୁରୀକାଳୀନ ସ୍ଥିତି

ୱାଶିଂଟନ, ୨୯।୧୦: ଆମେରିକାର ପରମାଣୁ କେନ୍ଦ୍ରରେ ଅଗ୍ନିକାଣ୍ଡକୁ ନେଇ ହଇଚଇ । ଦକ୍ଷିଣ କାରୋଲିନାରେ ଥିବା ସାଭାନା ରିଭର ଜାତୀୟ ପରୀକ୍ଷାଗାରରେ ନିଆଁ ଲାଗିବା ପରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଘଟଣା ପରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ପରୀକ୍ଷାଗାରର ପ୍ରବେଶ ପଥଗୁଡ଼ିକୁ ବନ୍ଦ କରିଦିଆଯାଇଛି । ତେବେ ଆଶ୍ୱସ୍ତିର କଥା ହେଉଛି, ପ୍ରଭାବିତ କୋଠା ବାହାରକୁ ରେଡିଓଆକ୍ଟିଭ୍ ବା ତେଜସ୍କ୍ରିୟ ପଦାର୍ଥ ବ୍ୟାପିଥିବାର କୌଣସି ରିପୋର୍ଟ ମିଳିନାହିଁ। ସୂଚନା ଅନୁଯାୟୀ, ଆଇକେନ୍ ସହର ନିକଟରେ ଥିବା ସାଭାନା ରିଭର ସାଇଟ୍ କମ୍ପ୍ଲେକ୍ସର ଏକ ପରୀକ୍ଷାଗାରରେ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ତୁରନ୍ତ ଜରୁରୀକାଳୀନ ଟିମ୍ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ଦୁଇ ଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିବା ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପଟେ, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପରୀକ୍ଷାଗାରକୁ ପ୍ରବେଶ ଓ ବାହାରକୁ ଯିବା ଉପରେ କଟକଣା ଲଗାଯାଇଛି। ଏହା ସହ ପରିସର ଚାରିପାଖରେ ରେଳ, ନଦୀ ଓ ବିମାନ ଚଳାଚଳକୁ ମଧ୍ୟ ସୀମିତ କରାଯାଇଛି। ସ୍ଥାନୀୟ ଲୋକଙ୍କୁ ରେଡିଓ ଓ ଟେଲିଭିଜନ ମାଧ୍ୟମରେ ଜାରି ହେଉଥିବା ସୂଚନା ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ତେବେ କାହିଁକି ଏହି ପରୀକ୍ଷାଗାରକୁ ନେଇ ଏତେ ଚିନ୍ତା ସାଭାନା ରିଭର ସାଇଟ୍ ଆମେରିକାର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର। ୭୫ ବର୍ଷରୁ ଅଧିକ ସମୟ ଧରି ଏହା ଆମେରିକାର ରଣନୈତିକ ସୁରକ୍ଷା ମିଶନକୁ ସମର୍ଥନ କରିଆସୁଛି।

ବାଣ ଫୁଟାଇବା କଟକଣା ଉପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଜନସଚେତନତା ପାଇଁ ବିରାଟ କୋହଲିଙ୍କୁ କରନ୍ତୁ ସାମିଲ

ନୂଆଦିଲ୍ଲୀ, ୨୯।୧୦: ଦିଲ୍ଲୀ ଓ ଏନସିଆରରେ ଦୀପାବଳି ବାଣଫୁଟା କଟକଣା ଲଗାଇବା ପାଇଁ ରୁଜୁ ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ଗୁରୁବାର ତାଙ୍କ ନିଷ୍ପତ୍ତି ସଂରକ୍ଷିତ ରଖିଛନ୍ତି। ତଥାପି କୋର୍ଟ ମୌଖିକ ଭାବେ କହିଛନ୍ତି ଯେ ସେ ଦିଲ୍ଲୀ-ଏନସିଆରରେ ବାଣଫୁଟା ସମ୍ପୂର୍ଣ୍ଣ ନିଷେଧ ସପକ୍ଷରେ ନୁହନ୍ତି। କାରଣ ଏହାର ଦୂରଗାମୀ ପ୍ରଭାବ ପଡିପାରେ। ତେବେ କୋର୍ଟ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି ଯେ ଏପରି ପରିସ୍ଥିତି ସୃଷ୍ଟି ନ ହେଉ ଯେପରି କୋର୍ଟଙ୍କୁ କୌଣସି ପଦକ୍ଷେପ ନେବାକୁ ପଡେ। ଏହା ସହିତ ବିରାଟ କୋହଲୀଙ୍କ ଭଳି ଚର୍ଚ୍ଚିତ ମୁହଁଙ୍କୁ ଜନସଚେତନତା ସହ ଯୋଡିବା କଥା ମଧ୍ୟ କହିଛନ୍ତି। ଶୁଣାଣି କାଳରେ ବେଞ୍ଚ ଜୋର ଦେଇ କହିଛନ୍ତି ଯେ ଯଦି ଆଦେଶକୁ କାର୍ଯ୍ୟକାରୀ କରାନଗଲା, ତେବେ ଏହି ଆଦେଶ କେବଳ 'ପରିହାସ' ହୋଇ ରହିଯିବ। ତେବେ କୋର୍ଟ କେନ୍ଦ୍ର ସରକାରଙ୍କୁ ବାଣ ଫୁଟାଇବା ଉପରେ ନିଷେଧ ଜାରି କରିବା ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ସେହିପରି ପ୍ରଦୂଷଣ ମୁକ୍ତ ଦୀପାବଳି ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କ୍ରିଡାବିତ ଓ ସମାଜର ଅନ୍ୟ ସମ୍ମାନୀତ ସଦସ୍ୟଙ୍କ ସାହାଯ୍ୟ ନେବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଶୁଣାଣି କାଳରେ ସୁପ୍ରିମକୋର୍ଟ ଜାତୀୟ ରଜାଧାନୀରେ ବଢୁଥିବା ପ୍ରଦୂଷଣକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। କହିଛନ୍ତି ଯେ ଏହି ସମସ୍ୟାର ମୁକାବିଲା ନିମନ୍ତେ ଉଚ୍ଚସ୍ତରରେ କାମ କରିବାକୁ ପଡିବ। କାରଣ ଆମକୁ ପ୍ରତିବର୍ଷ ଏହି ପ୍ରସଙ୍ଗରେ ଆଦେଶ ଜାରି କରିବାକୁ ପଡୁଛି। କୋର୍ଟ କହିଛନ୍ତି ଯେ ଏହି ମାମଲା ଏବେ କୋର୍ଟ ଲାଗି ଏକ ପ୍ରକାରର ଏକାଡେମିକ ପାଲଟିଯାଇଛି। ସୁପ୍ରିମକୋର୍ଟ କହିଛନ୍ତି ଯେ ତାଙ୍କ ଆଦେଶର ପାଳନ କମ ଓ ଉଲ୍ଲଂଘନ ଅଧିକ ହେଉଛି। ଏଣୁ କେବଳ କଟକଣା ଲଗାଇ ସମସ୍ୟାର ସ୍ଥାୟୀ ସମାଧାନ ବାହାର କରାଯାଇ ପାରିବନି। କୋର୍ଟ କହିଛନ୍ତି ଯେ ସରକାର ଓ ଏଜେନ୍ସୀଙ୍କୁ କିଛି ନୂଆ ତଥା ଇନୋଭେସନ ଆଧାରିତ ଉପାୟ କରିବା ଆବଶ୍ୟକ। ନୂଆ ପୀଢୀଙ୍କୁ ପ୍ରଦୂଷଣର ଖରାପ ପ୍ରଭାବ ପ୍ରତି ସଚେତନ କରିବାର ଆବଶ୍ୟକତା ରହିଛି। ଏଥି ପାଇଁ କୋର୍ଟ ପରାମର୍ଶ ଦେଇଛନ୍ତି ଯେ ବିରାଟ କୋହଲୀଙ୍କ ଭଳି ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କୁ ଜନସଚେତନତା କାର୍ଯ୍ୟକ୍ରମରେ ସଂଯୁକ୍ତ କରାଯାଇ ପାରିବ। ଏହା ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ ଯେ ଆତଶବାଜୀ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇଲେ ଲୋକଙ୍କ ଭାବନା ଉପରେ ପ୍ରଭାବ ପଡିପାରେ। ହେଲେ ଯଦି ସାରା ଦିନ ବାଣ ଫୁଟାଇବାକୁ ସ୍ୱାଧୀନତା ଦେଇ ଦିଆଯିବ ତେବେ ଏହାର ଖରାପ ପ୍ରଭାବ ପିଲା ଓ ବୟସ୍କଙ୍କ ସମେତ ସବୁ ଜୀବିତ ପ୍ରାଣୀଙ୍କ ଉପରେ ପଡିବ। ସୁପ୍ରିମକୋର୍ଟ ବେରିୟମ ଭଳି ରସାୟନ ଯୁକ୍ତ ବାଣକୁ ଖୋଲା ପଡିଆରେ ପରୀକ୍ଷଣ କରିବାକୁ ସମୟ ମଧ୍ୟ ଦେଇଛନ୍ତି। ମାମଲାର ଶୁଣାଣି କରି ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ଏମ.ଏମ. ସୁନ୍ଦରେଶ୍ ଓ ଜଷ୍ଟିସ୍ ପି.ବି.ବରାଲେ ମୌଖିକ ଟିପ୍ପଣୀ କରି କହିଛନ୍ତି ଯେ 'ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ପ୍ରସିଦ୍ଧ ବ୍ୟକ୍ତି ଯେପରି ଖେଳାଳି ଓ ସମାଜର ଅନ୍ୟ ସମ୍ମାନୀତ ଲୋକଙ୍କ ସହାୟତା କାହିଁକି ନେଉ ନାହାନ୍ତି ?'

ଭାରତକୁ ଘାଇଲା କରିବ ଏଲନିନୋ

ମାର୍ଚ୍ଚ ସୁଦ୍ଧା ଯାଇପାରେ ୫୫ହଜାର ଲୋକଙ୍କ ଜୀବନ

ନୂଆଦିଲ୍ଲୀ, ୨୯।୧୦: ଆଗାମୀ ମାସଗୁଡ଼ିକରେ ପ୍ରବଳ ଗ୍ରୀଷ୍ମପ୍ରବାହ ଭାରତ ପାଇଁ ବଡ଼ ବିପଦ ସୃଷ୍ଟି କରିପାରେ। ଏଲ୍ ନିନୋର ପ୍ରଭାବରେ ଆସନ୍ତା ମାର୍ଚ୍ଚ ସୁଦ୍ଧା ଭାରତରେ ପ୍ରାୟ ୫୫ ହଜାର ଅତିରିକ୍ତ ତାପଜନିତ ମୃତ୍ୟୁ ଘଟିପାରେ ବୋଲି ଏକ ନୂଆ ଗବେଷଣାଭିତ୍ତିକ ଆକଳନରୁ ଜଣାପଡ଼ିଛି। ଜଳବାୟୁ ପ୍ରଭାବ ଅଧ୍ୟୟନ ସଂସ୍ଥାର ଏହି ଆକଳନ ଆଗାମୀ ଦିନରେ ଭୟଙ୍କର ଗରମର ମୁକାବିଲା ପାଇଁ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛି। ଏଲ୍ ନିନୋ ହେଉଛି ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଭାଗରେ ସମୁଦ୍ର ଜଳର ତାପମାତ୍ରା ବଢ଼ିବା ସହ ଜଡ଼ିତ ଏକ ପ୍ରାକୃତିକ ଜଳବାୟୁ ପ୍ରକ୍ରିୟା। ଏହା ପବନର ଗତି, ବର୍ଷା ଓ ବିଶ୍ୱର ତାପମାତ୍ରାକୁ ପ୍ରଭାବିତ କରେ। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ପ୍ରଶାନ୍ତ ମହାସାଗରର ତାପମାତ୍ରାରେ ସ୍ୱାଭାବିକଠାରୁ ୩.୦୮ ଡିଗ୍ରି ସେଲସିୟସ୍ ବୃଦ୍ଧି ରେକର୍ଡ କରାଯାଇଛି। ଆକଳନ ଅନୁଯାୟୀ, ଅକ୍ଟୋବରରୁ ଆସନ୍ତା ମାର୍ଚ୍ଚ ମଧ୍ୟରେ ସାରା ବିଶ୍ୱରେ ପ୍ରାୟ ୩ ଲକ୍ଷ ୭୩ ହଜାର ଅତିରିକ୍ତ ତାପଜନିତ ମୃତ୍ୟୁ ହୋଇପାରେ। ନାଇଜେରିଆରେ ପ୍ରାୟ ୫୬ ହଜାର ଓ ଇଣ୍ଡୋନେସିଆରେ ୨୯ ହଜାର ମୃତ୍ୟୁର ଆଶଙ୍କା ରହିଛି।

ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ: ୧୦ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ, ୨୯।୧୦: ପାକିସ୍ତାନର ସିନ୍ଧ ପ୍ରଦେଶର ଥରପାରକର ଜିଲ୍ଲାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭୟଙ୍କର ଦୁର୍ଘଟଣା ଘଟିଛି । ପାର୍କିଂରେ ଥିବା ଏକ ଆମ୍ବୁଲାନ୍ସରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ ହେବା ପରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ଜଣେ ଗର୍ଭବତୀଙ୍କ ସମେତ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ଉଦ୍ଧାରକାରୀ ଅଧିକାରୀଙ୍କ ସୂଚନା ଅନୁସାରେ, ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଉନ୍ନତ ଚିକିତ୍ସା ପାଇଁ କରାଚୀର ଏକ ହସ୍ପିଟାଲକୁ ନିଆଯାଉଥିଲା। ତେବେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ, ପିପୁଲ୍ସ ପ୍ରାଇମେରୀ ହେଲଥକେୟାର ଇନିସିଏଟିଭ୍ ଦ୍ୱାରା ପରିଚାଳିତ ଏକ ଆମ୍ବୁଲାନ୍ସରେ ଏହି ଦୁର୍ଘଟଣା ଘଟିଛି। ସ୍ୱାସ୍ଥ୍ୟକର୍ମୀ ଏବଂ ଆମ୍ବୁଲାନ୍ସ କର୍ମଚାରୀମାନେ ଗାଡ଼ିରେ ଥିବା ଅକ୍ସିଜେନ୍ ସିଲିଣ୍ଡର ବଦଳାଉଥିବା ସମୟରେ ହଠାତ୍ ସିଲିଣ୍ଡରଟି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ପରେ ଆମ୍ବୁଲାନ୍ସରେ ନିଆଁ ଲାଗିଯାଇଥିଲା। ଫଳରେ ଆମ୍ବୁଲାନ୍ସ ନିକଟରେ ଥିବା କର୍ମଚାରୀ ଓ ଅନ୍ୟ ଲୋକେ ନିଆଁରେ ପୋଡ଼ି ଯାଇଥିଲେ। ଏହି ଅଗ୍ନିକାଣ୍ଡରେ ମୋଟ ୧୦ ଜଣଙ୍କ ଜୀବନ ଯାଇଥିବା ଜଣାପଡ଼ିଛି।

ଭଡ଼ା ଘରେ ୩ ଭାଇଭଉଣୀଙ୍କ ଆତ୍ମହତ୍ୟା

ମୁମ୍ବାଇ, ୨୯।୧୦: ମୁମ୍ବାଇ ବିରାର ଅଞ୍ଚଳର ଗ୍ଲୋବାଲ୍ ସିଟିରେ ଏକ ଭଡ଼ା ଘରୁ ୩ ଭାଇଭଉଣୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ବୟସ ୫୨, ୫୦ ଓ ୪୮ ବର୍ଷ । ସେମାନଙ୍କ ମଧ୍ୟରୁ ଜଣେ ପକ୍ଷାଘାତରେ ପୀଡ଼ିତ ଥିବାବେଳେ ଅନ୍ୟ ଜଣେ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ଆର୍ଥିକ ସଙ୍କଟ ଓ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ସେମାନେ ଏଭଳି ପଦକ୍ଷେପ ନେଇଥିବା ପୋଲିସ କହିଛି। ପୋଲିସର ସୂଚନା ଅନୁଯାୟୀ, ଦୁଇ ଭାଇ ଓ ସେମାନଙ୍କ ଭଉଣୀ ୨୦୨୫ରୁ ଉକ୍ତ ଭଡ଼ା ଘରେ ରହୁଥିଲେ। ଘର ଭିତରୁ ପଚା ଗନ୍ଧ ବାହାରିବାରୁ ପଡ଼ୋଶୀମାନେ ପୁଲିସକୁ ଖବର ଦେଇଥିଲେ। ସୂଚନା ପାଇ ବୋଲିଞ୍ଜ ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ତିନିଟି ଗଳିତ ମୃତଦେହ ଉଦ୍ଧାର କରିଥିଲା। ସେମାନଙ୍କ ମୃତ୍ୟୁ ୪ରୁ ୫ ଦିନ ପୂର୍ବରୁ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।

ଆନ୍ଦୋଳନ ସମୟରେ ହିଂସା କଲେ ମିଳିବନି ସରକାରୀ ଚାକିରି

ଲକ୍ଷ୍ନୌ, ୨୯।୧୦: ବିଗତ କିଛି ମାସ ହେଲା ଦେଶବ୍ୟାପୀ ଭିନ୍ନଭିନ୍ନ ସ୍ଥାନରେ ବିରୋଧ ପ୍ରଦର୍ଶନ କରାଯାଇଛି। କିଛି ସ୍ଥାନରେ ତୀବ୍ର ଆନ୍ଦୋଳନ ମଧ୍ୟ ଦେଖାଯାଇଛି। ଏଥିରେ ଛାତ୍ରଛାତ୍ରୀ ଏବଂ ସରକାରୀ ଚାକିରି ପାଇଁ ପ୍ରସ୍ତୁତ ହେଉଥିବା ପ୍ରାର୍ଥୀମାନେ ମଧ୍ୟ ସାମିଲ ହେଉଛନ୍ତି। ତେବେ ଏଭଳି ସ୍ଥିତିରେ ଉତ୍ତରପ୍ରଦେଶ ସରକାର ରାଜ୍ୟରେ ସରକାରୀ ଚାକିରି ପାଇଁ ଚରିତ୍ର ଯାଞ୍ଚ ନିୟମରେ ପରିବର୍ତ୍ତନ କରାଯାଇଛି। ଏହି ନିୟମ ଅନୁଯାୟୀ ଯଦି କୌଣସି ବ୍ୟକ୍ତି ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ରାଜରାସ୍ତାରେ ହିଂସା ସହିତ ଜଡ଼ିତ ରୁହନ୍ତି, ତାଙ୍କୁ ସରକାରୀ ଚାକିରି ମିଳିବ ନାହିଁ। ଏହି ଭଳି ପ୍ରାର୍ଥୀଙ୍କ ପାଇଁ ଯୋଗୀ ସରକାର ଚାକିରି ରାସ୍ତା ବନ୍ଦ କରିଦେଇଛନ୍ତି। ଏହି ନିୟମ ନେଇ ଉତ୍ତରପ୍ରଦେଶ ସରକାର ପ୍ରମୁଖ ଶାସନ ସଚିବ ଏମ୍ ଦେବରାଜ ସୂଚନା ଦେଇଛନ୍ତି। ସରକାର କହିଛନ୍ତି ଯେ, ଯେକୌଣସି ନିଯୁକ୍ତି ପ୍ରକ୍ରିୟା ହେଉ, ଏଥିରେ ଲିଖିତ ପରୀକ୍ଷା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଚରିତ୍ର ଯାଞ୍ଚକୁ ଗୁରୁତ୍ୱ ମନେ କରାଯିବ। ରାଜ୍ୟ ସରକାର ଏଥିରେ ପରିବର୍ତ୍ତନ ଆଣିଛନ୍ତି। ହିଂସା କାର୍ଯ୍ୟରେ ସଂପୃକ୍ତ ରହୁଥିବା ସଂଗଠନ ସହିତ ଜଡ଼ିତ ଥିବା ବ୍ୟକ୍ତିମାନଙ୍କୁ ସରକାରୀ ଚାକିରି ମିଳିପାରିବ ନାହିଁ। ଏହି ଭଳି ବ୍ୟକ୍ତିମାନଙ୍କୁ ସରକାରୀ ଚାକିରି ପାଇଁ ଅଯୋଗ୍ୟ ଘୋଷଣା କରିଦିଆଯିବ। ୨୧ ବର୍ଷ ବୟସ ପୂରା କରିବା ପରେ ଏବଂ ଯାଞ୍ଚ ତାରିଖ ଠାରୁ ୩ ବର୍ଷ ଭିତରେ କୌଣସି ଏଭଳି ଗତିବିଧିରେ ଅଂଶଗ୍ରହଣକୁ ପ୍ରମାଣ ଭାବେ ଗ୍ରହଣ କରାଯିବ।

ମଣିପୁରରେ ଥମୁନି ହିଂସା

କୁକି ଗଡ଼ରେ ବନ୍ଦୀ ଅଛନ୍ତି ୧୪୭ ନାଗା ନାଗରିକ

ନୂଆଦିଲ୍ଲୀ, ୨୯।୧୦: ମଣିପୁରରେ ଜାତିଗତ ହିଂସା ଥମିବାର ନାଁ ନେଉନାହିଁ। ମେଇତେଇ-କୁକି ସଂଘର୍ଷ ପରେ ଏବେ ନାଗା ଓ କୁକି ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ସ୍ଥିତିକୁ ଆହୁରି ଜଟିଳ କରିଛି । କାଙ୍ଗପୋକପି ଜିଲ୍ଲାର କୋନସାଖୁଲ୍ ଗ୍ରାମରେ ୧୪୭ ଜଣ ନାଗା ନାଗରିକ ଗତ ପାଞ୍ଚ ମାସ ଧରି ଏକପ୍ରକାର ବନ୍ଦୀ ଜୀବନ ବିତାଉଛନ୍ତି । ଗାଁରୁ ବାହାରିବା ପାଇଁ ଥିବା ଏକମାତ୍ର ରାସ୍ତା କୁକି ବହୁଳ ଅଞ୍ଚଳ ଦେଇ ଯାଇଥିବାରୁ ଆକ୍ରମଣ ଓ ଅପହରଣ ଭୟରେ ସେମାନେ ବାହାରକୁ ଯାଇପାରୁନାହାନ୍ତି । ଗତ ମେ' ୧୩ ତାରିଖରେ ଏହି ଗ୍ରାମର ୨୦ ଜଣ ନାଗା ନାଗରିକଙ୍କୁ ନିକଟସ୍ଥ ଲୋଇଲନ୍ ଭାଇଫେଇ ଗ୍ରାମର କିଛି କୁକି ଗ୍ରାମବାସୀ ଅପହରଣ କରି ଉଗ୍ରପନ୍ଥୀଙ୍କ ହାତରେ ଦେଇଥିବା ଅଭିଯୋଗ ହୋଇଥିଲା। ଏହା ପରେ ଜୁନ୍ ୧୦ ତାରିଖରେ ସୁରକ୍ଷା ବାହିନୀ ୬ ଜଣ ନାଗା ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏହି ଘଟଣା ପରଠାରୁ ଅଞ୍ଚଳରେ ଉତ୍ତେଜନା ବଢ଼ିଛି। ଗ୍ରାମରେ ଥିବା ୭୬ଟି ପରିବାର ମଧ୍ୟରୁ ଅନେକ ପରିବାର ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି । ତେବେ ଜମି ଜବରଦଖଲ ଭୟରେ ପ୍ରାୟ ୪୬ଟି ପରିବାରର ୧୪୭ ଜଣ ଗ୍ରାମରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ଗ୍ରାମବାସୀଙ୍କୁ ଖାଦ୍ୟ, ଔଷଧ ଓ ଅନ୍ୟ ଜରୁରୀ ସାମଗ୍ରୀ ପହଞ୍ଚାଇବା ପାଇଁ ସିଆରପିଏଫ୍ ଯବାନ ନିୟୋଜିତ ହୋଇଛନ୍ତି । ସୁରକ୍ଷା ବାହିନୀର ବୁଲେଟପ୍ରୁଫ୍ ଗାଡ଼ି ଓ କ୍ୱିକ୍ ରେସ୍ପୋନ୍ସ ଟିମ ସୁରକ୍ଷା ମଧ୍ୟରେ ଗ୍ରାମବାସୀଙ୍କୁ ହସ୍ପିଟାଲ କିମ୍ବା ବିମାନବନ୍ଦରକୁ ଯିବାକୁ ପଡୁଛି। ଅନ୍ୟପଟେ, କୁକି ସଂଗଠନଗୁଡ଼ିକ ସୁରକ୍ଷା ବାହିନୀ ଉପରେ ପକ୍ଷପାତିତାର ଅଭିଯୋଗ ଆଣିଛନ୍ତି।

ଆତଙ୍କବାଦ ବିରୋଧୀ ସଂଗ୍ରାମରେ ଅଭିଜ୍ଞତା ବାଣ୍ଟିବାକୁ ଭାରତ ପ୍ରସ୍ତୁତ: ରାଜନାଥ



ନୂଆଦିଲ୍ଲୀ, ୨୯।୧୦: ଏସିଆନର ସଦସ୍ୟ ରାଷ୍ଟ୍ର ଓ ସେମାନଙ୍କର ଅଂଶୀଦାର ଦେଶଗୁଡ଼ିକୁ ଭାରତ ନିଜର ଆତଙ୍କବାଦ ବିରୋଧୀ ଅଭିଜ୍ଞତା ଓ କୌଶଳ ବାଣ୍ଟିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଫିଲିପାଇନ୍ସର ସେବୁ ଠାରେ ଆୟୋଜିତ ଏସିଆନ୍ ପ୍ରତିରକ୍ଷା ମନ୍ତ୍ରୀ ସମ୍ମିଳନୀ ପ୍ଲସ୍ (ଏଡିଏମଏମ୍-ପ୍ଲସ୍)କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ମିଳିତ ସାମରିକ ଅଭ୍ୟାସ, କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ ଏବଂ ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ ମାଧ୍ୟମରେ ଆତଙ୍କବାଦ ବିରୋଧୀ ମିଳିତ ଲଢ଼େଇକୁ ଆହୁରି ମଜବୁତ୍ କରାଯାଇପାରିବ। ଗତବର୍ଷ ଆରମ୍ଭ ହୋଇଥିବା ''ଅପରେସନ୍ ସିନ୍ଦୂର''ର ଉଦାହରଣ ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆତଙ୍କବାଦୀ ଭିତ୍ତିଭୂମିର ବିନାଶ କରି ଭାରତ ପ୍ରାୟୋଜିତ ଆତଙ୍କବାଦ ବିରୋଧରେ ନିଜର ଦୃଢ଼ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି। ଦଶନ୍ଧି ଦଶନ୍ଧି ଧରି ସୀମାପାର ଆତଙ୍କବାଦର ମୁକାବିଲା କରି ଭାରତ ନିଜର ଆତଙ୍କବାଦ ବିରୋଧୀ କ୍ଷମତାକୁ ଅଧିକ ଶାଣିତ ଓ ଯୁଦ୍ଧ-ପରୀକ୍ଷିତ କରିପାରିଛି। ଏହାସହ ଇଣ୍ଡୋ-ପ୍ୟାସିଫିକ୍ (ଭାରତ-ପ୍ରଶାନ୍ତ ମହାସାଗରୀୟ) ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ସ୍ଥିରତା ପାଇଁ ସମସ୍ତ ଦେଶର ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ସାମୁଦ୍ରିକ ବାଣିଜ୍ୟ ପଥ ପ୍ରତି ଥିବା ବିପଦକୁ ନେଇ ଚିନ୍ତା ପ୍ରକାଶ କରି ସେ କହିଛନ୍ତି ଯେ, କେବଳ ବକ୍ତବ୍ୟ ନୁହେଁ, ବରଂ ଜଳପଥ ସୁରକ୍ଷା ପାଇଁ ଆଠୋଟି ପ୍ରତ୍ୟକ୍ଷ ଓ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ଜରୁରୀ। ଭାରତ ମହାସାଗର ଓ ସମଗ୍ର ଇଣ୍ଡୋ-ପ୍ୟାସିଫିକ୍ ଅଞ୍ଚଳରେ ଭାରତ ସଦାସର୍ବଦା ଜଣେ ବିଶ୍ୱସନୀୟ ନେଟ୍ ସୁରକ୍ଷା ଦାତା ଭାବେ କାର୍ଯ୍ୟ ଜାରି ରଖିବ। ସାମୁଦ୍ରିକ ସୁରକ୍ଷା ଏବଂ ଅନ୍ତର୍ଜାତୀୟ ଆଇନ୍ ''ୟୁଏନସିଏଲଓଏସ୍'' ପ୍ରତି ଭାରତର ଅଙ୍ଗୀକାରବଦ୍ଧତା ଦୋହରାଇ ରାଜନାଥ କହିଛନ୍ତି ଯେ, ଜଳପଥରେ ଅବାଧ ଜାହାଜ ଚଳାଚଳ ଏବଂ ବିମାନ ଉଡ଼ାଣ ସ୍ୱାଧୀନତା ରହିବା ଆବଶ୍ୟକ।

ୟୁକ୍ରେନର ରେଳ ଷ୍ଟେସନରେ ରୁଷର ଡ୍ରୋନ୍ ଆକ୍ରମଣ: ୧୪ ମୃତ



ନୂଆଦିଲ୍ଲୀ, ୨୯।୧୦: ୟୁକ୍ରେନରେ ରୁଷର ଆକ୍ରମଣ ଥମିବାର ନାଁ ନେଉନାହିଁ । ଡନିପ୍ରୋ ରେଳ ଷ୍ଟେସନରେ ଏକ ଯାତ୍ରୀବାହୀ ଟ୍ରେନ୍ ଉପରେ ଭୟଙ୍କର ଡ୍ରୋନ୍ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି । ଘଟଣାକୁ ନେଇ ୟୁକ୍ରେନରେ ଶୋକ ଓ ଉତ୍ତେଜନା ଦେଖାଦେଇଛି । ୟୁକ୍ରେନୀୟ ରେଳବାଇ ପକ୍ଷରୁ ଟେଲିଗ୍ରାମରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଡନିପ୍ରୋରୁ ଜାପୋରିଜିଆ ଯିବାକୁ ଥିବା ୮୬୬ ନମ୍ବର ବିଶିଷ୍ଟ ଏକ ଇଲେକ୍ଟ୍ରିକ୍ ଯାତ୍ରୀବାହୀ ଟ୍ରେନ୍ ଷ୍ଟେସନର ପ୍ଲାଟଫର୍ମରେ ଛିଡ଼ା ହୋଇଥିଲା। ଏହି ସମୟରେ ରୁଷ ପକ୍ଷରୁ ଆସିଥିବା ଜେଟଚାଳିତ ଡ୍ରୋନ୍ ଟ୍ରେନକୁ ଧକ୍କା ଦେଇଥିଲା। ଫଳରେ ଷ୍ଟେସନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ଆକ୍ରମଣ ସମୟରେ ପ୍ଲାଟଫର୍ମରେ ଯାତ୍ରୀ ଉପସ୍ଥିତ ଥିବାରୁ ମୃତାହତଙ୍କ ସଂଖ୍ୟା ବଢ଼ିଥିବା ଜଣାପଡ଼ିଛି। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏହି ଆକ୍ରମଣକୁ ନେଇ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ସାଧାରଣ ନାଗରିକଙ୍କ ଉପରେ ଏଭଳି ଆକ୍ରମଣକୁ ସେ ନିନ୍ଦା କରିବା ସହ ଅନ୍ତର୍ଜାତୀୟ ସମୁଦାୟର ଦୃଢ଼ ପଦକ୍ଷେପ ଦାବି କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଜେଲେନସ୍କି ପ୍ରଶ୍ନ ଉଠାଇଛନ୍ତି ଯେ, ରୁଷର କେତେକ ଶକ୍ତି କ୍ଷେତ୍ର ଉପରୁ ପ୍ରତିବନ୍ଧକ ହଟାଯିବା ପରେ ମଧ୍ୟ ରୁଷ କାହିଁକି ନିଜର ଆକ୍ରମଣାତ୍ମକ ମନୋଭାବ ଜାରି ରଖିଛି । ଅନ୍ୟପକ୍ଷରେ, ଡନିପ୍ରୋର ମେୟର ବୋରିସ୍ ଫିଲାଟୋଭ୍ ଏହି ଘଟଣାକୁ ସହର ପାଇଁ ଏକ ବଡ଼ ଦୁଃଖଦ ଘଟଣା ବୋଲି କହିଛନ୍ତି ।

୩ହଜାର ୩୦୦ ଲିଟର ମଦ ଜବତ, ୩ ଗିରଫ

କଟକ(ନିପ୍ର): ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ ମତେ ଜିଲ୍ଲା ମୋବାଇଲ ୟୁନିଟ ପକ୍ଷରୁ ଚୌଦ୍ୱାର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପୃଥକ ପୃଥକ ସ୍ଥାନରୁ ମୋଟ ୩ ହଜାର ୩ ଶହ ଲିଟର ମଦ, ୨ଟି ମୋଟର ସାଇକେଲ, ୪ଟି ମୋବାଇଲ ଫୋନ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ୨ଲକ୍ଷ ୯୪ ହଜାର ଟଙ୍କା ବୋଲି ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଛି । ଚୌଦ୍ୱାର ଥାନା ଅନ୍ତର୍ଗତ ଚାରିଘରିଆ ନୃସିଂହ କଲେଜ ନିକଟରେ ଚଢ଼ାଉ କରାଯାଇ ଆଠଗଡ଼ ଥାନା ଅନ୍ତର୍ଗତ କାରିକୋଳର ରାହୁଲ କୁମାର ମଲ୍ଲିକ(୧୯)ଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୧୧୫୦ ଲିଟର ମଦ, ଟିଭିଏସ ଜୁପିଟର ସ୍କୁଟର ଓ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି । ସେହିପରି ଚୌଦ୍ୱାର ଓଟିଏମ କଲୋନୀରେ ଚଢ଼ାଉ କରାଯାଇ ଆଠଗଡ଼ ଥାନା ଅନ୍ତର୍ଗତ କାରିକୋଳର ଆଶିଷ ମଲ୍ଲିକ(୨୭)ଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ୧୧୨୦ ଲିଟର ମଦ, ଗୋଟିଏ ମୋଟର ସାଇକେଲ ଓ ୨ଟି ମୋବାଇଲ ଜବତ କରାଯାଇଛି । ଚୌଦ୍ୱାର ମୁଣ୍ଡମାଳ ଛକରେ ଚଢ଼ାଉ କରାଯାଇ ଆଠଗଡ଼ ଥାନା ଅନ୍ତର୍ଗତ କାରିକୋଳର ସମୀର ମଲ୍ଲିକ (୨୩)ଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ୧୧୦୦ ଲିଟର ମଦ ଓ ଗୋଟିଏ ମୋବାଇଲ ଜବତ କରାଯାଇଛି । ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅବକାରୀ ନିରୀକ୍ଷକ ଭକ୍ତ ବତ୍ସଳ ବର୍ମାଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଏସଆଇ ନିରୁପମା ସାହୁ, ଏଏସଆଇ ହରିହର ନାୟକଙ୍କ ସମେତ ଅଜୟ କୁମାର ଜେନା, ଦେବବ୍ରତ ଓଝା, ପ୍ରିୟତମା ରଥ, ଶଙ୍କର ସିଂହ, ଲକ୍ଷ୍ମଣ. ବେହେରା ସାମିଲ ହୋଇଥିଲେ।

ପାଇଖାନା ଟାଙ୍କି ସଫା କରୁଥିବା ବେଳେ ୩ ଗୁରୁତର

ସାଲେପୁର,(ନିପ୍ର): କଟକ ଜିଲ୍ଲା ସାଲେପୁର ବ୍ଲକ ଲୁଣାହାର ଗ୍ରାମରେ ପାଇଖାନା ଟାଙ୍କି ସଫା କରୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ତିନି ଜଣ ଗୁରୁତର ହୋଇପଡ଼ିଥିବା ଜଣାପଡ଼ିଛି। ସାଲେପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତିନି ଜଣଙ୍କୁ ଉଦ୍ଧାର କରିଥିଲା। ସୂଚନା ଅନୁଯାୟୀ, ଲୁଣାହାର ଗ୍ରାମରେ ଏକ ଘରୋଇ ପାଇଖାନା ଟାଙ୍କି ସଫା କରିବା ପାଇଁ ତିନି ଜଣ ଟାଙ୍କି ଭିତରକୁ ପଶିଥିଲେ। ଏହି ସମୟରେ ସେମାନେ ମଶାଧୂପ ବ୍ୟବହାର କରିଥିବାରୁ ଶ୍ୱାସରୁଦ୍ଧ ହୋଇ ଗୁରୁତର ହୋଇପଡ଼ିଥିବା କୁହାଯାଉଛି। ଖବର ପାଇ ସାଲେପୁର ଅଗ୍ନିଶମ ବାହିନୀ ପହଞ୍ଚି ତିନି ଜଣଙ୍କୁ ଉଦ୍ଧାର କରିଥିଲା। ଅଗ୍ନିଶମ କର୍ମଚାରୀଙ୍କ ଉଦ୍ୟମରେ ଦୁଇ ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟ ଜଣଙ୍କୁ ଚିକିତ୍ସା ପାଇଁ ସାଲେପୁର ମେଡିକାଲକୁ ନିଆଯାଇଥିଲା। ସେଠାରୁ ସୁସ୍ଥ ହୋଇ ସେ ଘରକୁ ଫେରିଥିବା ସୂଚନା ମିଳିଛି।

ବିଭିନ୍ନ ସ୍ଥାନରୁ ଦେଶୀ ଓ ବିଦେଶୀ ମଦ ଜବତ, ୪ ଗିରଫ

ଧାମନଗର,(ନିପ୍ର): ଧାମନଗର ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ କଡ଼ା ଚଢ଼ଉ କରାଯାଇ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ବିଭିନ୍ନ ଅଞ୍ଚଳରୁ ୪ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ନେଇ ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଅବକାରୀ ମାମଲା ନମ୍ବର ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ବାବାବୁରୀଗାଁର ଦୀପକ ଧଳଙ୍କ ଠାରୁ ୨୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଉତେଇପୁରରେ ତୋପାଇ ମାଝୀଙ୍କ ଠାରୁ ୫ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। କଣ୍ଟାପାରି ଗ୍ରାମର ସନାତନ ଜେନାଙ୍କ ଠାରୁ ୨୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଖଡ଼ିପଦାର ଗଣେଶ ଦାସଙ୍କ ଠାରୁ ୨.୪ ଲିଟର ଦେଶୀ ମଦ ଜବତ କରାଯାଇଛି। ବେଆଇନ ମଦ କାରବାର ବିରୋଧରେ ଅବକାରୀ ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନ ଆଗକୁ ମଧ୍ୟ ଜାରି ରହିବ ବୋଲି ଧାମନଗର ଅବକାରୀ ବିଭାଗର ଅଧିକାରିଣୀ ସୁମିତ୍ରା ହେମ୍ବ୍ରମ କହୁଛନ୍ତି। ଏହି ଚଢ଼ଉ ସମୟରେ ଅବକାରୀ ଥାନାର ଏ ଏସ ଆ ଇ ଦୁର୍ଯ୍ୟୋଧନ ବେହେରା, କର୍ମଚାରି ସନ୍ଧ୍ୟାରାଣୀ ସେନାପତି, ସୂର୍ଯ୍ୟକାନ୍ତ ଟିସ୍କୋ ପ୍ରମୁଖ ଉପସ୍ଥିତ ଥିଲେ।

ବିବାଦ ବିସ୍ଫୋରକ ରୂପ ଧାରଣ କରୁଛି !

ନୟାଗଡ(ଓଡଗାଁ) ଆଦର୍ଶ ଥାନାର ଦେଓଗାଁ – ଭାଲିଆଡ଼ିହି ରାସ୍ତା ର ବିବାଦ ଦିନକୁ ଦିନ ବିସ୍ଫୋରକ ରୂପ ଧାରଣ କରୁଛି । ରାସ୍ତା ନିର୍ମାଣ ପାଇଁ ଦେଓଗାଁ ବାସିନ୍ଦା ନୟାଗଡ଼ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଅହୋରତ୍ର ଧାରଣା ଦେବାର ୨୫ଦିନ ବିତିବାକୁ ବସିଥିବା ବେଳେ ସେପଟ ନୂଆ ରାସ୍ତାକୁ ଭାଲିଆଡ଼ିହି ଗ୍ରାମବାସୀ ଖୋଲାଖୋଲି ବିରୋଧ କରି ପ୍ରଶାସନକୁ ଖୋଲା ଚାଲେଞ୍ଜ ଦେଇଛନ୍ତି । ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ୧୬୩ଧାରା ଜାରି ହୋଇଥିଲାବେଳେ ପ୍ରଶାସନ ପୋତିଥିବା ନାଲି ପତାକା କୁ ଉପାଡି ଫୋପାଡ଼ି ଦିଆଯାଇଛି । ପ୍ରଶାସନ ନିଷେଧାଜ୍ଞା ଜାରି କରି ଫେରିବା ପରେ ଭାଲିଆଡ଼ିହି ବାସିନ୍ଦା ବୈଠକ କରି ଏଭଳି ପଦକ୍ଷେପ ନେଇଥିବା ଅଭିଯୋଗ ଉଠିଥିବା କୁହାଯାଇଛି।

ସ୍ୱାମୀଙ୍କ ମୃତ୍ୟୁର ନବମ ଦିନରେ ସ୍ତ୍ରୀଙ୍କ ମୃତ୍ୟୁ

ଭାପୁର,(ନିପ୍ର): ସ୍ୱାମୀଙ୍କ ମୃତ୍ୟୁର ନବମ ଦିନରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭାବନୀୟ ଦୁଃଖଦ ଘଟଣା ଭାପୁର ବ୍ଲକ ଅଞ୍ଚଳରେ ଘଟିଯାଇଛି। ସ୍ୱାମୀ ଓ ସ୍ତ୍ରୀ ଦୁହେଁ ଡକାଡକି ହୋଇ ଆରପାରିକୁ ଚାଲିଗଲା ପରେ ପରିବାର ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଘଟଣାରୁ ପ୍ରକାଶ,ଗୋଳାପୋଖରୀ ଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ତଥା କରବର ଗ୍ରାମର ପ୍ରବୋଧ କୁମାର ସାହୁ (୮୦) ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଗତ ୨୧ ତାରିଖ ଦିନ ମୃତ୍ୟୁବରଣ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ସ୍ତ୍ରୀ ଅନୁସ୍ୱୟା ସାହୁ (୭୫) ଶଯ୍ୟାଶାୟୀ ହୋଇପଡିଥିଲେ। ପୁଅ ପ୍ରଦ୍ୟୁମ୍ନ କୁମାର ସାହୁ ମାଆଙ୍କୁ ନିକଟ କଳାପଥର ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେପରେ ଭୁବନେଶ୍ୱରସ୍ଥ ଉତ୍କଳ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ମେଡିକାଲ କର୍ତ୍ତୃପକ୍ଷ ଆଇ.ସି.ୟୁ. ରେ ରଖିଥିଲେ କିନ୍ତୁ,ଗୁରୁବାର ସକାଳ ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ପ୍ରକାଶ। ତାଙ୍କର ମରଶରୀର ପୁରୀ ସ୍ୱର୍ଗଦ୍ୱାର ରେ ଅନ୍ତିମ ସଂସ୍କାର କରାଯାଇଥିବାବେଳେ ପୁଅ ପ୍ରଦ୍ୟୁମ୍ନ ମୁଖାଗ୍ନି ଦେଇଥିଲେ।

କୋଟିଆ: ଆନ୍ଧ୍ର ନିର୍ବାଚନକୁ ନେଇ ରଣନୀତି

ଲୋକଙ୍କୁ ପ୍ରଲୋଭିତ କଲେ ଗିରଫ କରାଯାଇପାରେ

ଜୟପୁର,(ନିପ୍ର): କୋଟିଆକୁ ନେଇ ପୁଣି ତତ୍ପର ହୋଇଛି କୋରାପୁଟ ଜିଲ୍ଲା ପ୍ରଶାସନ। ଆସନ୍ତା ୫ ତାରିଖରେ କୋଟିଆ ଅଞ୍ଚଳରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ହେବାକୁ ଥିବା ନିର୍ବାଚନକୁ ନେଇ ଗୁରୁବାର ଅନୁଷ୍ଠିତ ହୋଇଛି ସର୍ବଦଳୀୟ ବୈଠକ। କୋଟିଆର ସୁରକ୍ଷା, ଆନ୍ଧ୍ରର ନିର୍ବାଚନକୁ ମୁକାବିଲା କରିବା ସହ ଅଞ୍ଚଳର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ନେଇ ହୋଇଛି ଆଲୋଚନା। ସମସ୍ତ ରାଜନୈତିକ ଦଳ ଓ ଜିଲ୍ଲା ପ୍ରଶାସନ ଏକାଠି ହୋଇ କୋଟିଆର ସ୍ୱାର୍ଥ ରକ୍ଷା ଏବଂ ବିକାଶ ପାଇଁ ମିଳିତ ରଣନୀତି ଉପରେ ଗୁରୁତ୍ୱ ଦେଇଛନ୍ତି।କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ବିବାଦ ପୁଣି ତେଜିଥିବା ବେଳେ ସଜାଗ ହୋଇଛି କୋରାପୁଟ ଜିଲ୍ଲା ପ୍ରଶାସନ। ସର୍ବଦଳୀୟ ବୈଠକ ଶେଷ ପରେ ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆ ଅଞ୍ଚଳରେ ନିର୍ବାଚନ ପରିଚାଳନା ଉଦ୍ୟମ ଉପରେ କୋରାପୁଟ ଜିଲ୍ଲାପାଳ କହିଛନ୍ତି ଯେ, ଏହା ବିରୋଧରେ ପ୍ରଶାସନ ସୁପ୍ରିମକୋର୍ଟରେ କଣ୍ଟେମ୍ପ୍ଟ (ଅଦାଲତ ଅବମାନନା) ମାମଲା ଦାୟର କରିଛି ଏବଂ ବେଆଇନ ଅନୁପ୍ରବେଶ ରୋକିବା ପାଇଁ ୧୬୩ ଧାରା ଲାଗୁ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଲୋକଙ୍କୁ ପ୍ରଲୋଭିତ କରୁଥିବା ତଥା ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ବିଏନ୍ଏସ୍‌ର ବିଭିନ୍ନ ଧାରା ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଆବଶ୍ୟକ ପଡ଼ିଲେ ଗିରଫ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପାଟୁସିନେରୀ, ଫଗୁଣସିନେରୀ ଓ ନେରେଡିବାଲାସା ଭଳି ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୋଲିସର ଅସ୍ଥାୟୀ ପୋଷ୍ଟ ସ୍ଥାପନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଏହା ସହିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ କ୍ଷେତ୍ର ପରିଦର୍ଶନ କରି ଲୋକଙ୍କ ମତାମତ ବୁଝୁଛନ୍ତି ଏବଂ ବିକାଶମୂଳକ ଯୋଜନା ଉପରେ ଗୁରୁତ୍ୱ ଦେଇ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ନିରନ୍ତର ପ୍ରୟାସ ଜାରି ରଖିଛି।

ଆନ୍ଧ୍ରରେ ଭୋଟ ଦେବାକୁ ଗ୍ରାମବାସୀଙ୍କ ଆଗ୍ରହ !

ମାଲକାନଗିରି, (ନିପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳର ସୀମାନ୍ତ ଗାଁ ଜୁମଡାଙ୍ଗରେ ଆନ୍ଧ୍ରପ୍ରଦେଶର ପ୍ରଭାବକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଗ୍ରାମର କିଛି ଲୋକ ଆନ୍ଧ୍ରପ୍ରଦେଶ ପକ୍ଷରୁ ମିଳୁଥିବା ବିଭିନ୍ନ ସୁବିଧାରେ ସନ୍ତୋଷ ପ୍ରକାଶ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ସେଠାରେ ଭୋଟ ଦେବାକୁ ଆଗ୍ରହୀ ଥିବା ଚର୍ଚ୍ଚା ହେଉଛି। ଗ୍ରାମରେ ତେଲୁଗୁ ଭାଷାରେ ପୋଷ୍ଟର ଲାଗିଥିବା ନେଇ ମଧ୍ୟ ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ଧରି ଆନ୍ଧ୍ରପ୍ରଦେଶ ପକ୍ଷରୁ ଗ୍ରାମରେ ପାନୀୟଜଳ, ଆବାସ ଗୃହ, ଅସ୍ଥାୟୀ ବିଦ୍ୟାଳୟ ଓ ଅଙ୍ଗନବାଡ଼ି ଭଳି ବିଭିନ୍ନ ସୁବିଧା ଯୋଗାଇ ଦିଆଯାଉଛି। ଗ୍ରାମରେ ରାଜ୍ୟ ସରକାରଙ୍କ ସ୍ଥାୟୀ ବିଦ୍ୟାଳୟ ନଥିବାରୁ ତେଲୁଗୁ ଭାଷାରେ ଅସ୍ଥାୟୀ ଶିକ୍ଷାଦାନ ହେଉଥିବା ମଧ୍ୟ କୁହାଯାଉଛି। ଏହାର ପ୍ରଭାବରେ କିଛି ଗ୍ରାମବାସୀ ଆନ୍ଧ୍ରର ବ୍ୟବସ୍ଥା ସହ ଅଧିକ ଯୋଡ଼ି ହୋଇଥିବା ଚର୍ଚ୍ଚା ହେଉଛି। ତେବେ ଓଡ଼ିଶା ପକ୍ଷରୁ ମଧ୍ୟ ଗ୍ରାମରେ ରାସ୍ତା ଓ ଅଙ୍ଗନବାଡ଼ି ସମେତ କିଛି ମୌଳିକ ସୁବିଧା ଯୋଗାଇ ଦିଆଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗ୍ରାମରେ ଦୁଇ ରାଜ୍ୟରୁ ସରକାରୀ ସୁବିଧା ପାଇବା ଓ ଭୋଟର ତାଲିକାର ସ୍ଥିତିକୁ ନେଇ ମଧ୍ୟ ଯାଞ୍ଚର ଆବଶ୍ୟକତା ଦେଖାଦେଇଛି।

ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ, ୨ ଗିରଫ

ଭୁବନେଶ୍ୱର, (ନି.ପ୍ର) : ସ୍କୁଟିରେ ଯାଉଥିବା ଜଣେ ଯୁବତୀଙ୍କୁ ଅଶ୍ଲୀଳ ଇଙ୍ଗିତ କରିବା ସହ ଅସଦାଚରଣ କରିବା ଅଭିଯୋଗରେ ଇନଫୋଭ୍ୟାଲି ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ନିତିଶ ରଂଜନ ମହାପାତ୍ର ଓ ପ୍ରଦୋଶ ମହାନ୍ତି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରିଣୀ ଇନଫୋଭ୍ୟାଲି ଥାନା ପରିସର ଅଞ୍ଚଳରେ ଭଡାରେ ରୁହନ୍ତି। ଗତ ତା.୨୮.୧୦.୨୦୨୬ ରାତି ପ୍ରାୟ ୯.୩୦ ସମୟରେ ସେ ନିଜର ଜଣେ ସାଙ୍ଗଙ୍କ ସହ ଏକ ସ୍କୁଟିରେ ଗଙ୍ଗପଡ଼ାରୁ ଭଡ଼ା ଘରକୁ ଫେରୁଥିବା ବେଳେ, ହିରୋ ସ୍ପ୍ଲେଣ୍ଡର ମୋଟରସାଇକେଲରେ ତିନି ଜଣ ଯୁବକ ଜାଣିଶୁଣି ତାଙ୍କର ପିଛାକରି ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଖରାପ ଉଦ୍ଦେଶ୍ୟରେ ତାଙ୍କ ସମ୍ମତି ବିନା ତାଙ୍କୁ ସ୍ପର୍ଶ କରିବା ସହ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଥିଲେ। ଏହା ଦେଖି ତାଙ୍କ ସାଙ୍ଗ ଗାଡି ଅଟକାଇବା ପରେ ଉକ୍ତ ତିନି ଯୁବକ ଉଭୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିବାର ଧମକ ଦେଇ ସେଠାରୁ ଚାଲିଯାଇଥିଲେ । ଉକ୍ତ ତିନି ଯୁବକ ନିଶାସକ୍ତ ଥିବା ପରି ଲାଗୁଥିବା ବେଳେ, ସେମାନଙ୍କ ମଧ୍ୟରୁ ଗେମେଇ ଗ୍ରାମର ପ୍ରଦୋଷ କୁମାର ମହାନ୍ତିଙ୍କୁ ସେ ଚିହ୍ନି ପାରିଥିଲେ । ଏହି ଘଟଣା ପରେ ନିଜକୁ ଅସୁରକ୍ଷିତ ମନେ କରି ସେ ତୁରନ୍ତ ଇନଫୋଭ୍ୟାଲି ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ମିଳିଥିବା ସୂଚନା ଆଧାରରେ ପୋଲିସ ଆଜି ଦୁଇ ଅଭିଯୁକ୍ତ ନିତୀଶ ରଞ୍ଜନ ମହାପାତ୍ର ଓରଫ ଲିକୁ ଓ ପ୍ରଦୋଷ କୁମାର ମହାନ୍ତି ଓରଫ ପିଙ୍କୁକୁ ଏହି ମାମଲାରେ ଗିରଫ କରିଥିବା ବେଳେ, ଉଭୟ ନିଜର ଦୋଷ ସ୍ୱୀକାର କରିଥିଲେ।

ମୋବାଇଲ ଚୋରି କରି ବ୍ୟାଙ୍କରୁ ଟଙ୍କା ହଡ଼ପ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ନି.ପ୍ର) : ମୋବାଇଲ ଚୋରି କରି ବ୍ୟାଙ୍କ ଖାତାରୁ ଟଙ୍କା ହଡ଼ପ କରିବା ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କାହ୍ନୁ ଦାସ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଗତ ୩୦.୦୯.୨୦୨୬ ରେ ଜାଲିମୁଣ୍ଡାସାହିସ୍ଥିତ କଲ୍ୟାଣୀ ନଗର ସୋସାଇଟିରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟରତ ଦୀପକ ସେନାପତିଙ୍କ ଏକ ଭିଭୋ ମୋବାଇଲ ଫୋନ୍ ଚୋରି ହୋଇଥିଲା । ସେ କାର୍ଯ୍ୟସ୍ଥଳରେ ମୋବାଇଲ ଫୋନକୁ ରଖି ନିକଟସ୍ଥ ଶୌଚାଳୟକୁ ଯାଇଥିବା ସମୟରେ କେହି ଦୁର୍ବୃତ୍ତ ତାଙ୍କ ମୋବାଇଲ ଚୋରି କରି ନେଇଯାଇଥିଲେ। ପରେ ନିଜ କାନାରା ବ୍ୟାଙ୍କ ଖାତା ଯାଞ୍ଚ କରିବାରୁ ତାଙ୍କ ଅଜାଣତରେ ଦୁଇଟି କାରବାର ମାଧ୍ୟମରେ ମୋଟ ୨୨,୬୦୦ ଟଙ୍କା ଉଠାଯାଇଥିବା ଜଣାପଡ଼ିଥିଲା । ଏନେଇ ସେ ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ମିଳିଥିବା ସୂଚନା ଆଧାରରେ ପୋଲିସ ଆଜି ଶିଖରଚଣ୍ଡୀ ନଗର ଛକ ନିକଟରୁ କାହ୍ନୁ ଦାସ (୩୦) ନାମକ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା । ତାଙ୍କ ଘର କଟକ ଜିଲ୍ଲା ବାରଙ୍ଗ ଥାନା ଅନ୍ତର୍ଗତ ଦାଢ଼ାପାଟଣା, ବଙ୍ଗାଳୀ ସାହିରେ । ଛାନଭିନ ବେଳେ, ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ଏକ ଦାମୀ ଭିଭୋ ୫ଜି ମୋବାଇଲ ଫୋନ୍, ଜବତ କରାଯାଇଥିଲା । ତଦନ୍ତରେ ଜଣାପଡ଼ିଛି ଯେ, ଉକ୍ତ ଚୋରି ମୋବାଇଲ ଫୋନ୍ ବ୍ୟବହାର କରି ଅଭିଯୁକ୍ତ ଜଣକ ଫୋନ୍-ପେ ମାଧ୍ୟମରେ ନିଜ ଖାତାକୁ ମୋଟ ୨୨,୬୦୦ ଟଙ୍କା ସ୍ଥାନାନ୍ତର କରିଥିଲେ । ଏହି ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ, ସେ ନିଜର ଦୋଷ ସ୍ୱୀକାର କରିଥିଲେ। ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚରୁ, ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ କଟକ, ବାରଙ୍ଗ ଥାନାରେ ଏକ ମାମଲା ରହିଥିବା ଜଣାପଡ଼ିଛି ।

ନାବାଳିକାକୁ ଅଶ୍ଳୀଳ ମେସେଜ: ଯୁବକ ଧରାପଡିଲା

ଭୁବନେଶ୍ୱର,(ନି.ପ୍ର) : ଜଣେ ନାବାଳିକାକୁ ଅଶ୍ଲୀଳ ଫଟୋ ଓ ମେସେଜ ପଠାଇବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଦୀପ୍ତି ରଞ୍ଜନ ସାହୁ। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି ତାକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଦୀପ୍ତି ରଞ୍ଜନ ସାମଲ ବିଭିନ୍ନ ମୋବାଇଲ୍ ନମ୍ବର ବ୍ୟବହାର କରି ଅଭିଯୋଗକାରିଣୀଙ୍କ ୧୪ ବର୍ଷୀୟା ନାବାଳିକା ଝିଅକୁ ବାରମ୍ବାର ଫୋନ୍ କଲ୍, ହ୍ୱାଟ୍ସଆପ୍ ଓ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ଯୋଗାଯୋଗ କରୁଥିଲା। ଅଭିଯୁକ୍ତ ନାବାଳିକାଙ୍କ ନିକଟକୁ ଅଶ୍ଲୀଳ ଫଟୋ, ଭିଡିଓ ଓ ମେସେଜ ପଠାଇବା ସହ ତାଙ୍କୁ ଖରାପ ସମ୍ପର୍କ ରଖିବା ପାଇଁ ଚାପ ପକାଇ ଆସୁଥିଲା । ଏଥିସହ ଉକ୍ତ ଫଟୋ ଓ ଭିଡିଓକୁ ପଡ଼ୋଶୀଙ୍କ ମଧ୍ୟରେ ଏବଂ ସୋସିଆଲ୍ ମିଡିଆରେ ପ୍ରସାର କରି ତାଙ୍କୁ ବଦନାମ କରିବାର ଧମକ ଦେଉଥିଲା। ନାବାଳିକା ଜଣକ ଅଭିଯୁକ୍ତର ମୋବାଇଲ୍ ନମ୍ବରଗୁଡ଼ିକୁ ବ୍ଲକ୍ କରିବା ପରେ ମଧ୍ୟ ସେ ଅନ୍ୟ ନମ୍ବର ବ୍ୟବହାର କରି ଏଭଳି ହଇରାଣ ହରକତ ଓ ଧମକ ଜାରି ରଖିଥିଲା । ଫଳରେ ନାବାଳିକା ଓ ତାଙ୍କ ପରିବାର ଭୟଭୀତ ହେବା ସହ ମାନସିକ ଚାପର ସମ୍ମୁଖୀନ ହୋଇଥିଲେ । ଗତ ୫-୬ ଦିନ ଧରି ଅଭିଯୁକ୍ତ ଜଣକ ନିୟମିତ ଭାବେ ନାବାଳିକାଙ୍କ ପିଛା କରିବା ସହ ତାଙ୍କର ଭିଡିଓ ଭାଇରାଲ୍ କରିବାର ଧମକ ଦେଉଥିଲା ଏବଂ ହ୍ୱାଟ୍ସଆପ୍ ମାଧ୍ୟମରେ ଅଶ୍ଳୀଳ ମନ୍ତବ୍ୟ ଦେଇ ତାଙ୍କୁ ଖରାପ ସମ୍ପର୍କ ରଖିବାକୁ ବାଧ୍ୟ କରିଆସୁଥିଲା। ଅଭିଯୁକ୍ତଙ୍କର ଏତାଦୃଶ କାର୍ଯ୍ୟକଳାପରେ ବ୍ୟତିବ୍ୟସ୍ତ ହୋଇ ନାବାଳିକା ନିଜ ସହ ଘଟିଥିବା ସମସ୍ତ ଘଟଣା ସମ୍ପର୍କରେ ନିଜ ପରିବାରକୁ ଜଣାଇଥିଲେ। ପରେ ଅଭିଯୋଗକାରିଣୀ ଏନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲାର ତଦନ୍ତ କାଳରେ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିବା ସହ ତା ନିକଟରୁ ଏକ ଭିଭୋ ମୋବାଇଲ୍ ଫୋନ୍ ଜବତ କରିଥିଲେ। ତଦନ୍ତରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ, ଅଭିଯୁକ୍ତ ଜଣକ ନାବାଳିକା ମାନଙ୍କ ଅଶ୍ଲୀଳ ଫଟୋ ଓ ଭିଡିଓ ନିଜ ପାଖରେ ରଖି ସେମାନଙ୍କୁ ବ୍ଲାକମେଲ୍ କରୁଥିବା ଅଭିଯୋଗ ରହିଥିବା ବେଳେ, କେତେକ ନାବାଳିକାଙ୍କୁ ଧମକ ଦେଇ ଟଙ୍କା ଆଦାୟ କରିଥିବା ମଧ୍ୟ ଅଭିଯୋଗ ହୋଇଛି।

କର୍ତ୍ତବ୍ୟରେ ଅବହେଳା ଅଭିଯୋଗ: ବନ୍ତ ତହସିଲର ରାଜସ୍ୱ ନିରୀକ୍ଷକ ନିଲମ୍ବିତ

ଭଦ୍ରକ,(ନିପ୍ର): ସରକାରୀ କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ଭଦ୍ରକ ଜିଲ୍ଲା ବନ୍ତ ତହସିଲ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ ଶ୍ରୀମତୀ ସସ୍ମିତା ମହାପାତ୍ରଙ୍କୁ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ନିଲମ୍ବନ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ବିଭାଗ ପକ୍ଷରୁ ୨୭ ଅକ୍ଟୋବର ୨୦୨୬ ତାରିଖରେ କାର୍ଯ୍ୟାଳୟ ଆଦେଶ ଜାରି କରାଯାଇଛି। ନିଲମ୍ବନ ଅବଧିରେ ତାଙ୍କର ମୁଖ୍ୟାଳୟ ଭଦ୍ରକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାର୍ଯ୍ୟ କରାଯାଇଛି। କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ।

ଭିଜିଲାନ୍ସ ପଞ୍ଝାରେ ଡେପୁଟି ଫରେଷ୍ଟ ରେଞ୍ଜର

କଟକ(ନିପ୍ର) : ଭିଜିଲାନ୍ସ ବିଭାଗ ଆଜି ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ନେଇ ଭୁବନେଶ୍ୱର ସହରାଞ୍ଚଳ ବନ ବିଭାଗ ଅନ୍ତର୍ଗତ ଫୁଲନଖରା ରେଞ୍ଜର ଡେପୁଟି ଫରେଷ୍ଟ ରେଞ୍ଜର ମୌସୁମୀ ବେହେରାଙ୍କୁ ଏକ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଧରିଛି। ମିଳିଥିବା ସୂଚନା ମୁତାବକ ଜୁଲାଇରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ୩ଟି ବୃକ୍ଷରୋପଣ ସ୍ଥାନର ରକ୍ଷାବେକ୍ଷଣ ବାବଦ ମଞ୍ଜୁରୀ ବିଲ୍ ପାସ୍ କରିବା ପାଇଁ ଶ୍ରୀମତୀ ବେହେରା ଜଣେ କର୍ମଚାରୀଙ୍କଠାରୁ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ୧ ଲକ୍ଷ ଟଙ୍କା ଲାଞ୍ଚ ନ ଦେଲେ ଆଗାମୀ ମାସଗୁଡ଼ିକର କୌଣସି ବିଲ୍ ମଧ୍ୟ ରିଲିଜ କରିବେ ନାହିଁ ବୋଲି ସେ ଚେତାବନୀ ଦେଇଥିଲେ। ଲାଞ୍ଚ ଦେବାକୁ ଅନିଚ୍ଛୁକ ଥିବା ସଂପୃକ୍ତ କର୍ମଚାରୀ ଜଣକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଆଜି ଭିଜିଲାନ୍ସ ଟିମ୍ ଏକାଠି ହୋଇ ଶ୍ରୀମତୀ ବେହେରାଙ୍କୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଧରି ପକାଇଥିଲା। ତାଙ୍କ ନିକଟରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହି ଘଟଣା ପରେ ଭିଜିଲାନ୍ସ ସେଲ୍ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତା ଡେପୁଟି ରେଞ୍ଜର ଶ୍ରୀମତୀ ବେହେରାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଏକକାଳୀନ ଦୁଇଟି ସ୍ଥାନରେ ତଲାସୀ ଅଭିଯାନ ଜାରି ରହିଛି। ମାମଲାର ଅଧିକ ତଦନ୍ତ ଚାଲିଛି।

ଘରବାରି ପ୍ଲଟ ସାମନାରେ ଜବରଦଖଲ ଅଭିଯୋଗ

ଭାପୁର,(ନିପ୍ର): ଖୋର୍ଦ୍ଧା ଜ଼ିଲ୍ଲା ବୋଲଗଡ଼ ବ୍ଲକ ବାଲସିଂ ଗ୍ରାମର ଅବସରପ୍ରାପ୍ତ ସମାରିକ କର୍ମଚାରୀ ରମେଶ ଚନ୍ଦ୍ର ଦଳେଇ ଭାପୁର ବାଇପାସ ନିକଟରେ ନିଜ ସ୍ତ୍ରୀଙ୍କ ନାମରେ ୭ ଡ଼ିସମିଲ ଜାଗା କିଣି ତାକୁ ଘରବାରିରେ ପରିଣତ କରିଥିଲେ ଏବଂ ଘର କରିବା ପାଇଁ ସେ ଇଟା ଓ ମାଙ୍କଡା ପଥର ଯୋଗାଡ କରି ରଖିଥିଲେ। ତାଙ୍କ ପ୍ଲଟ ସାମ୍ନାରେ ଥିବା ସରକାରୀ ଜାଗାକୁ ଲିଜ ସୂତ୍ରରେ ନେବାପାଇଁ ଭାପୁର ଅଞ୍ଚଳର ଏକ ସଙ୍ଘ ତହସିଲଦାରଙ୍କ ନିକଟରେ ଆବେଦନ କରିଥିବାକୁ ନେଇ ପ୍ରଶ୍ନବାଚୀ କରିଛି। ସେ ଘର ନିର୍ମାଣ କରିବା ପାଇଁ ସେହି ସରକାରୀ ଜାଗାରେ ପଥର,ବାଲି ଗଦେଇ ଥିବାବେଳେ ବେସରକାରୀ ସଂସ୍ଥାର ସଭ୍ୟମାନେ ବିରୋଧ କରି ତୁରନ୍ତ ସେ ସ୍ଥାନରୁ ଇଟା, ପଥର,ବାଲି ହଟେଇବା ପାଇଁ କହିଥିଲେ। ଏହାକୁ ନେଇ ରମେଶ ଦଳେଇ ଭାପୁର ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ନିଃସ୍କର୍ଷ ବାହାରିନଥିବା ଜଣାପଡିଛି।

ଲାଞ୍ଚ ମାମଲାରେ ଆର୍‌ଆଇଙ୍କୁ ଜେଲ ଓ ଜରିମାନା

କଟକ(ନିପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଆରଆଇ ପ୍ରଶାନ୍ତ କୁମାର ନାୟକଙ୍କୁ କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ଆଦେଶ ଦେଇଛନ୍ତି । କୋର୍ଟଙ୍କ ରାୟ ପରେ ଶ୍ରୀ ନାୟକଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ ଶ୍ରୀ ନାୟକ କିଶନନଗର ତହସିଲ ଅଧୀନ ସମିତଙ୍ଗା ଆରଆଇ ଥିବା ବେଳେ ଏକ ସରକାରୀ ଜମି ଜବରଦଖଲ ଅବଧି ବଢାଇବା ପାଇଁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହି ମାମଲା ଚାର୍ଜ ସିଟ ହୋଇ ଅଦାଲତରେ ବିଚାର ଚାଲିଥିଲା।

ଡେରାବିଶ ବ୍ଲକରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଘୋଟାଲା

ସିନିୟର୍ ଆସିଷ୍ଟାଣ୍ଟଙ୍କ ସମ୍ପୃକ୍ତି ଅଭିଯୋଗ, ତଦନ୍ତ ଆରମ୍ଭ

ଡେରାବିଶ,(ନି.ପ୍ର): ଡେରାବିଶ ବ୍ଲକରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଘୋଟାଲା ହୋଇଥିବା ଘଟଣା ସାମନାକୁ ଆସିବା ପରେ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବ୍ଲକରେ କାର୍ଯ୍ୟରତ ଜନୈକ ସିନିୟର୍ ଆସିଷ୍ଟାଣ୍ଟଙ୍କ ଦ୍ୱାରା ଏହି ଘୋଟାଲା ହୋଇଥିବା ଜଣାପଡ଼ିଥିବା ବେଳେ ଏହାର ତଦନ୍ତ ଆରମ୍ଭ ହୋଇଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ଯେ ଡେରାବିଶ ବ୍ଲକ ଆକାଉଣ୍ଟରୁ ୧ କୋଟି ୬ ଲକ୍ଷ ଟଙ୍କା ବେନିୟମ ଉଠାଣ ହୋଇଥିବା କେନ୍ଦ୍ରାପଡ଼ା ଟ୍ରେଜେରି ଅଫିସରଙ୍କ ନଜରକୁ ଆସିବା ପରେ ଏହାକୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ ଟ୍ରେଜେରି ଅଫିସରଙ୍କ କହିବା ଅନୁଯାୟୀ ଉକ୍ତ ୧ କୋଟି ୬ ଲକ୍ଷ ଟଙ୍କା ପରିମାଣ ଉପରେ ସନ୍ଦେହ ହେବାରୁ ଏହାକୁ ଅନୁଧ୍ୟାନ କରିଥିଲେ। ତେବେ ଏହି ପରିମାଣ ଡେରାବିଶ ବ୍ଲକରେ କାର୍ଯ୍ୟରତ ସିନିୟର ଆସିଷ୍ଟାଣ୍ଟଙ୍କ ସମ୍ପର୍କୀୟ ଓ ପୂର୍ବତନ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବ୍ୟାଙ୍କ ଜମା ଖାତାକୁ ଯାଇଥିବା ଜଣାପଡିଛି। ସେଥିମଧ୍ୟରୁ ଶଶିକାନ୍ତଙ୍କ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ୧ କୋଟି ଓ ମନମଥଙ୍କ ଆକାଉଣ୍ଟକୁ ୫ ଲକ୍ଷ ୮୯ ହଜାର ଟଙ୍କା ଟ୍ରାନ୍ସଫର କରାଯାଇଥିବା ଟ୍ରେଜେରି ଅଫିସର ସୂଚନା ଦେଇଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଥିବା ମଧ୍ୟ କହିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ୧୧ ଗୋଟି ବିଲରେ ଅନିୟମିତତା କରାଯାଉଥିବା ବିଡିଓ କହିଛନ୍ତି। ଏହି ଘୋଟାଲା ସମ୍ପର୍କରେ ସେ ଆକାଉଣ୍ଟ ଅଫିସରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ସେ ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ସବିଶେଷ ତଥ୍ୟ ଜଣାଇବେ ବୋଲି କହିଛନ୍ତି। ମାତ୍ର ସିନିୟର୍ ଆସିଷ୍ଟାଣ୍ଟଙ୍କ ଦ୍ୱାରା କରାଯାଇଥିବା ଘୋଟାଲାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସମ୍ପୃକ୍ତ ସିନିୟର୍ ଆସିଷ୍ଟାଣ୍ଟଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଅସୁସ୍ଥତା କାରଣକୁ ନେଇ ସିନିୟର ଆସିଷ୍ଟାଣ୍ଟ ଛୁଟିରେ ରହିଥିବା ବ୍ଲକରେ କାର୍ଯ୍ୟରତ ଜନୈକ ଅଧିକାରୀ କହିଛନ୍ତି। ମାତ୍ର ଘଟଣା ଜଣାପଡ଼ିବା ପରେ ଅସୁସ୍ଥତା ଏକ ବାହାନା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଜନସାଧାରଣଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ କୋଟି କୋଟି ଟଙ୍କାକୁ ଏପରି ଘୋଟାଲା କରିଥିବା ବ୍ୟକ୍ତି ବିଶେଷଙ୍କୁ କଠୋର ଶାସ୍ତିର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ପ୍ରତିକ୍ରିୟା ରଖି ବ୍ଲକରେ ଅର୍ଥ ବାଟମାରଣା ହେଉଥିବା ସମ୍ପର୍କରେ ପୂର୍ବରୁ ବହୁବାର ଅବଗତ କରାଇଥିବା କହିଛନ୍ତି। ଉଦାହରଣ ସ୍ୱରୂପ ବ୍ଲକରେ କାର୍ଯ୍ୟରତ ଜନୈକ ସିପି(କମ୍ପ୍ୟୁଟର ପ୍ରୋଗ୍ରାମର) କିଛି ମାସ ତଳେ ଚାକିରିରୁ ନିଲମ୍ବିତ ହୋଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପରଠାରୁ ବ୍ଲକରେ ଏଭଳି ଅବସ୍ଥା ଉପୁଜିଥିବା କହିଛନ୍ତି। ପ୍ରଶାସନିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ବେଳେ ଏହି ଘୋଟାଲାରେ କିଛି ରାଜନେତା ଓ କିଛି ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତିକୁ ଏଡାଇ ଦିଆଯାଇନପାରେ ବୋଲି ଚର୍ଚ୍ଚା ହେଉଛି।

ଚତୁର୍ଥ ଟ୍ୱେଣ୍ଟି-୨୦: ପରୀକ୍ଷାନିରୀକ୍ଷା କରିପାରେ ଭାରତ

ଅକ୍‌ଲାଣ୍ଡ, ୨୯।୧୦: ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ଭ୍ରମଣକାରୀ ଭାରତ ୩-୦ରେ ଆଗୁଆ ଜିତି ସାରିଛି। ଚତୁର୍ଥ ମୁକାବିଲା ଶୁକ୍ରବାର ଖେଳାଯିବାକୁ ଥିବା ବେଳେ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ସୁଯୋଗ ଦେବାକୁ ଚିନ୍ତା କରୁଛି। ବ୍ୟାଟିଂରେ ଦୃଢ଼ତା ରଖିବା ପାଇଁ ଭାରତ ଏପର୍ଯ୍ୟନ୍ତ ଅଷ୍ଟମ ସ୍ଥାନ ପର୍ଯ୍ୟନ୍ତ ବ୍ୟାଟରଙ୍କୁ ନେଇ ଖେଳୁଛି। ତେଣୁ କୁଲଦୀପ ଓ ବରୁଣଙ୍କୁ ବେଞ୍ଚରେ ବସିବାକୁ ପଡ଼ିଛି। ଭାରତର ଏହି ରଣନୀତି ବି ସଫଳ ହୋଇଛି। ଶୃଙ୍ଖଳା ଜିତି ସାରିବାରୁ ଶେଷ ଦୁଇ ମ୍ୟାଚ୍‌ରେ ଦଳ ପରୀକ୍ଷାନିରୀକ୍ଷା କରିପାରେ। ମଧ୍ୟଭାଗ ଓଭରରେ କୁଲଦୀପ ଭଲ କରୁଥିବାରୁ ସୁଯୋଗ ନ ମିଳିଲେ ତାଙ୍କ ଆତ୍ମବିଶ୍ୱାସ ଉପରେ ପ୍ରଭାବ ପଡ଼ିପାରେ। ବ୍ୟାଟିଂ ଉପରେ ସାଲିସ କରି ତାଙ୍କୁ ଅକ୍‌ଲାଣ୍ଡରେ ଭାରତ ସୁଯୋଗ ଦେଇପାରେ। କିନ୍ତୁ ଗତ ମ୍ୟାଚ୍‌ଗୁଡ଼ିକରେ ସ୍ପିନ୍ ଅଲ୍‌ରାଉଣ୍ଡର ଭାବେ ଖେଳିଥିବା ନମନ ଧୀର ବୋଲିଂ ପାଇନାହାନ୍ତି। ସ୍ପିନ୍ ଅଲ୍‌ରାଉଣ୍ଡର ଅକ୍ଷର ପଟେଲ ବୋଲିଂ ସୁଯୋଗ ପାଇଥିଲେ ମଧ୍ୟ ଇକୋନୋମି ୯.୫୮ ରହିଛି। ବହୁ ଦିନ ପରେ ଦଳକୁ ଫେରିଥିବା ଭୁବନେଶ୍ୱର କୁମାର ମଧ୍ୟ ପ୍ରଭାବଶୂନ୍ୟ ରହୁଛନ୍ତି। ମୟଙ୍କ ଯାଦବଙ୍କ ବଦଳରେ ପ୍ରିନ୍ସ ଯାଦବ ସୁଯୋଗ ପାଇଥିଲେ ସେମିତି କିଛି କରିପାରିନାହାନ୍ତି। ତେଣୁ ମୟଙ୍କ ଫେରିବାର ସମ୍ଭାବନା ରହିଛି। ସେହିପରି ଆହତ ଯୋଗୁଁ ଗତ ୨ ମ୍ୟାଚ୍‌ରୁ ବାଦ୍ ପଡ଼ିଥିବା ଈଶାନ କିଶାନ ସୁସ୍ଥ ହୋଇ ନଥିବାରୁ ଫେରିବା ସମ୍ଭାବନା କମ୍ ରହିଛି। ତେଣୁ ପୂର୍ବ ଭଳି ବୈଭବ ପୁଣିଥରେ ସୁଯୋଗ ପାଇବେ। ନୀତୀଶ ରେଡ୍ଡୀଙ୍କ ସ୍ଥାନରେ ଶିବମ ଦୁବେଙ୍କୁ ଖେଳାଇବା ନେଇ ମଧ୍ୟ ଦଳ ଭାବୁଛି। ଅନ୍ୟପକ୍ଷରେ ଭାରତର ଆକ୍ରମଣ ବ୍ୟାଟିଂକୁ ନେଇ ନ୍ୟୁଜିଲାଣ୍ଡ ଚିନ୍ତାରେ ରହିଛି। ଅଧିନାୟକ ମିଚେଲ ସାଣ୍ଟନର କେବଳ ଭଲ କରୁଥିବା ବେଳେ ଅନ୍ୟ ବୋଲରମାନେ ଆଶାନୁଯାୟୀ ପ୍ରଦର୍ଶନ ଦେଇପାରୁନାହାନ୍ତି। ଏହା ଭିତରେ ମ୍ୟାଟ୍ ହେନରି ଓ ଲୋକି ଫର୍ଗୁସନ ଆହତ ଯୋଗୁଁ ଦଳରୁ ବାଦ୍ ପଡ଼ିବା ଦଳକୁ ଆଉ ଏକ ଝଟକା ଦେଇଛି। ତଥାପି ଘରୋଇ ଦଳ ଚତୁର୍ଥ ଟ୍ୱେଣ୍ଟି-୨୦ ଜିତି ପ୍ରତ୍ୟାବର୍ତ୍ତନ କରିବା ଆଶାରେ ରହିଛି।

ଭାରତ (ସମ୍ଭାବ୍ୟ ଏକାଦଶ): ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନ୍ (ୱିକେଟ୍‌ରକ୍ଷକ), ବୈଭବ ସୂର୍ଯ୍ୟବଂଶୀ, ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ନୀତୀଶ କୁମାର ରେଡ୍ଡୀ/ଶିବମ ଦୁବେ, କୁଲଦୀପ ଯାଦବ/ବରୁଣ ଚକ୍ରବର୍ତ୍ତୀ, ନମନ ଧୀର, ଭୁବନେଶ୍ୱର କୁମାର, ପ୍ରିନ୍ସ ଯାଦବ/ମୟଙ୍କ ଯାଦବ , ଅର୍ଶଦୀପ ସିଂହ।

ନ୍ୟୁଜିଲାଣ୍ଡ (ସମ୍ଭାବ୍ୟ ଏକାଦଶ): ଫିନ୍ ଆଲେନ, ଟିମ୍ ସେଫର୍ଟ (ୱିକେଟ୍‌କିପର), ବେଭନ ଜାକବ୍ସ/ଡେଭନ କନୱେ, ଗ୍ଲେନ୍ ଫିଲିପ୍ସ, ଡାରିଲ ମିଚେଲ, ମାଇକେଲ ବ୍ରେସ୍‌ୱେଲ, ମିଚେଲ ସାଣ୍ଟନର (ଅଧିନାୟକ), ନାଥନ ସ୍ମିଥ୍, କାଇଲ ଜାମିସନ, ଆଦମ ମିଲ୍‌ନେ, ଜାକବ ଡଫି।

ଲଗାଣ ବର୍ଷାରେ କୃଷ୍ଣପ୍ରସାଦରେ ଧାନ ଫସଲ ନଷ୍ଟ, ଚିନ୍ତାରେ ଚାଷୀ

କୃଷ୍ଣପ୍ରସାଦ, ୨୯।୧୦(ନିପ୍ର): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ ଏବଂ ତୁହାକୁ ତୁହା ବର୍ଷା ଯୋଗୁଁ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରେ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଦିନିଆ ବର୍ଷା ଚାଷୀଙ୍କ ମୁହଁରୁ ହସ ଛଡ଼ାଇ ନେଇଥିବା ବେଳେ ଏବେ ଚିନ୍ତାରେ ଦିନ କାଟୁଛନ୍ତି ଚାଷୀକୁଳ। ବିଶେଷ କରି ସିଆଣ୍ଡି ପଞ୍ଚାୟତ, ସିଆଳ ପଞ୍ଚାୟତ, ରାମଲେଙ୍କା ପଞ୍ଚାୟତ, ମାଲୁଦ ପଞ୍ଚାୟତ, ବୁଦ୍ଧିବର ପଂଚାୟତ, ବଜ୍ରକୋଟ ପଞ୍ଚାୟତରେ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଫସଲ ନଷ୍ଟ ହେବା ଦେଖି ହତାଶ ହୋଇ ସେ ଜମି ହୁଡ଼ାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବର୍ଷସାରା ପରିଶ୍ରମ କରି ଅମଳର ଆଶା ରଖିଥିବା ଚାଷୀଙ୍କ ସ୍ୱପ୍ନ ଏବେ ଧୂଳିସାତ୍ ହେବାକୁ ବସିଛି। ଏଭଳି ପରିସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କ ଜମିରେ ଫସଲ କ୍ଷୟକ୍ଷତିର ତୁରନ୍ତ ଆକଳନ କରିବା ସହ ଯୋଗ୍ୟ ଚାଷୀଙ୍କୁ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି।

ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତ ଜିଲ୍ଲାଗୁଡିକରେ ରିଲିଫ୍ ଓ ସହାୟତା

ଭୁବନେଶ୍ୱର, ୨୯।୧୦: ସମ୍ପ୍ରତି ରାଜ୍ୟରେ ପ୍ରଳୟଙ୍କରୀ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଓଡ଼ିଶାର ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମାଞ୍ଚଳର କେତେକ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷ କରି ଗଜପତି, ଗଞ୍ଜାମ, ରାୟଗଡା, କୋରାପୁଟ, କନ୍ଧମାଳ ଏବଂ ମାଲକାନଗିରି ଆଦି ଜିଲ୍ଲାରେ ବାତ୍ୟା ଓ ପ୍ରବଳ ବର୍ଷା ଯାଗୁଁ ବ୍ୟାପକ ଧନଜୀବନ, ଘରଦ୍ୱାର, ବିଦ୍ୟୁତ୍ ସରବରାହ ଏବଂ କୃଷି କ୍ଷେତ୍ର ପ୍ରଭାବିତ ହୋଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ଗୁରୁତ୍ୱର ସହ ଗ୍ରହଣ କରି ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ଏଭଳି ବିପଦର ସମୟରେ ଲୋକଙ୍କ ପାଖରେ ଠିଆ ହେବା ଏବଂ ସେମାନଙ୍କୁ ସବୁପ୍ରକାର ସାହାଯ୍ୟ ଯୋଗାଇ ଦେବା ଆମର ନୈତିକ ଏବଂ ସାମାଜିକ ଦାୟିତ୍ୱ। ତେଣୁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ସମସ୍ତ ଦଳୀୟ ନେତା ଓ କର୍ମକର୍ତ୍ତା ନିଜ ନିଜ ଅଞ୍ଚଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ପ୍ରଶାସନକୁ ସହଯୋଗ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ ଏବଂ ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଆଗେଇ ଆସିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଜନସାଧାରଣଙ୍କ ଜୀବନ ଓ ସମ୍ପତି ସୁରକ୍ଷା ପାଇଁ ପ୍ରତିବଦ୍ଧ ଅଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତଙ୍କର ମିଳିତ ସହଯୋଗ ନିହାତି ଆବଶ୍ୟକ। ସରକାରୀ ସ୍ତରରେ ତ୍ୱରିତ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଦଳୀୟ ସ୍ତରରେ ମଧ୍ୟ ପ୍ରଭାବିତ ପରିବାରଗୁଡ଼ିକୁ ସମସ୍ତ ସମ୍ଭବ ସହାୟତା ପ୍ରଦାନ ପାଇଁ ପାର୍ଟି ତରଫରୁ ନିରନ୍ତର ତଦାରଖ କରାଯାଉଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ।

ବାତ୍ୟା ନା ପରୀକ୍ଷା ? ଚିନ୍ତାରେ ଓପିଏସସି ମେନ ଆଶାୟୀ

କଟକ, ୨୯।୧୦: ବାତ୍ୟାର ବିପତ୍ତି... ଚାରିଆଡ଼େ ଲଗାଣ ବର୍ଷା... କେଉଁଠି ଘରେ ପଶିଛି ପାଣି, ତ ଆଉ କେଉଁଠି ରାସ୍ତାଘାଟ ଜଳମଗ୍ନ ! ଟ୍ରେନ୍ ବାତିଲ୍, ଯୋଗାଯୋଗ ବି ବାଧାପ୍ରାପ୍ତ। ଏଭଳି ସ୍ଥିତିରେ ମୁଣ୍ଡରେ ପରୀକ୍ଷା ଚିନ୍ତା । ଅର୍ଣ୍ଣବ ବାତ୍ୟାକୁ ଦୃଷ୍ଟିରେ ରଖି ଓପିଏସସି ପରୀକ୍ଷାକୁ ଅକ୍ଟୋବର ୩୧ରୁ ନଭେମ୍ବର ୭ ଯାଏଁ ପୁନଃ ନିର୍ଦ୍ଧାରଣ କରାଯାଇଛି। କିନ୍ତୁ ଏହି ସମୟସୂଚୀକୁ ନେଇ ଏବେ ବି ଦ୍ୱନ୍ଦ୍ୱରେ ଅନେକ ଆଶାୟୀ। ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ବର୍ଷା ଓ ବନ୍ୟାର ପ୍ରଭାବ ଅଧିକ ରହିଥିବା ବେଳେ, କିପରି ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ ? କେମିତି ନେବେ ଶେଷ ମୁହୂର୍ତ୍ତର ପ୍ରସ୍ତୁତି ? ଏହି ଚିନ୍ତା ଘାରିଛି ପରୀକ୍ଷାର୍ଥୀଙ୍କୁ। ଆଶାୟୀଙ୍କ ଦାବି ଯେ ପରିସ୍ଥିତିକୁ ବିଚାର କରି ପରୀକ୍ଷାକୁ ଆଉ କିଛି ଦିନ ଘୁଞ୍ଚାଯାଉ। ତେବେ ଏ ନେଇ ଓପିଏସସି କର୍ତ୍ତୃପକ୍ଷଙ୍କ ପକ୍ଷରୁ କ୍ୟାମେରା ଆଗରେ କୌଣସି ପ୍ରତିକ୍ରିୟା ମିଳିନାହିଁ। ଗୋଟିଏ ପଟେ ବାତ୍ୟା ଓ ବନ୍ୟାର ଭୟ, ଅନ୍ୟପଟେ ଭବିଷ୍ୟତ ଗଢ଼ିବାର ପରୀକ୍ଷା । ଦୀର୍ଘଦିନର ପ୍ରସ୍ତୁତି ପରେ ଓପିଏସସି ମେନ୍ ପରୀକ୍ଷାକୁ ନେଇ ଆଶାୟୀଙ୍କ ମନରେ ଥିଲା ଅନେକ ସ୍ୱପ୍ନ। ହେଲେ ପ୍ରାକୃତିକ ବିପର୍ଯ୍ୟୟ ସବୁ ଯୋଜନାକୁ ଅସ୍ତବ୍ୟସ୍ତ କରିଦେଇଛି। ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଅନେକ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି। ରାସ୍ତାଘାଟ ପ୍ରଭାବିତ, ଟ୍ରେନ୍ ଚଳାଚଳରେ ବାଧା। ଏଭଳି ସ୍ଥିତିରେ ଦୂରଦୂରାନ୍ତରୁ ପରୀକ୍ଷା ଦେବାକୁ ଆସିବାକୁ ଥିବା ପରୀକ୍ଷାର୍ଥୀଙ୍କ ପାଇଁ ଯାତାୟାତ ଏବେ ବଡ଼ ଚ୍ୟାଲେଞ୍ଜ। ପରୀକ୍ଷା ତାରିଖ ପରିବର୍ତ୍ତନ ପରେ ମଧ୍ୟ ଆଶାୟୀଙ୍କ ଚିନ୍ତା କମିନାହିଁ। କାରଣ, ପରୀକ୍ଷା କେବଳ ପଢ଼ାର ପ୍ରସ୍ତୁତି ନୁହେଁ; ପରୀକ୍ଷା କେନ୍ଦ୍ରରେ ଠିକ୍ ସମୟରେ ପହଞ୍ଚିବା ମଧ୍ୟ ସେତିକି ଜରୁରୀ। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଯେଉଁଠି ସାଧାରଣ ଜୀବନଯାତ୍ରା ବ୍ୟାହତ, ସେଠାରେ ପରୀକ୍ଷା ପ୍ରସ୍ତୁତି ଜାରି ରଖିବା କେତେ କଷ୍ଟକର, ତାହା ଆଶାୟୀମାନେ ହିଁ ଅନୁଭବ କରୁଛନ୍ତି। ତେଣୁ ପରିସ୍ଥିତିର ଗମ୍ଭୀରତାକୁ ଦେଖି ପରୀକ୍ଷାକୁ ଆଉ କିଛି ଦିନ ଘୁଞ୍ଚାଇବାକୁ ସେମାନେ ଦାବି କରୁଛନ୍ତି। ବାରମ୍ବାର ତାରିଖ ପରିବର୍ତ୍ତନ ପାଇଁ ନିବେଦନ କରିଥିଲେ ମଧ୍ୟ ଦାବି ଶୁଣାଯାଉନଥିବା ଅଭିଯୋଗ କରିଛନ୍ତି କିଛି ଆଶାୟୀ। ଅନ୍ୟପଟେ, ଓପିଏସସି ପକ୍ଷରୁ ଏ ସମ୍ପର୍କରେ କ୍ୟାମେରା ଆଗରେ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ତେବେ ଏଯାଏଁ ଘୋଷିତ ସୂଚୀ ଅନୁସାରେ ଅକ୍ଟୋବର ୩୧ରୁ ନଭେମ୍ବର ୭ ଯାଏଁ ପରୀକ୍ଷା ହେବାକୁ ଥିବାରୁ ଆଶାୟୀମାନେ ନିଜ ପ୍ରସ୍ତୁତି ଜାରି ରଖିବାକୁ ପରାମର୍ଶ ଦିଆଯାଉଛି। ବାତ୍ୟାର ବିପତ୍ତି ମଧ୍ୟରେ ପରୀକ୍ଷା ଦେବାର ଚାପ... ଏବେ ଆଶାୟୀଙ୍କ ନଜର ଓପିଏସସି କର୍ତ୍ତୃପକ୍ଷଙ୍କ ପରବର୍ତ୍ତୀ ନିଷ୍ପତ୍ତି ଉପରେ।

ଆଇନ ମନ୍ତ୍ରୀଙ୍କ ହବିଷ୍ୟାଳି ଶିବିର ପରିଦର୍ଶନ

ପୁରୀ, ୨୯।୧୦(ନିପ୍ର): ରାଜ୍ୟ ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ତିନୋଟି ଯାକ ହବିଷାଳି ଶିବିର ପରିଦର୍ଶନ କରି ହବିଷ୍ୟାଳି ମାଆମାନଙ୍କର ଭଲ ମନ୍ଦ ପଚାରି ବୁଝିଥିଲେ। ହବିଷ୍ୟାଳି ମାଆମାନେ ଆନନ୍ଦ ଉଲ୍ଲାସରେ ଅଛନ୍ତି ବୋଲି ମନ୍ତ୍ରୀଙ୍କୁ କହିଥିଲେ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିବା ଯୋଗୁଁ ରାଜ୍ୟ ସରକାରଙ୍କୁ ସାଧୁବାଦ ଦେଇ ଥିଲେ।

ଅଭାବୀ ବିକ୍ରି: ବାଇଗଣ ୨ ଟଙ୍କାରେ ବିକୁଛନ୍ତି ଚାଷୀ

ବରଗଡ଼, ୨୯।୧୦: କାର୍ତ୍ତିକ ମାସ ଚାଲିଛି । ବଜାରରେ ଅଧିକାଂଶ ପନିପରିବା ଦର ୫୦ ଟଙ୍କା ଉପରେ। ବାଇଗଣ ଦାମ୍ ମଧ୍ୟ କିଲୋ ୫୦ରୁ ୬୦ ଟଙ୍କା ବିକୁଛନ୍ତି ବେପାରୀ। ହେଲେ ଚାଷୀଙ୍କୁ ମିଳୁଛି ମାତ୍ର ୨ରୁ ୩ଟଙ୍କା। ଫଳରେ ଯେତେ ଟଙ୍କା ଖର୍ଚ୍ଚ କରି ଚାଷ କରୁଛନ୍ତି, ତାର ମୂଳ ଉଠୁନି। ବରଗଡ଼ ଜିଲ୍ଲାରେ ଏବେ ବାଇଗଣର ଅଭାବୀ ବିକ୍ରି ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ବିଲରେ ଛନଛନିଆ ହୋଇ ଫଳିଛି ବାଇଗଣ। କୁଇଣ୍ଟାଲ କୁଇଣ୍ଟାଲ ବାଇଗଣ ଚାଷ ହୋଇଛି। କିନ୍ତୁ ଚାଷୀଙ୍କୁ ମିଳୁନି ଉଚିତ୍ ମୂଲ୍ୟ। ବାଇଗଣ କେଜି ୨ରୁ ୩ଟଙ୍କା ଦାମ୍‌ରେ ବେପାରୀଙ୍କୁ ଦେଉଛନ୍ତି ଚାଷୀ। ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷ କରିଥିବା ବରଗଡ଼ ଜିଲ୍ଲାର ଚାଷୀ ଏବେ ଲାଭ ବଦଳରେ କ୍ଷତି ସହୁଛନ୍ତି। ଏପରିକି ସେମାନଙ୍କ ତୋଳା ଖର୍ଚ୍ଚ ବି ଉଠୁନି। ଧାନ ଚାଷ ଛାଡ଼ି ପନିପରିବା ଚାଷ କରିଥିଲେ ବରଗଡ଼ ଜିଲ୍ଲାର ଚାଷୀ। ଆଶା ଥିଲା, ଫସଲ ଭଲ ହେଲେ ପରିବାରର ଆର୍ଥିକ ସ୍ଥିତି ସୁଧୁରିବ। ଫସଲ ଭଲ ହେଲା, କିନ୍ତୁ ଉଚିତ୍ ମୂଲ୍ୟ ମିଳୁନଥିବାରୁ ଚାଷୀଙ୍କ ସମସ୍ୟା ବଢ଼ିଯାଇଛି।

JAGATSINGHPUR MUNICIPALITY

e- Procurement Notice

No. 6362 **Dt.** 13/10/**.2026**

Email: @Jagatsinghpur Municipality.gov.in 13001/2291/2627

Bid Identification No. Dt: .2026

On behalf of the Municipal Council, Jagatsinghpur Municipality, Executive Officer JAGATSINGHPUR MUNICIPALITY invites Percentage Rate Bids from the **eligible bidders** for the works mentioned below through e-Procurement in conformity with the terms and conditions of the Detailed Tender Call Notice (DTCN) in Two Bid system from intending bidders fulfilling the eligibility criteria mentioned in the DTCN. Each bid should be submitted online through the website www.tendersodisha.gov.in by eligible bidders.

1. **Nature of the Works:** Civil Construction
2. **No. of Works: 01(One) No.**
3. **Estimated Cost: Rs. 10668695.24/- (Excluding GST)**
4. **Class of contractor:** "B" Class as indicated against the work mentioned in the DTCN.
5. **Period of completion:** 9 (Nine) Month
6. **Date and Time of Availability of Bid document in the portal:** From 10:30 A.M. of 16.10.2026 to 05:00 P.M. of 06.11.2026
7. **Last date/Time of submission of bids in the portal:** 05:00 P.M. of 06.11.2026
8. **Date of opening of Technical Bids from Portal:** 7.11.2026 (11:00 A.M. onwards)
9. **Date of opening of Financial Bids:** Will be intimated later

Further details can be seen from the e-Procurement portal https://www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Executive Officer
Jagatsinghpur Municipality

OIPR-13001/13087/1/26-27/0010

TENDER NOTICE

People's Cultural Centre, Bhubaneswar invites E quotation from interested and eligible bidders for the supply of the following materials:Food basket, Tarpaulin, Portable solar lamp, , blanket, Umbrella , Floor mat, paddy seeds & black gram by 4.11.2026

Interested bidders are requested to visit the official website www.pecuc.org for detailed information, specifications, terms and conditions, and the complete tender notice.

S/d
Secretary- PECUC

ବାତ୍ୟା ଅର୍ଣ୍ଣବର ପ୍ରଭାବ: ଲଗାଣ ବର୍ଷା ଯୋଗୁଁ ଫିକା ପଡିଲା ମା' ଗଜଲକ୍ଷ୍ମୀଙ୍କ ପୂଜା

କଣ୍ଟିଲୋ, ୨୯।୧୦(ନି.ପ୍ର): ବାତ୍ୟା 'ଅର୍ଣ୍ଣବ' ର ପ୍ରଭାବରେ ଗତ ୩ ଦିନ ଧରି ଖଣ୍ଡପଡ଼ା ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି। ଫଳରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ପୁରା ଫିକା ପଡିଯାଇଛି। ପ୍ରତିକୂଳ ପାଗ ଯୋଗୁଁ ପୂଜା ମଣ୍ଡପ ଗୁଡିକ ଖାଁ ଖାଁ ଲାଗୁଥିବା ବେଳେ ପୂଜା କମିଟିର କର୍ମକର୍ତ୍ତାମାନେ ଏ ନେଇ ଚିନ୍ତାରେ ପଡି ଯାଇଛନ୍ତି। ସବୁ ପୂଜା ମଣ୍ଡପ ନିକଟରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ସାଜସଜ୍ଜା ବର୍ଷାରେ ଭିଜୁଥିବା ବେଳେ ଶେଷ ମୁହୂର୍ତ୍ତରେ ଆୟୋଜିତ ହେବାକୁ ଥିବା ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି ସମସ୍ତ ପୂଜା କମିଟିର ସଦସ୍ୟମାନେ। ଲଗାଣ ବର୍ଷା ଯୋଗୁଁ ସବୁ କିଛି ନଷ୍ଟ ହୋଇଯାଇଛି। ପୂଜା କମିଟିର ସଦସ୍ୟମାନଙ୍କ ମନରେ ନୈରାଶ୍ୟ ଭାବ ସୃଷ୍ଟି ହୋଇଥିବା ବେଳେ ଆସନ୍ତା ଶୁକ୍ରବାର ୩୦ ତାରିଖରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଭିନ୍ନ ପୂଜା କମିଟିର ସଦସ୍ୟମାନଙ୍କଠାରୁ ପ୍ରକାଶ। ସେହିପରି ତୁହାକୁ ତୁହା ବର୍ଷା ସାଧାରଣ ଜନଜୀବନକୁ ବେଶ ପ୍ରଭାବିତ କରିଥିବା ବେଳେ ବିଭିନ୍ନ ସ୍ଥାନକୁ ଜନସାଧାରଣ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି। ଗତ ୩ ଦିନ ମଧ୍ୟରେ ଖଣ୍ଡପଡ଼ା ଅଞ୍ଚଳରେ ୭୮.୨ ମିଲି ମିଟର ବର୍ଷା ରେକର୍ଡ ହୋଇଥିବା ନେଇ ଖଣ୍ଡପଡ଼ା ସହରସ୍ଥିତ କେନ୍ଦ୍ରୀୟ ଜଳ ଆୟୋଗଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ସିପିଏସଇ ପରୀକ୍ଷା ପାଇଁ ତଥ୍ୟ ଯାଞ୍ଚ ଅବଧି ନଭେମ୍ବର ୮କୁ ବୃଦ୍ଧି

ଭୁବନେଶ୍ୱର, ୨୯।୧୦: ମିଳିତ ପୋଲିସ୍ ସେବା ପରୀକ୍ଷା-୨୦୨୪ (ସିପିଏସଇ-୨୦୨୪) ଅନ୍ତର୍ଗତ ଉପ-ନିରୀକ୍ଷକସ୍ତରୀୟ ପରୀକ୍ଷା ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନଙ୍କ ନିମନ୍ତେ ନିଜର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ ତଥା ବୈଧୀକରଣ କରିବାର ସମୟସୀମାକୁ ଆଉ ୧୦ ଦିନ ବୃଦ୍ଧି କରାଯାଇଛି । ଏବେ ପ୍ରାର୍ଥୀମାନେ ଆସନ୍ତା ନଭେମ୍ବର ୮ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରିବେ । ଓଡିଶା ୟୁନିଫର୍ମଡ୍ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସଏସସି) ପକ୍ଷରୁ ସମସ୍ତ ପ୍ରାର୍ଥୀଙ୍କୁ, ବିଶେଷତଃ ବୟସ କୋହଳ ବ୍ୟବସ୍ଥା ଅନ୍ତର୍ଗତ ଯୋଗ୍ୟ ପ୍ରାର୍ଥୀଙ୍କ ସମେତ, ଯେଉଁମାନେ ୨୦୨୫ ମସିହାରେ ବିଜ୍ଞାପିତ ମିଳିତ ପୋଲିସ୍ ସେବା ପରୀକ୍ଷା-୨୦୨୪ ଥଉପ-ନିରୀକ୍ଷକ ସ୍ତରୀୟ ପରୀକ୍ଷାଧ ପାଇଁ ଆବେଦନ କରିଥିଲେ, ସେମାନଙ୍କୁ ଆୟୋଗଙ୍କ ୱେବସାଇଟ୍ ଏଚଟିପିପିଏସ୍ :// ଓୟୁଏସଏସଏସସି.ଓଡ଼ିଶା.ଜିଓଭି.ଇନ୍ ରେ ନିଜର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ/ ବୈଧୀକରଣ କରିବାର ଶେଷ ତାରିଖ ଆଉ ୧୦ (ଦଶ) ଦିନ ବୃଦ୍ଧି କରାଯାଇ ତା୦୮.୧୧.୨୦୨୬ ରିଖ ରାତି ୧୦.୦୦ ଘଟିକା ପର୍ଯ୍ୟନ୍ତଧାର୍ଯ୍ୟ କରାଯାଇଥିବା ଜଣାଇ ଦିଆଯାଇଛି। ସମସ୍ତ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଆୟୋଗଙ୍କ ୱେବସାଇଟ୍ ରେ ଲଗ୍ ଇନ୍ କରି ଧାର୍ଯ୍ୟ ସମୟସୀମା ମଧ୍ୟରେ ନିଜର ପ୍ରମାଣପତ୍ର ଓ ତଥ୍ୟ ଅଦ୍ୟତନ/ ବୈଧୀକରଣ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଅଦ୍ୟତନ/ ବୈଧୀକରଣ କରାଯାଇଥିବା ତଥ୍ୟ ସିପିଏସଇ-୨୦୨୪ ପରୀକ୍ଷାର ପରବର୍ତ୍ତୀ ସମସ୍ତ ପର୍ଯ୍ୟାୟ ପାଇଁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯିବ।

ଭେଡ଼େନ ନଦୀରେ ୧୨୬ କୋଟିର ଜଳ ସଂରକ୍ଷଣ ପ୍ରକଳ୍ପକୁ ମଞ୍ଜୁରି, କୃଷକଙ୍କ ମଧ୍ୟରେ ନୂଆ ଆଶା

ଝାରସୁଗୁଡ଼ା, ୨୯।୧୦: କୃଷକଙ୍କ ସମୃଦ୍ଧି ଓ କୃଷି କ୍ଷେତ୍ରର ବିକାଶ ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ। ରାଜ୍ୟରେ ସରକାର ଗଠନ ପରଠାରୁ କୃଷି ଓ କୃଷକଙ୍କ ଉନ୍ନତିକୁ ପ୍ରାଥମିକତା ଦେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିସହ ଜଳ ସଂରକ୍ଷଣ ଓ ଜଳସେଚନ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଥିବା କହିଛନ୍ତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ଏହି କ୍ରମରେ ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ବ୍ଲକ୍ ଅନ୍ତର୍ଗତ ସମାସିଂହା ପଂଚାୟତବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ଭେଡ଼େନ ନଦୀ ଉପରେ ୧୨୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବୃହତ୍ ଜଳ ସଂରକ୍ଷଣ ପ୍ରକଳ୍ପକୁ ରାଜ୍ୟ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଟେଣ୍ଡର ମଧ୍ୟ ଆହ୍ୱାନ କରାଯାଇଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଅଂଚଳରେ ଜଳସେଚନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ଜଳ ସଂରକ୍ଷଣରେ ଉନ୍ନତି ଆସିବ। ଏହାଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ପାଇବା ସହ ଚାଷୀଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆସିବାର ଆଶା ରହିଛି। ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଥିବାରୁ ସ୍ଥାନୀୟ ଅଂଚଳରେ ଏହି ପ୍ରକଳ୍ପକୁ ନେଇ ନୂତନ ଆଶା ସଂଚାର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ରାଜ୍ୟ ସରକାର ଜଳସେଚନ ଭିତ୍ତିଭୂମିର ବିକାଶ, ଜଳସମ୍ପଦର ସୁବିନିଯୋଗ ଓ କୃଷକଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ନିରନ୍ତର ପ୍ରୟାସ କରୁଥିବାରୁ ବିଧାୟକ ଟଙ୍କଧର ତ୍ରିପାଠୀ କୃତଜ୍ଞତା ଜଣାଇଛନ୍ତି। ଏହି ଜଳ ସଂରକ୍ଷଣ ପ୍ରକଳ୍ପ ଅଂଚଳର କୃଷି କାର୍ଯ୍ୟକୁ ନୂତନ ଗତି ଦେବା ସହ ଜଳସମ୍ପଦର ସଠିକ୍ ଉପଯୋଗ, କୃଷି ଉତ୍ପାଦନ ବୃଦ୍ଧି ଓ ଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା କ୍ଷେତ୍ରରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ବିଧାୟକ ଶ୍ରୀ ତ୍ରିପାଠୀ ଆଶା ପ୍ରକାଶ କରିଛନ୍ତି।

ରାଜକିଆରୀ ଛକରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା

କଣ୍ଟିଲୋ, ୨୯।୧୦(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତର ରାଜକିଆରୀ ଛକରେ ଦୀର୍ଘଦିନ ଧରି ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଫେଲ ମାରିଥିବାରୁ ଅଞ୍ଚଳବାସୀ ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରି ଆସୁଥିଲେ। ତେବେ ଏ ସଂପର୍କରେ ଗତ କିଛି ଦିନ ତଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ

ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଯୁଦ୍ଧକାଳୀନ ଭିତ୍ତିରେ ରାଜକିଆରୀ ଛକରେ ପ୍ରଶାସନ ଏକ ହାଇମାକ୍ସ ଲାଇଟର ବ୍ୟବସ୍ଥା କରିବା ପରେ ଅଞ୍ଚଳବାସୀ ଏ ନେଇ ଆନନ୍ଦ ପ୍ରକାଶ କରିଛନ୍ତି। ପ୍ରକାଶଥାଉକି ରାଜକିଆରୀ ଛକଟି ୪୮ନଂ ରାଜ୍ୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ହୋଇଥିବା ବେଳେ ରାତି ତମାମ ଉକ୍ତ ଛକ ଦେଇ ଏକାଧିକ ଦୂରଗାମୀ ଯାତ୍ରିବାହୀ ବସ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାଏ।

ଖୋର୍ଦ୍ଧାରୋଡ୍ ମଣ୍ଡଳ ପକ୍ଷରୁ ସତର୍କତା ସଚେତନତା

ଜଟଣୀ, ୨୯।୧୦(ନିପ୍ର): ସତର୍କତା ସଚେତନତା ସପ୍ତାହ ୨୦୨୬ ଅବସରରେ, ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ୍ ମଣ୍ଡଳର କାର୍ମିକ ବିଭାଗ ପକ୍ଷରୁ ଖୋର୍ଦ୍ଧାରୋଡ୍‌ସ୍ଥିତ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ବୈଠକ କକ୍ଷରେ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ମାନବିକୀ ଓ ସାମାଜିକ ବିଜ୍ଞାନ ବିଦ୍ୟାଳୟର ସହଯୋଗୀ ପ୍ରଫେସର ଅମରେନ୍ଦ୍ର ଦାସ ଉଦ୍‌ବୋଧନ ଦେଇଥିଲେ। ସେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଅନୁଗୋଳ ଜିଲ୍ଲାରେ ଏମସିଏଲ୍ ପକ୍ଷରୁ

୨୧ କୋଟିରୁ ଅଧିକ ମୂଲ୍ୟର ତିନୋଟି ସିଏସ୍‌ଆର ପ୍ରକଳ୍ପକୁ ମଞ୍ଜୁରି

ସମ୍ବଲପୁର, ୨୯।୧୦: ମହାନଦୀ କୋଲଫିଲ୍ଡ ଲିମିଟେଡ୍ (ଏମସିଏଲ୍) ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) ପଦକ୍ଷେପ ଅଧୀନରେ ଅନୁଗୋଳ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ମଜଭୁତ କରିବା, ସାମାଜିକ ସୁବିଧା ବିକଶିତ କରିବା ଏବଂ ଜନସ୍ୱାସ୍ଥ୍ୟ ସଚେତନତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ତିନୋଟି ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛି। ଏମସିଏଲ୍ ପକ୍ଷରୁ ସିଏସ୍‌ଆର ମହାପ୍ରବନ୍ଧକ ଜ୍ୟୋତିର୍ମୟ ସିହ୍ନା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଗୋଳ ଜିଲ୍ଲାପାଳ ତଥା ଜିଲ୍ଲାପାଳ ଅବଦଲ ଏମ୍. ଅଖତର ଏହି ପ୍ରକଳ୍ପଗୁଡ଼ିକ ପାଇଁ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି। ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲ (ପିଏମପିଏମସିଏଚ୍)ର ମରାମତି ଏବଂ ନବୀକରଣ ନିମନ୍ତେ ଏମସିଏଲ୍ ପକ୍ଷରୁ ୧୮ କୋଟି ଟଙ୍କାର ଆର୍ଥିକ ସହାୟତା ଯାଇଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ମଜଭୁତ କରିବା ଏବଂ ଡାକ୍ତରଖାନାରେ ମେଡିକାଲ ସୁବିଧାଗୁଡ଼ିକର ଉନ୍ନତିଆଡ଼କୁ ସମର୍ଥନ କରିବା, ଯାହାକି ଏହି ଅଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସହାୟକ ହେବ। ଏହି ପ୍ରକଳ୍ପ ଏମସିଏଲର କାର୍ଯ୍ୟକ୍ଷେତ୍ରରେ ଜନସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସମର୍ଥନ କରିବା ଏବଂ ଅତ୍ୟାବଶ୍ୟକ ଡାକ୍ତରଖାନା ସେବାଗୁଡ଼ିକୁ ସୁନିଶ୍ଚିତ କରିବା ଦିଗରେ କମ୍ପାନୀର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଏ। ଛେଳିଆପଡ଼ାଠାରେ ଏକ ବହୁମୁଖୀ ସାମୁହିକ ଭବନ (କମ୍ୟୁନିଟି ହଲ) ନିର୍ମାଣ ପାଇଁ ଏମସିଏଲ୍ ୩.୨୦ କୋଟି ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରିଛି। ଏହି ସୁବିଧାଟି ସାମୁହିକ ଏକତ୍ରୀକରଣ, ବୈଠକ ଏବଂ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକଳାପ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଯୋଗାଇବ, ଯାହା ଦ୍ୱାରା ସ୍ଥାନୀୟ ନାଗରିକ ଭିତ୍ତିଭୂମି ଅଧିକ ମଜଭୁତ ହେବ। ଏହି ପ୍ରକଳ୍ପ ଅଧୀନରେ ସାମୂହିକ କାର୍ଯ୍ୟକଳାପ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ପାଇଁ ଏକ କାର୍ଯ୍ୟକ୍ଷମ ପରିସର ସୃଷ୍ଟି କରିବା ନିମନ୍ତେ ଆବଶ୍ୟକୀୟ ସିଭିଲ୍, ଷ୍ଟ୍ରକଚରାଲ୍ ଏବଂ ଆନୁଷଙ୍ଗିକ ଭିତ୍ତିଭୂମି କାମ କରାଯିବ। ଜନସ୍ୱାସ୍ଥ୍ୟ ସଚେତନତା ଅଭିଯାନର ଏକ ଅଂଶ ଭାବେ, ଏମସିଏଲ୍ ଅନୁଗୋଳ ଜିଲ୍ଲାର ପାଲଲହଡ଼ା, କଣିହାଁ, ଆର.କେ. ନଗର ଏବଂ ଆଠମଲ୍ଲିକ ବ୍ଲକର ୩୨ଟି ଚିହ୍ନଟ ଗ୍ରାମରେ ୩୨ଟି ଏଚ୍‌ଆଇଭି ସଚେତନତା ଏବଂ ସ୍କ୍ରିନିଂ ଶିବିର ଆୟୋଜନ କରିବା ପାଇଁ ୬.୫୬ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଏଚ୍‌ଆଇଭି/ଏଡ୍‌ସ୍ ବିଷୟରେ ସଚେତନତା ସୃଷ୍ଟି କରିବା, ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍କ୍ରିନିଂକୁ ସହଜ କରିବା। ଏହି ସଚେତନତା କାର୍ଯ୍ୟକ୍ରମ ଏବଂ ସ୍କ୍ରିନିଂ ଶିବିରଗୁଡ଼ିକରୁ ପ୍ରାୟ ୫୦,୦୦୦ ବାସିନ୍ଦା ଉପକୃତ ହେବେ ବୋଲି ଆଶା କରାଯାଉଛି।

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ: eT-M-Adv-UGC-49-PUI-2026

କାର୍ଯ୍ୟର ନାମ: 2 ବର୍ଷର ଅବଧି ପାଇଁ ପୁରୀ କୋଚିଂ ଡିପୋଠାରେ ସ୍ୱତନ୍ତ୍ର ଉଦ୍ଦେଶ୍ୟ ମେସିନ୍ (SPECIAL PURPOSE MACHINE) ବ୍ୟବହାର କରି LHB କୋଚ୍‌ଗୁଡ଼ିକର ଅଣ୍ଡରଗିଅର୍‌ର ଉନ୍ନତ ଯାନ୍ତ୍ରିକ ସଫେଇ।

ବିଜ୍ଞାପିତ ମୂଲ୍ୟ : ₹5,12,87,003.04, EMD: ₹ 4,06,400.00, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹11,800, ଶେଷ ହେବା ଅବଧି: 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ: ତା 03.11.2026 ରିଖ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.17.11.2026 ରିଖ 13:00 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍: www.ireps.gov.in ରେ ଉପଲବ୍ଧ ଅଟେ।

ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଂଜିନିୟର/ ପୁରୀ

PR-518/R/26-27

Printed and Published by Arun Kumar Dash on behalf of M/s SURYO MEDIA PVT. LIMITED and Printed at M/s SURYO MEDIA PVT. LIMITED, Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ